

‘ଲଢ଼େଇ’ରେ ଅଭିଲିପ୍ସା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-44 • THURSDAY • 7 AUGUST 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୪୪ • ଗୁରୁବାର • ୭ ଅଗଷ୍ଟ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ବାଲେଶ୍ୱର, ବଲାଙ୍ଗୀ ପରେ ପଟ୍ଟାମୁଣ୍ଡାଇ

# ନିଜକୁ ଜାଳିଦେଲେ ଆଉ ଜଣେ ଛାତ୍ରୀ



■ **ପଟ୍ଟାମୁଣ୍ଡାଇ, ୬।୮ (ସମିସ):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ବଲାଙ୍ଗୀରେ ଜଣେ ନାବାଳିକାଙ୍କୁ ପୋଡ଼ିକୁ ନେଇ ରାଜ୍ୟରେ ରୋଷର ନିଆଁ ଜଳୁଛି। ଏହି ସମୟରେ ପଟ୍ଟାମୁଣ୍ଡାଇରେ ଜଣେ କଲେଜ ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୁରୁଷ ବନ୍ଧୁର ଉତ୍ପୀଡ଼ନରେ ଅତିଷ୍ଠ ସମ୍ପୃକ୍ତ ଛାତ୍ରୀ ଏ ସଂକ୍ରାନ୍ତରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ବିଡ଼ମ୍ବନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଲାନାହିଁ, ଏପଟେ ଉତ୍ପୀଡ଼ନ ଅତିଷ୍ଠ ହେଲା । ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ଛାତ୍ରୀଜଣକ ନିଜ ଦେହରେ କିରାସିନି ଢ଼ାଳି ନିଆଁ ଲଗାଇ ଦେଲେ।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶୀକାନ୍ତ ପରିଡାଙ୍କ ଝିଅ ସଙ୍ଗୀତା ବଡ଼ପଡ଼ା କଲେଜରେ +୩ ଶେଷବର୍ଷ କଳାରେ ପାଠ ପଢୁଥିଲେ। ଆଜି ସକାଳ ୭.୩୦ ମିନିଟ ସମୟରେ ସଙ୍ଗୀତାଙ୍କ ବାପାମାଆ କୌଣସି କାମରେ ପଟ୍ଟାମୁଣ୍ଡାଇ ଯାଇଥିଲେ ଓ ଘରେ ଝିଅ ସଙ୍ଗୀତା ଏକୁଟିଆ ଥିଲେ। ମାତ୍ର ଘରକୁ ଫେରିବା ପରେ ବାପାମାଆ ସଂଗୀତାଙ୍କ କୋଠରୀ ଭିତରୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ବହୁ ଡକାଡକି ପରେ ସେ କବାଟ ନ ଖୋଲିବାରୁ ବାଧ ହୋଇ କବାଟ ଭାଙ୍ଗି ସେମାନେ ଘର ଭିତରେ ପଶିଥିଲେ। ମାତ୍ର ଘରଭିତରେ ସଙ୍ଗୀତାଙ୍କ ବଦଳରେ ମିଳିଥିଲା ତାଙ୍କର ପୋଡ଼ା ଶରୀର। ଘର ସାରା କିରାସିନି ଗନ୍ଧ ହେଉଥିବାରୁ ସେ ଦେହରେ କିରାସିନି ଢ଼ାଳି ହୋଇ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି । ମାତ୍ର ପୁଲିସ ମାମଲାକୁ ଗୁରୁତ୍ୱ ଦେଇ ନଥିଲା ବୋଲି ସଙ୍ଗୀତାଙ୍କ ବାପା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଜଣେ ପୁଲିସ କର୍ମଚାରୀଙ୍କ ବିବାଦୀୟ ଭୂମିକାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ମାତ୍ର ଏହି ଘଟଣାରେ

▶▶ **ପୁରୁଷ ବନ୍ଧୁଙ୍କ ଉତ୍ପୀଡ଼ନ, ପୁଲିସ ବେଫିକର**

▶▶ **ଦେହରେ କିରାସିନି ଢାଳି ଲଗାଇଦେଲେ ନିଆଁ**

▶▶ **ଭିଡିଓ ଭାଇରାଲ ଧମକ ଦେଉଥିଲା ପ୍ରେମିକ**

▶▶ **ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ୍ ଟିମ୍**

ସଙ୍ଗୀତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତେରୋହି ଗ୍ରାମର ଜଣେ ଯୁବକ ସଙ୍ଗୀତାକୁ ଭଲ ପାଉଥିଲା। ମାତ୍ର ପରିବାର ଲୋକମାନେ ଏହାକୁ ସ୍ୱୀକୃତି ଦେଉ ନ ଥିଲେ। ଉକ୍ତ ଯୁବକ ଜଣକ ସଙ୍ଗୀତାଙ୍କ କେତେକ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରି ଏହାକୁ ଭାଇରାଲ କରିଦେବାକୁ ଧମକ ଦେଉଥିଲେ। ତେଣୁ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ପରିବାର ଲୋକେ ୪ ମାସ ତଳେ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପୁଲିସର କୌଣସି ଭୂମିକା ନାହିଁ ଓ ସଙ୍ଗୀତାଙ୍କ ପରିବାର ପକ୍ଷରୁ କୌଣସି ଏତଲା ଦିଆଯାଇ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଛାତ୍ରୀ ଆତ୍ମହତ୍ୟା ଖବର ପାଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କା, ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ▶ପୃଷ୍ଠା-୭

**ଟ୍ରମ୍ପଙ୍କ ଡବଲ୍ ଛାଟ**

# ଭାରତକୁ ୫୦% ଶୁଳ୍କ

## ଦୃଢ଼ ପ୍ରତିବାଦ ଜଣାଇଲା ଭାରତ, ଆମେ ଡରିବୁ ନାହିଁ

■ **ୱାସିଂଟନ, ୬।୮ (ଏଜେନ୍ସି):** ଭାରତ ବିରୋଧରେ ପୁଣି ଶୁଳ୍କ ଯୁଦ୍ଧ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ଆମେରିକାର ବାରଣ ସତ୍ତ୍ୱେ ଭାରତ ରୁଷରୁ ଅଶୋଧିତ ତେଲ ଓ ସାମରିକ ଅସ୍ତ୍ର କିଣିବା ଜାରି ରଖିଥିବାରୁ ଭାରତୀୟ ସାମଗ୍ରୀ ଉପରେ ଆଜି ଆହୁରି ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଏହାକୁ ମିଶାଇ ଭାରତୀୟ ସାମଗ୍ରୀ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲାଗୁ କଲେଣି ଟ୍ରମ୍ପ। କେବଳ ଏତିକି ନୁହେଁ, ଆବଶ୍ୟକ ପଡ଼ିଲେ ଭାରତ ଉପରେ ଆହୁରି ଶୁଳ୍କ ଧାର୍ଯ୍ୟ କରିବାକୁ ମଧ୍ୟ ସେ ଧମକ ଦେଇଛନ୍ତି।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟର ପ୍ରତିବାଦ ଜଣାଇଛି ଭାରତ। ଭାରତ ପକ୍ଷରୁ ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନକୁ ଦୁର୍ଭାଗ୍ୟଜନକ ବର୍ଣ୍ଣନା



**ଅତିରିକ୍ତ ୨୫% ଶୁଳ୍କ ଲଗାଇଲେ ଟ୍ରମ୍ପ**

**ଭାରତ ହରାଇବ ଜିଡିପିର ୧ ପ୍ରତିଶତ**

କରିବା ସହିତ ସ୍ପଷ୍ଟ କରିଦେଇଛି ଯେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଯାହା ଉଚିତ ସେହି ଅନୁସାରେ ପଦକ୍ଷେପ ନିଆଯିବ। ଆମେରିକାର ଧମକ ଆଗରେ ଭାରତ ଡରିବ ନାହିଁ କି ନଇଁଯିବ ନାହିଁ।

ସୂଚନାଯୋଗ୍ୟ ଯେ ୟୁରୋପ ସମେତ ଅନେକ ରାଷ୍ଟ୍ର ରୁଷ ସହିତ ଏବେ ବି ବାଣିଜ୍ୟ କାରବାର ଚଳାଇଥିବା ବେଳେ କେବଳ ଭାରତ ବିରୋଧରେ ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟ ସମସ୍ତଙ୍କୁ ବିସ୍ମିତ କରିଛି। ଚୀନ ଆମେରିକାର ପାରମ୍ପରିକ ଶତ୍ରୁ ହୋଇଥିଲେ ମଧ୍ୟ ସେହି ଦେଶ ବିରୋଧରେ ଏତେ କଠୋର ହୋଇ ନାହାନ୍ତି ଟ୍ରମ୍ପ। ଅନ୍ୟପକ୍ଷରେ ଚୀନ ତୁଳନାରେ ଭାରତ ଉପରେ ୨୦ ପ୍ରତିଶତ ଅଧିକ ଶୁଳ୍କ ଧାର୍ଯ୍ୟ କରିଥିବା ବେଳେ ପାକିସ୍ତାନ ତୁଳନାରେ ୩୧ ପ୍ରତିଶତ ଅଧିକ ଶୁଳ୍କ ଭାରତ ଉପରେ ଧାର୍ଯ୍ୟ କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ଏସଂକ୍ରାନ୍ତ ଆଦେଶରେ ଟ୍ରମ୍ପଙ୍କ ପକ୍ଷରୁ କୁହାଯାଇଛି ଯେ ▶ପୃଷ୍ଠା-୭

**ବିହାର ଭୋଟର ତାଲିକା ସଂଶୋଧନ**

## ନିର୍ବାଚନ କମିସନଙ୍କୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

# ୬୫ ଲକ୍ଷର ହିସାବ ଦିଅ

■ **ନୂଆଦିଲ୍ଲୀ, ୬।୮ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେ ସଂପର୍କରେ ତଥ୍ୟ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ଶନିବାର ସୁଦ୍ଧା ପୂର୍ଣ୍ଣାଙ୍ଗ ତଥ୍ୟ ଦେବାଲାଗି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ବିଭିନ୍ନ ରାଜନୈତିକ ଦଳଙ୍କୁ ତଥ୍ୟ ଦେଇଥିବା ବେଳେ ଅନ୍ୟତମ ଆବେଦନକାରୀ ଏଡିଆର୍‌କୁ ମଧ୍ୟ ଏହି ତଥ୍ୟ ଦେବାକୁ ପଡ଼ିବ।

ଆଜି ଏହି ମାମଲାର ଶୁଣାଣି ବେଳେ ଏଡିଆର ନାମକ ଏନ୍‌ଜିଓ ପକ୍ଷରୁ କୁହାଯାଇଥିଲା ଯେ କମିସନ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ସେଥିରେ ଅନେକ ବିଭ୍ରାନ୍ତି ରହିଛି। କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ଏବଂ କେଉଁମାନେ



**୭୫ ଭାଗ ଭୋଟରଙ୍କୁ ନେଇ ପ୍ରଶ୍ନ ଉଠାଇଲେ ଆବେଦନକାରୀ**

ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ ନିର୍ବାଚନ କମିସନ। ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜଳ ଭୂୟାଁ ଏବଂ ଜଷ୍ଟିସ କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଶୁଣାଣି ବେଳେ କହିଛନ୍ତି ଯେ କମିସନ କେବଳ ଚିଠାପ୍ରସ୍ତାବ ଜାରି କରିଛନ୍ତି। ପରବର୍ତ୍ତୀ ସମୟରେ ଏହା ଉପରେ ବିଚାର କରାଯିବ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ନିର୍ଦ୍ଦିଷ୍ଟ ତଥ୍ୟ ଦେଉ ନାହାନ୍ତି। ମାନ୍ୟବର ବେଞ୍ଚ ନିର୍ବାଚନ କମିସନଙ୍କ ଓକିଲଙ୍କୁ କହିଲେ ଯେ ତାଲିକା ସଂଶୋଧନ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପ୍ରତ୍ୟେକ ଭୋଟରଙ୍କ ସଂପର୍କରେ ଆମକୁ ତଥ୍ୟ ଦରକାର। ତେଣୁ ଆସନ୍ତା ଶନିବାର ସୁଦ୍ଧା ଉତ୍ତର ଦାଖଲ କରିବା ଲାଗି କମିସନଙ୍କୁ ନିର୍ଦ୍ଦେଶ ▶ପୃଷ୍ଠା-୭

## ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ; ୩ ଗିରଫ

■ **ଅନୁଗୋଳ/ଛେଣ୍ଡିପଦା, ୬।୮ (ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଯୁବକ ଥିବାବେଳେ ଅନ୍ୟ ଦୁଇଜଣ ନାବାଳକ ବୋଲି ଜଣାପଡ଼ିଛି।



ସୂଚନାନୁଯାୟୀ, ପାଲଲହଡ଼ା ଥାନା ଅଞ୍ଚଳର ଜନୈକା ମହିଳା ତାଙ୍କ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଗତ ୩ ତାରିଖରେ ଆସିଥିଲେ। ଅପରାହ୍ଣ ପ୍ରାୟ ୩ ଟାରେ ସେ ତାଙ୍କ ଭଣଜା ସହିତ ବାଇକ୍‌ରେ ଚାରିବାଟି ପେଟ୍ରୋଲ ପମ୍ପ ନିକଟରୁ ତେଲ ପକାଇ ଫେରୁଥିଲେ। ବାରମଞ୍ଚାର ରାସ୍ତାରେ ଏକ ଟ୍ରାକ୍ଟର ଧରି କିଛି ଶ୍ରମିକ ଗାଡ଼ି ଅଟକାଇ ସମ୍ପର୍କୀୟ ଯୁବକଙ୍କୁ ମାଡ଼ମାରି ମହିଳାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇଥିଲେ। ସେଠାରେ ୩ ଯୁବକ ଗଣଦୁଷ୍କର୍ମ କରିବା ପରେ ଟ୍ରାକ୍ଟର ଧରି ଚମ୍ପଟ ମାରିଥିଲେ। ସେହିଦିନ ପୀଡ଼ିତା ଓ ତାଙ୍କ ଭଣଜା ପଳାଇ ଯାଇଥିଲେ। ପରେ ୫ ତାରିଖ ଦିନ ପୀଡ଼ିତା ବାଗଡିଆ ଥାନା ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ▶ପୃଷ୍ଠା-୭

# ଦୁର୍ଘଟଣାରେ ଗଲା ୫ ଜୀବନ

## ଟ୍ରେଲର୍ ଚକା ତଳେ ପଡ଼ି ୨ ବାଇକ୍ ଆରୋହୀ ମୃତ

## ଟ୍ରକ୍ ଧକ୍କାରେ ଚାଲିଗଲା ପରିବାରର ୩ ଜୀବନ

■ **ବୁଗୁଡ଼ା/ତେଲକୋଇ, ୬।୮ (ସମିସ):** ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ଆଜି ୫ ଜଣଙ୍କ ପ୍ରାଣହାନୀ ଘଟିଛି। ଗଞ୍ଜାମ ଜିଲ୍ଲା ବୁଗୁଡ଼ାରେ ବାଇକ୍-ବୁଲେଟ୍ ଧକ୍କା ହେବା ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲା ଜଗମୋହନପୁରଠାରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେବା ଫଳରେ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଛି।

ବୁଗୁଡ଼ା ନିକଟସ୍ଥ ଷୋଳମାଇଲିଠାରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଓ ବୁଲେଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାପରେ ପାଖରେ ଆସୁଥିବା ଟ୍ରେଲର୍ ଚକାତଳେ ପଡ଼ି ୨ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ବୁଲେଟ୍ ଚାଳକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଶଶାଙ୍କ ମହାରଣା (୪୩) ଓ ସୁବୁଦ୍ଧିପଲ୍ଲୀର ଖଦାଳ ମହାରାଣା(୭୯)। ଗୁରୁତର ଜଣକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଶିଶୁଣ୍ଡା ଗ୍ରାମର ଲକ୍ଷ୍ମୀଧର ବେହେରା।

ବୁଧବାର ସକାଳେ ଶଶାଙ୍କ ଓ ତାଙ୍କର ବଡ଼ବାପା ଖଦାଳ ବାଇକ୍‌ରେ ବନ୍ଧୁଘର ପଙ୍କଲବାଡ଼ି ଗାଁକୁ ଯାଉଥିବାବେଳେ ବାଲିପଦର ପଟୁ ଆସୁଥିବା ଲକ୍ଷ୍ମୀଧରଙ୍କ ବୁଲେଟ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ବସିଥିବା ଶଶାଙ୍କ ଓ ଖଦାଳ ବାଲିପଦର ପଟୁ ବୁଗୁଡା ଆଡ଼କୁ ଆସୁଥିବା ଏକ ଲୁହାଛଡ଼ ବୋଝେଇ ଟ୍ରେଲର୍ ପଛ ଚକ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଶଶାଙ୍କଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ଥାନୀୟ ଲୋକେ ଖଦାଳ ଓ ଲକ୍ଷ୍ମୀଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ତେବେ ସେଠାରେ ଚିକିତ୍ସାବେଳେ ଖଦାଳଙ୍କ ମୃତ୍ୟୁ ଘଟିଥିଲା। ▶ପୃଷ୍ଠା-୭




## ହାତୀ ପାଇଁ ହଙ୍ଗାମା: ଅମ୍ବାନୀଙ୍କ ଚିଡ଼ିଆଖାନାକୁ ପଠାଇବାକୁ ବିରୋଧ

ମୁମ୍ବଇ, ୬।୮ (ଏଜେନ୍ସି): ତିନି ବର୍ଷ ବୟସରୁ ଲୋକଙ୍କ ଗହଣରେ ରହି ଆସୁଥିଲା। ଅନାବିଳ ସ୍ନେହ ପାଉଥିଲେ। ପର୍ବପର୍ବାଣୀ ହେଉ ଅବା କୌଣସି ଶୁଭକାର୍ଯ୍ୟ ସବୁଥିରେ ତାକୁ ଲୋଡା ହେଉଥିଲା। ୩୩ ବର୍ଷ ହେଲା ଧାର୍ମିକ ଶୋଭାଯାତ୍ରାର ଶୋଭା ମଣ୍ଡନ କରୁଥିଲା। ଲୋକଙ୍କ ଭାବାବେଗ ସହ ଜଡ଼ିତ ଥିଲା। ଲୋକେ ନିଜ ସନ୍ତାନ ପରି ତାକୁ ପାଳୁ ଥିଲେ। ମାତ୍ର ଏକ ସଂଗଠନ ଏହା ସହି ପାରି ନ ଥିଲା। ଅସୁସ୍ଥ ଏବଂ ଯନ୍ତ୍ରଣା ଦିଆଯାଉଥିବା ଦର୍ଶାଇ ନିମ୍ନ କୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶରେ ଲୋକଙ୍କଠାରୁ ତାକୁ ଦୂରକୁ ନେଇ ଯାଇଥିଲା। ତାକୁ ନେବା ସମୟରେ ଲକ୍ଷାଧିକ ଲୋକ ଏକାଠି ହୋଇଥିଲେ। ଅଶ୍ରୁଭରା ନୟନରେ ବିଦାୟ ଦେଇଥିଲେ। ଏହି କାହାଣୀ କୌଣସି ମନୁଷ୍ୟର ନୁହେଁ, ଏକ ହାତୀର। ଏହି ହାତରୀ ନାମ ମହାଦେବୀ। ଲୋକେ ତାକୁ ଶ୍ରଦ୍ଧାରେ ମାଧୁରୀ ଡାକନ୍ତି। ମାଧୁରୀ ମହାରାଷ୍ଟ୍ର କୋହ୍ଲାପୁରରେ ନନ୍ଦିନୀ ମଠରେ ରହୁଥିଲା। ଏହି ହାତୀ ପାଇଁ ଏବେ ସାରା ଅଞ୍ଚଳ କାନ୍ଦୁଛି। ଲୋକେ ତାକୁ ଫେରାଇ ଆଣିବା ପାଇଁ ନିରବ ପ୍ରତିବାଦ କରୁଛନ୍ତି।



ସାମାଜିକ ଗଣମାଧ୍ୟମରେ ହାସ୍‌ଟ୍ୟାଗ୍ ଚଲାଇ ମୁକେଶ ଅମ୍ବାନୀଙ୍କ ବନ୍‌ତାରାରୁ ଫେରାଇ ଆଣିବାକୁ ଦାବି କରୁଛନ୍ତି। ଏନ୍‌ଜିଓ ପେଟା ସହ ମିଶି ଷଡ଼ଯନ୍ତ୍ର କରି ଏହି ଶିଳ୍ପପତି ହାତୀକୁ ବନତାରାକୁ ନେଇ ଯାଇଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ହଜାର ହଜାର ଲୋକେ ମୁକେଶ ଅମ୍ବାନୀଙ୍କ ଜିଓ ସିମ୍ ଚଲାଉ ନାହାନ୍ତି। ଏହାକୁ ପୋର୍ଟ କରି ଅନ୍ୟ କମ୍ପାନୀକୁ ନେଇ ଯାଇଛନ୍ତି। ରାଜନେତାଙ୍କ ସଭାରେ ଏକାଠି ହୋଇ ହାତୀକୁ ଫେରାଇ ଆଣିବା ପାଇଁ ଦାବି କରୁଛନ୍ତି। ବନତାରାକୁ କାହିଁକି ପଠାଇଲେ ବୋଲି ପଚାରୁଛନ୍ତି। ଏବେ ମହାରାଷ୍ଟ୍ର ସରକାର ମଧ୍ୟ ଲୋକଙ୍କ ସମର୍ଥନରେ ବାହାରିଛନ୍ତି। ହାତୀକୁ ଫେରାଇ ଆଣିବା ଲାଗି ସୁପ୍ରିମକୋର୍ଟରେ ପୁନର୍ବିଚାର ଆବେଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ୭ ବର୍ଷ ପରେ ଚୀନ୍ ଯିବେ ପ୍ରଧାନମନ୍ତ୍ରୀ: ଏସ୍‌ସିଓ ସମ୍ମିଳନୀରେ ଭାଗ ନେବେ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଂଘାଇ ସହଯୋଗ ସମ୍ମିଳନୀ (ଏସ୍‌ସିଓ)ରେ ଯୋଗ ଦେବାକୁ ଚୀନ୍ ଯିବେ। ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ରେ ହେଉଥିବା ଏହି ସମ୍ମିଳନୀରେ ଭାରତ, ଚୀନ ଓ ରୁଷ ସମେତ ୧୦ଟି ସଭ୍ୟରାଷ୍ଟ୍ର ଭାଗ ନେବେ। ତେବେ ଭାରତ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରିବାକୁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରିପ୍ରେକ୍ଷୀରେ



ମୋଦୀଙ୍କର ଏହି ଚୀନ ଗସ୍ତକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହାସହିତ ୨୦୨୦ ଗଲୱାନ ଘାଟୀରେ ଦୁଇଦେଶର ସୈନିକମାନଙ୍କ ସଂଘର୍ଷ ପରେ ମୋଦୀ ପ୍ରଥମଥର ପାଇଁ ଚୀନ୍ ଗସ୍ତରେ ଯାଉଛନ୍ତି। ଦୁଇ ଦେଶ ମଧ୍ୟରେ ସଂପର୍କକୁ ସ୍ୱାଭାବିକ କରିବାରେ ଏହା ସହାୟକ ହେବ ବୋଲି କୁହାଯାଉଛି। ୨୦୧୮ରେ ଚୀନ୍ ଗସ୍ତରେ ଯାଇଥିଲେ ମୋଦୀ। ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଷଷ୍ଠଥର ପାଇଁ ଚୀନ୍ ଗସ୍ତରେ ଯିବେ। ଗତ ୭୦ ବର୍ଷ ମଧ୍ୟରେ ଏହା ଯେକୌଣସି ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ସର୍ବାଧିକ ଥର ଗସ୍ତ ହେବ। ଗତମାସରେ ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ଗସ୍ତରେ ଯାଇଥିଲେ ଓ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଓ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ସହ ସାକ୍ଷାତ କରିଥିଲେ। ଶେଷଥର ପାଇଁ ମୋଦୀ ୨୦୨୪ରେ ବ୍ରିକ୍ସ ସମ୍ମିଳନୀ ଅବସରରେ ରୁଷିଆରେ ଜିନପିଙ୍ଗଙ୍କୁ ଭେଟିଥିଲେ। ସେତେବେଳେ ଦୁଇ ନେତାଙ୍କ ମଧ୍ୟରେ ୫୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ଉଲ୍ଲେଖଥାଉ କି ୨୦୦୧ରେ ଏସ୍‌ସିଓ ଗଠନ କରାଯାଇଥିଲା। ସେତେବେଳେ ଚୀନ୍, ରୁଷ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକସ୍ତାନ, ଉଜବେକିସ୍ତାନ ମିସିକରି ଏସ୍‌ସିଓ ଗଠନ କରିଥିଲେ। ୨୦୧୭ରେ ଭାରତ ଓ ପାକିସ୍ତାନକୁ ଏହି ସଂଗଠନରେ ସାମିଲ କରାଯାଇଥିଲା। ୨୦୨୩ରେ ଇରାନକୁ ମଧ୍ୟ ଏହାର ସଦସ୍ୟତା ପ୍ରଦାନ କରାଯାଇଥିଲା।

### ଶୁଳ୍କ ବିବାଦକୁ ନେଇ ବ୍ରାଜିଲ ରାଷ୍ଟ୍ରପତିଙ୍କ ଜବାବ

## ଟ୍ରମ୍ପଙ୍କ ସହ ନୁହେଁ, ମୋଦୀଙ୍କ ସହ କଥା ହେବି

ବ୍ରାସିଲିଆ, ୬।୮ (ଏଜେନ୍ସି): ଶୁଳ୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଛନ୍ତି। ଏଥିପାଇଁ ଅନେକ ମିତ୍ର ଦେଶ ବି ଟ୍ରମ୍ପଙ୍କ ବିରୋଧୀ ପାଲଟି ଯାଇଛନ୍ତି। ଏମାନଙ୍କ ମଧ୍ୟରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିୟୋ ଲୁଲା ଡା ସିଲ୍‌ଭା ସାମିଲ ଅଛନ୍ତି। ଶୁଳ୍କ ନେଇ ଆମେରିକା ରାଷ୍ଟ୍ରପତି ଦେଇଥିବା ପ୍ରସ୍ତାବ 'ଯେତେବେଳେ ଚାହିଁବେ ଆଲୋଚନା କରିପାରିବେ' କୁ ସେ ପ୍ରତ୍ୟାଖାନ କରିଦେଇଛନ୍ତି। ଲୁଲା ଟ୍ରମ୍ପଙ୍କୁ କଡ଼ା ଜବାବ ମଧ୍ୟ ଦେଇଛନ୍ତି। ଶୁଳ୍କକୁ ନେଇ ଟ୍ରମ୍ପ କଲ୍ କରିବି ନାହିଁ। କାରଣ ସେ ବି ଆଲୋଚନା ଚାହୁଁନାହାନ୍ତି। ଏହା ବଦଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସି ଜିନପିଙ୍ଗଙ୍କ ଭଳି ନେତାଙ୍କ ସହ ଆଲୋଚନା କରିବାକୁ ଉଚିତ ମଣିବି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ କଲ୍ କରିବି ନାହିଁ, କାରଣ ସେ ଏବେ ଯାତ୍ରା କରିପାରିବେ ନାହିଁ। ଅନ୍ୟ ଦେଶର ରାଷ୍ଟ୍ରପତିଙ୍କ ସହ ମଧ୍ୟ ଆଲୋଚନା କରିବି ବୋଲି ଲୁଲା କହିଛନ୍ତି। ଆମେରିକା ବ୍ରାଜିଲ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ଏହାର ମୁକାବିଲା ପାଇଁ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)କୁ ଯିବା ପାଇଁ ବ୍ରାଜିଲ ବିଚାର କରୁଛି।

ଲୁଲା କହିଛନ୍ତି ଯେ ଟ୍ରମ୍ପଙ୍କ ସହ କଥା ନ ହେଲେ ମଧ୍ୟ ନଭେମ୍ବରରେ ହେବାକୁ ଥିବା 'ସିଓପି-୩୦ କ୍ଲାଇମେଟ ସମିଟ' ପାଇଁ ତାଙ୍କୁ ଆମନ୍ତ୍ରଣ କରିବି। ଜଳବାୟୁ ପରିବର୍ତ୍ତନ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟ କ'ଣ ରହିଛି ତାହା ମୁଁ ଜାଣିଛି। ତଥାପି ତାଙ୍କୁ ନିମନ୍ତ୍ରଣ କରାଯିବ। ଲୁଲା ପରୋକ୍ଷରେ ଟ୍ରମ୍ପଙ୍କ ବିରୋଧରେ ସବୁ ଦେଶଙ୍କୁ ଏକାଠି କରିବାକୁ କହିଛନ୍ତି। କିଛି ଦିନ ତଳେ ଆମେରିକା ବ୍ରାଜିଲ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଏହାକୁ ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ତଥା ଟ୍ରମ୍ପଙ୍କ ଘନିଷ୍ଠ ଜାର ବୋଲସୋନାରୋଙ୍କ ବିରୋଧରେ ଚାଲୁଥିବା କାର୍ଯ୍ୟାନୁଷ୍ଠାନ ସହ ଯୋଡ଼ୁ ଥିଲେ। ଟ୍ରମ୍ପ ଏହାକୁ ପ୍ରତିଶୋଧର ରାଜନୀତି କହିଥିଲେ।

## ଟ୍ରମ୍ପଙ୍କ ଧମକକୁ ସାମ୍ନା କରିପାରୁ ନାହାନ୍ତି ମୋଦୀ: ରାହୁଲ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମ୍ନା କରିପାରୁ ନାହାନ୍ତି ବୋଲି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି। ଆମେରିକାରେ ଗୌତମ ଆଦାନୀଙ୍କ ବିରୋଧରେ ଚାଲିଥିବା ଯାଞ୍ଚ କାରଣରୁ ମୋଦୀଙ୍କ ହାତ ବନ୍ଧା ହୋଇଛି। ତେଣୁ ଟ୍ରମ୍ପଙ୍କ ସାମ୍ନାରେ ମୋଦୀ ଛିଡା ହେବାକୁ ଅକ୍ଷମ। ଆଦାନୀ ଓ ଅମ୍ବାନୀଙ୍କ ସହ ମୋଦୀଙ୍କ କି ସମ୍ପର୍କ ରହିଛି ତାହା ଏବେ ପଦାରେ ପଡିଛି ବୋଲି ସେ କହିଛନ୍ତି। ଗତବର୍ଷ ଆଡାଣୀଙ୍କ ସମେତ ୮ ଜଣ ବ୍ୟକ୍ତିଙ୍କ ବିରୋଧରେ ଠକାମୀ ନେଇ ଅଭିଯୋଗ ହୋଇଥିଲା। ଆଡାଣୀ ଅନୈତିକ ଉପାୟରେ ରିନୁଏବଲ ଏନର୍ଜିର ପ୍ରକଳ୍ପ ହାସଲ କରିଥିଲେ ବୋଲି ଆମେରିକା ଆଟର୍ଣ୍ଣି କାର୍ଯ୍ୟାଳୟ ଆରୋପ ପତ୍ରରେ ଉଲ୍ଲେଖ କରାଯାଇଛି। ସେ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେଇ ଏହି ପ୍ରକଳ୍ପ ହାସଲ କରିଥିଲେ ଓ ସେଥିପାଇଁ ଯାଞ୍ଚ ଜାରି ରହିଛି ବୋଲି ରାହୁଲ କହିଛନ୍ତି। ପୂର୍ବରୁ ଭାରତୀୟ ଅର୍ଥନୀତି ମୃତ ବୋଲି ଟ୍ରମ୍ପ କହିଥିଲେ ଓ ଏ ନେଇ ମଧ୍ୟ ମୋଦୀଙ୍କୁ ରାହୁଲ ଦାୟୀ କରିଛନ୍ତି।

## ୟୁକ୍ରେନର ଅଭିଯୋଗ: ରୁଷିଆ ଡ୍ରୋନ୍‌ରୁ ଭାରତୀୟ ଯନ୍ତ୍ରାଂଶ ମିଳିଛି

କିଭ୍, ୬।୮ (ଏଜେନ୍ସି): ରୁଷିଆ- ୟୁକ୍ରେନ ଯୁଦ୍ଧରେ ଏବେ ଭାରତର ଭୂମିକା ପଦାକୁ ଆସିଛି। ରୁଷିଆ ଡ୍ରୋନ୍‌ରେ ଭାରତୀୟ ଯନ୍ତ୍ରାଂଶ ମିଳିଛି ବୋଲି ୟୁକ୍ରେନ ଅଭିଯୋଗ କରିଛି। ୟୁକ୍ରେନ ରାଷ୍ଟ୍ରପତ ଭୋଲୋଡିମୀର ଜେଲେନସ୍କି ଚିଫ୍ ଅଫ୍ ଷ୍ଟାଫ୍ ଆଣ୍ଡ୍ରି ୟେରମାକ ଏ ନେଇ ଅଭିଯୋଗ ଆଣିଛନ୍ତି। ରୁଷିଆକୁ ବିଦେଶୀ ଯନ୍ତ୍ରାଂଶ ପଠାଯିବା ବନ୍ଦ ହେବ ଆବଶ୍ୟକ। ଏହାକୁ ବ୍ୟବହାରେ କରି ରୁଷି ୟୁକ୍ରେନ ନାଗରିକଙ୍କ ଜୀବନ ନେଉଛି ବୋଲି ସେ କହିଛନ୍ତି। ଭାରତ ରୁଷିଆ ଠାରୁ ତୈଳ କ୍ରୟ କରି ପରୋକ୍ଷରେ ୟୁକ୍ରେନ ବିପକ୍ଷ ଯୁଦ୍ଧରେ ରୁଷିଆକୁ ସହାୟତା ପ୍ରଦାନ କରୁଛି ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହୁଥିବା ସମୟରେ ୟେରମାନ ଏହି କଥା କହିଛନ୍ତି। କେବଳ ଜୁଲାଇ ମାସରେ ରୁଷିଆ ୟୁକ୍ରେନ ଉପରେ ୬୦୦୦ରୁ ଊର୍ଦ୍ଧ୍ୱ ଡ୍ରୋନ ଦ୍ୱାରା ଆକ୍ରମଣ କରିଛି। ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରେ ରୁଷିଆର ଏହା ସର୍ବାଧିକ ଡ୍ରୋନ ଆକ୍ରମଣ ସାବ୍ୟସ୍ତ ହୋଇଛି। ଏହି ଆକ୍ରମରେ ଡଜନେରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଆହତ ହୋଇଛନ୍ତି। ଚଳିତ ଅଗଷ୍ଟ ମାସରେ ମଧ୍ୟ ରୁଷିଆ ତା'ର ଡ୍ରୋନ ଆକ୍ରମଣ ଜାରି ରଖିଛି ବୋଲି ୟୁକ୍ରେନ କହିଛି। ଅଗଷ୍ଟ ୨ରେ ରୁଷିଆ ୭୬ ଡ୍ରୋନ ଓ ୭ ମିସାଇଲ ୟୁକ୍ରେନ ଉପରେ ମାଡ କରିଥିଲା। ୟୁକ୍ରେନ ମଧ୍ୟ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରିଛି।

## ବନ୍ୟା ପରେ ଉତ୍ତରାଖଣ୍ଡ ବେହାଲ୍

# ମାଟିତଳୁ ଜୀବନ ଖୋଜା

## ୧୧ ଯବାନ, ୨୮ ପର୍ଯ୍ୟଟକଙ୍କ ପତ୍ତା ମିଳୁନି

ଡେରାଡୁନ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ଧରାଲୀ ଗାଁରେ ମଙ୍ଗଳବାର ବାଦଲ ଫଟା ବର୍ଷା ଯୋଗୁଁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏସ୍‌ଡିଆରଏଫ୍, ଏନ୍‌ଡିଆରଏଫ୍, ଆଇଟିବିପ ଓ ସେନା ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଖରାପ ପାଗ ଯୋଗୁଁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ମଙ୍ଗଳବାର ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ୪ଟି ମୃତଦେହ ଉଦ୍ଧାର କରାଯାଇଛି। ଉତ୍ତରାଖଣ୍ଡର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି। ଏମାନଙ୍କର ପରିଚୟ ମିଳିପାରି ନାହିଁ। ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି। ୧୧ ଜଣ ଯବାନଙ୍କ ସମେତ ଗତ ୨୪ ଘଣ୍ଟା ମଧ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହାପରେ ଧାମୀ ଧରାଲୀ ସମେତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଅନ୍ୟ ସ୍ଥାନଗୁଡିକ ହେଲିକପ୍ଟର ଯୋଗ ଆକାଶମାର୍ଗରୁ ପରିଦର୍ଶନ କରିଥିଲେ। ସେ ଉଦ୍ଧାର କାର୍ଯ୍ୟ ନେଇ ଅଧିକାରୀମାନଙ୍କ ବୈଠକରେ ଆଲୋଚନା କରିଛନ୍ତି। ବାଦଲ ଫଟା ବର୍ଷା ଓ ଅଚାନକ ବନ୍ୟାରେ ଧରାଲୀ ଗାଁର ବଜାର, ଘର, ହେଟେଲ ସବୁ କିଛି ବହିଯାଇଛି। ମାତ୍ର ୩୪ ସେକେଣ୍ଡ ମଧ୍ୟରେ ଏହି ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳିଥିଲା। ଧରାଲୀକୁ ବାଦ୍ ଦେଲେ ସୁକ୍କୀ ଓ ହର୍ଷିଲରେ ମଧ୍ୟ ବାଦଲ ଫଟା ବର୍ଷା ହୋଇଥିଲା। ତେବେ ଏଠାରେ ଧରାଲୀ ଭଳି କ୍ଷୟକ୍ଷତି ହୋଇନାହିଁ। ଧରଲୀର ୧୫୦୦ ବର୍ଷ ପୁରୁଣା କଳ୍ପ କେଦାର ମନ୍ଦିର ମଧ୍ୟ ଧ୍ୱଂସ ପାଇଛି। ଏହା ଭାଗୀରଥୀ ନଦୀକୂଳରେ ଅବସ୍ଥିତ ଥିଲା। ଧରାଲୀ ଗଙ୍ଗୋତ୍ରୀ ଧାମଠାରୁ ମାତ୍ର ୧୮ କିମି ଦୂରରେ ଅବସ୍ଥିତ। ବିପର୍ଯ୍ୟୟରେ ଏତେ ଭୟଙ୍କର ଥିଲା ଯେ, ଲୋକଙ୍କୁ ଦୌଡ଼ି ପଳାଇବାକୁ ସମୟ ନଥିଲା।

### ଖରାପ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ

**କୋଚି:** ଉତ୍ତରାଖଣ୍ଡର ବନ୍ୟା ବିଭୀଷିକାରେ କେରଳର ୨୮ ଜଣ ପର୍ଯ୍ୟଟକ ନିଖୋଜ ହୋଇଛନ୍ତି। ନିଖୋଜ ହୋଇଥିବାର ପରିବାର ତରଫରୁ ବୁଧବାର ଏ ନେଇ ସୂଚନା ଦିଆଯାଇଛି। ୨୮ ଜଣଙ୍କ ମଧ୍ୟରୁ ୨୦ ଜଣ ପର୍ଯ୍ୟଟକ ମହାରାଷ୍ଟ୍ରରେ ଅବସ୍ଥାପିତ ହୋଇଛନ୍ତି। ବାକି ୮ ଜଣ କେରଳର ବିଭିନ୍ନ ସ୍ଥାନରୁ ଉତ୍ତରାଖଣ୍ଡ ବୁଲିବାକୁ ଯାଇଥିଲେ। ବୁଧବାର ସକାଳ ୮.୩୦ରେ ଏହି ପର୍ଯ୍ୟଟକମାନେ ଉତ୍ତରାକାଶୀରୁ ଗଙ୍ଗୋତ୍ରୀ ଯାତ୍ରା କରିଥିଲେ ଓ ରାସ୍ତାରେ ହିଁ





ଭୂସ୍ଖଳନ ହୋଇଥିଲା। ଏହାପରଠାରୁ ସେମାନଙ୍କ ସହିତ କୌଣସି ଯୋଗଯୋଗ ହୋଇପାରିନାହିଁ। ହରିଦ୍ୱାରର ଏକ ଟ୍ରାଭେଲ ଏଜେନ୍ସି ପର୍ଯ୍ୟଟକଙ୍କ ପାଇଁ ୧୦ ଦିନିଆ ଯାତ୍ରାର ବ୍ୟବସ୍ଥା କରିଥିଲା ସେମାନଙ୍କ ପରିବାର ତରଫରୁ କୁହାଯାଇଛି। ଉତ୍ତରାଖଣ୍ଡରେ ବୁଧବାର ହୋଇଥିବା ପ୍ରବଳ ବର୍ଷାରେ ପୋଡି ଜିଲ୍ଲାର ବୁରାଁସୀ ଗାଁରେ ଜଣେ ମହିଳା ମାଟି ତଳେ ଦବିଯାଇ ପ୍ରାଣ ହରାଇଛନ୍ତି। ୫ ଜଣ ନେପାଳୀ ଶ୍ରମିକ ମଧ୍ୟ ଭାସି ଯାଇଥିବା ସୂଚନା ମିଳିଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁହଁରେ ଉତ୍ତରକାଶୀ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ମଙ୍ଗଳବାର ହୋଇଥିବା ବାଦଲ ଫଟା ବର୍ଷା ପ୍ରଳୟଙ୍କାରୀ ବନ୍ୟା ଆଣିବା ସହ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରିଛି। ଅଚାନକ ଆସିଥିବା ବନ୍ୟାରେ ହର୍ଶଲୀ ନିକଟସ୍ଥ ଧରାଲୀ ଗାଁ ସମ୍ପୂର୍ଣ୍ଣ ରୂପେ ଭାସି ଯାଇଛି। ଏହି ମହା ବିପର୍ଯ୍ୟର ଭୌଗଳିକ କାରଣ ନେଇ ଆଲୋଚନା କରିବା

**କ୍ଷେତ୍ରର ଭୌଗଳିକ ସ୍ଥିତି:** ପ୍ରଭାବିତ ଏହି କ୍ଷେତ୍ର ଗରୱାହଲ ହିମାଳୟର ଗହୀରରେ ଅବସ୍ଥିତ। ପାହାଡୀ ଗଡ଼ାଣୀ, ଅସ୍ଥିର ପାର୍ବତ୍ୟ ଚଟାଣ ଓ ହିମ ପ୍ରବାହ ଆସୁଥିବା ନଦୀଗୁଡିକର ଜାଲ ମଧ୍ୟରେ ଏହି କ୍ଷେତ୍ର ରହିଛି। ତେଣୁ ଏହିଭଳି ଭୌଗଳିକ ସ୍ଥିତି ଧରାଲୀ ସମେତ ହର୍ଶୀଲ ଓ ଗଙ୍ଗୋତ୍ରୀ ଭଳି ସ୍ଥାନଗୁଡିକରେ ଭୂସ୍ଖଳନ, ଅଚାନକ ବନ୍ୟା, କାଦୁଅ ଓ ଅବଶେଷ ଧାରକୁ ଡାକିଆଣିଥାଏ। ଭାଗୀରଥୀ, ଅଳକାନନ୍ଦା, ମନ୍ଦାକିନୀ, ଧଉଳି ଗଙ୍ଗା ଓ ଯମୁନା ଭଳି ନଦୀ ଏହି ରାଜ୍ୟରୁ ଉତ୍ପତ୍ତି ହେବା ସହ ପତଳା ଉପତ୍ୟାକା ଦେଇ ଗତି କରୁଛି। ଏହି ନଦୀଗୁଡିକରେ ହିମ ପ୍ରବାହ ମଧ୍ୟ ହୋଇଥାଏ। ବର୍ଷା ଦିନରେ ଏହ ନଦୀଗୁଡିକ ଭୟଙ୍କର ରୂପ ଧାରଣ କରିଥାନ୍ତି। ବ୍ୟାପକ ଭାବେ ଜଙ୍ଗଲ କଟାଯିବା, ରାସ୍ତା ନିର୍ମାଣ ଓ ଅନିୟନ୍ତ୍ରିତ ବିକାଶ ହିଁ ଏହି ଅଞ୍ଚଳର ଭୌଗଳିକ ସନ୍ତୁଳନକୁ ବିଗାଡିବା ସହ ବିପର୍ଯ୍ୟୟକୁ ଡାକିଆଣୁଛି।

**ଭାଗୀରଥୀ ନଦୀର ସ୍ରୋତ ଓ ଉତ୍ସ:** ଭାଗୀରଥୀ ନଦୀ ଗଙ୍ଗୋତ୍ରୀ ହିମପ୍ରବାହର ଉତ୍ସ ଗୋମୁଖରୁ ବାହାରିଛି। ଏହି ନଦୀ ଉତ୍ତରକାଶୀ ଜିଲ୍ଲାର ୪, ୦୦୦ ମିଟର ଉଚ୍ଚରେ ପ୍ରବାହିତ ହେଉଛି। ତେଣୁ ଏହି ନଦୀ ବର୍ଷା ଦିନ ବିପଜ୍ଜନକ ହୋଇଥାଏ। ଏଠାରୁ ଭାଗୀରଥୀ ଗଙ୍ଗୋତ୍ରୀ, ହର୍ଶୀଲ, ଉତ୍ତରକାଶୀ ଓ ତେହରୀ ଦେଇ ପ୍ରବାହୀତ ହେଉଛି। ପୁଣି ଜହ୍ନ ଗଙ୍ଗା, କେଦାର ଗଙ୍ଗା, ଭିଲାଙ୍ଗ ଭଳି ସାଖା ନଦୀକୁ ସହ ମିଶି ଭାଗୀରଥୀ ଦେବପ୍ରୟାଗଠାରେ ଅଳକାନନ୍ଦା ସହ ମିଶି ଗଙ୍ଗାନଦୀ ସୃଷ୍ଟି କରୁଛି। ଗଙ୍ଗାକୁ ଅଳକାନନ୍ଦା ଅଧିକ ଜଳ ଦେଇଥିଲେ ମଧ୍ୟ ଭାଗୀରଥୀ ଗଙ୍ଗାର ମୁଖ୍ୟ ତଥା ପବିତ୍ର ଉଦ୍‌ଗମ ସ୍ଥଳ ବିବେଚିତ ହେଉଛି। ବର୍ଷା ଦିନେ ମୌସୁମୀ ପ୍ରବାହରୁ ଏହି ନଦୀଗୁଡିକ ଭୟଙ୍କର ରୂପ ଧାରଣ କରିଥାନ୍ତି।

**ଧରାଲୀର ଗଙ୍ଗୋତ୍ରୀ ନିକଟତା:** ଧରାଲୀ ଗାଁ ସମୁଦ୍ର ପତ୍ତନଠାରୁ ୨, ୬୮୦ମି. ଉଚ୍ଚରେ ଭାଗୀରଥୀ କୂଳରେ ଓ ଦେବଦାରୀ ଓ ପାଇନ ଜଙ୍ଗଲ ମଧ୍ୟରେ ଅବସ୍ଥିତ। ଏହା ଜାତୀୟ ରାଜପଥ- ୧୦୮ (ଗଙ୍ଗୋତ୍ରୀ ରୋଡ) ପାଖରେ ଅବସ୍ଥିତ। ଏହା ହର୍ଶୀଲଠାରୁ ୬ କିମି ଓ ଗଙ୍ଗୋତ୍ରୀଠାରୁ ୧୪ କିମି ପୂର୍ବରେ ରହିଛି। ପୁଣି ଜିଲ୍ଲା ମୁଖ୍ୟାଳୟ ଧରାଲୀଠାରୁ ୮୦ କିମି ଦୂରରେ ରହିଛି। ଗଙ୍ଗୋତ୍ରୀ ନିକଟତା ମଧ୍ୟ ବିପର୍ଯ୍ୟୟର ଅନ୍ୟଏକ କାରଣ ବୋଲି କୁହାଯାଇପାରେ। ହର୍ଶୀଲ ଡେରାଡୁନ୍‌ଠାରୁ ୨୦୦ କିମି ଦୂରରେ ଅବସ୍ଥିତ।

**ଭାଗୀରଥୀ ସମେତ ଅନ୍ୟ ହିମାଳୟ ନଦୀର ଉତ୍ସ:** ଭାଗୀରଥୀ ସମେତ ହିମାଳୟର ଅନ୍ୟ ନଦୀ ସବୁ ଏହି ଉତ୍ତରାଖଣ୍ଡରୁ ସୃଷ୍ଟି ହୋଇଛି। ପୁଣି କେତୋଟି ଗ୍ଲାସିଏର ତଥା ହିମ ପ୍ରବାହ ମଧ୍ୟ ଏଠରେ ରହିଛି। ଭାଗୀରଥୀ, ଅଳକାନନ୍ଦା, ମନ୍ଦାକିନୀ, ପିନ୍ଦାର ନଦୀ ବିଭିନ୍ନ ବିଭିନ୍ନ ହିମ ପ୍ରବାହରୁ ସୃଷ୍ଟି ହୋଇଛି। ଏହି ସବୁ ନଦୀ ଚିରସ୍ରୋତା ଅର୍ଥାତ ବାରମାସୀ। କିନ୍ତୁ ମୌସୁମୀରେ ଏହି ନଦୀଗୁଡିକର ଜଳ ପତ୍ତନ ଅଶାତୀତ ବୃଦ୍ଧି ପାଇଥାଏ ଓ ଭୟଙ୍କର ରୂପ ଧାରଣ କରିଥାଏ। ତେଣୁ ଉତ୍ତରକାଶୀର ବିଭିନ୍ନ ସ୍ଥାପ ପ୍ରତି ବିପଦ ସୃଷ୍ଟି ହୋଇଥାଏ।

## ୨୦୧୩, ୨୦୨୧ ଆସିଥିଲା ପ୍ରଳୟଙ୍କରୀ ବନ୍ୟା

ଉତ୍ତରାଖଣ୍ଡରେ ବର୍ଷା ଦିନେ ପ୍ରଳୟଙ୍କାରୀ ବନ୍ୟା ଆସିଥାଏ। ୨୦୧୩ରେ କେଦାରନାଥରେ ଓ ୨୦୨୧ରେ ରିଷିଗଙ୍ଗାରେ ବନ୍ୟା ଯୋଗୁଁ ପ୍ରଳୟ ଆସିଥିଲା। କେଦାରନାଥ ବନ୍ୟାରେ ଜୁନ୍ ୧୫ରୁ ୧୭ ମଧ୍ୟରେ ହୋଇଥିଲା। ଏହି ପ୍ରଳୟଙ୍କାରୀ ବନ୍ୟାରେ ୫, ୭୦୦ରୁ ୬, ୦୦୦ ଲୋକ ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି। ସେହିପରି ୨୦୨୧ ଫେବୃଆରୀ ୭ରେ ନନ୍ଦାଦେବୀ ହିମପ୍ରବାହର ଭାଙ୍ଗିବା ଓ ବାଦଲ ଫଟା ବର୍ଷା ଫଳରେ ବନ୍ୟା ଆସିଥିଲା। ଏହି ବିପର୍ଯ୍ୟୟରେ ୨୦୦ ଲୋକ ମୃତ୍ୟୁବରଣ କରିଥିଲେ ବୋଲି ଅନୁମାନ କରାଯାଉଛି। ଏହି ଦୁଇଟି ବନ୍ୟାରେ ବିପୁଳ କ୍ଷୟକ୍ଷତି ହେବା ସହ ବହୁ ସଂଖ୍ୟାରେ ଲୋକ ମୃତାହତ ହେବା ସହ ନିଖୋଜ ହୋଇଥିଲେ।

## ବିହାର ଏସ୍‌ଆଇଆର୍‌କୁ ନେଇ ହଙ୍ଗାମା ଜାରି; ସଂସଦ ମୁଲତବୀ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ସଂସଦରେ ମୌସୁମୀ ଅଧିବେଶନ ଚାଲିଥିବା ବେଳେ ବୁଧବାର ଥିଲା ଏକାଦଶ ଦିବସ। ଅଧିବେଶନରେ ବିହାର



ଏସ୍‌ଆଇଆର୍‌କୁ ନେଇ ହଙ୍ଗାମା ଜାରି ରହିଥିଲା। ଫଳରେ ରାଜ୍ୟସଭା ଓ ଲୋକସଭା ଗୁରୁବାର ପର୍ଯ୍ୟନ୍ତ ମୁଲତବୀ ରହିଛି। ପୋର୍ଟ, ସିପିଂ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ବୁଧବାର ଲୋକସଭାରେ ମର୍ଚ୍ଚାଣ୍ଟ ସିପିଂ ବିଲ୍ ଉପସ୍ଥାପନ କରିଥିଲେ। ବିରୋଧୀ ଦଳଗୁଡିକର ହଙ୍ଗାମା ମଧ୍ୟରେ ଏହି ବିଲ୍ ପାରିତ ହୋଇଥିଲା। କିନ୍ତୁ ଗୃହ ଆରମ୍ଭ ହେବା ମାତ୍ରେ ସକାଳେ ଦୁଇ ଗୃହରେ ବିରୋଧୀ ଦଳ ସଦସ୍ୟମାନେ ବିହାର ଭୋଟର ତାଲିକା ସଂଶୋଧନ ମାମଲାକୁ ନେଇ ହଙ୍ଗାମା ଆରମ୍ଭ କରିଥିଲେ। ଏଥିସହ ବରୋଧୀ ଦଳ ନେତାମାନେ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କୁ ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍-୨୦୨୫ ଓ ନ୍ୟାସନାଲ ଆଣ୍ଟି ଡୋପିଂ (ବିଧେୟକ)-୨୦୨୫କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବାକୁ ଦାବି କରିଥିଲେ। ଅନ୍ୟପଟେ ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡଗେ ବିହାର ଏସ୍‌ଆଇଆର୍ ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। କିନ୍ତୁ ତାଙ୍କର ଏସଂକ୍ରାନ୍ତ ନୋଟିସକୁ ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଖାରଜ କରିଦେଇଥିଲେ। ଲୋକସଭାରେ ଗୋଆ ରାଜ୍ୟ ବିଧାନସଭା କ୍ଷେତ୍ରରେ ଅନୁସୂଚିତ ଜାତିଗୁଡିକର ପ୍ରତିନିଧିତ୍ୱକୁର ପୁନଃ ସମାୟୋଜନ ବିଧେୟକ ତଥା ରିଆଡଜଷ୍ଟମେଣ୍ଟ ବିଲ୍- ୨୦୨୪ ମଧ୍ୟ ପାରିତ ହୋଇଥିଲା। ଏପର୍ଯ୍ୟନ୍ତ ସଂସଦରେ ୧୩ ଦିନ ମଧ୍ୟରୁ ମାତ୍ର ୨ ଦିନ ଚର୍ଚ୍ଚା ହୋଇଛି। ଅନ୍ୟଦିନମାନଙ୍କରେ ସଂସଦ ଅଚଳ ରହିଛି।

## କିଛି ନ ଜାଣି ଦୋଷ ଲଗାଉଛନ୍ତି ଟ୍ରମ୍ପ: ରୁଷ୍‌ଠୁ ଆମେରିକ କ'ଣ କିଣୁଛି ଜଣାନାହିଁ

ୱାଶିଂଟନ, ୬।୮ (ଏଜେନ୍ସି): ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ କ୍ରମାଗତ ଭାବେ ଧମକ ଦେଇ ଚାଲିଛନ୍ତି। ରୁଷ ସହ ବେପାର ବନ୍ଦ ନ କଲେ ଅଧିକ ଶୁଳ୍କ ଲଗାଇବେ ବୋଲି କହିଛନ୍ତି। ଭାରତ ପରୋକ୍ଷରେ ୟୁକ୍ରେନ ଯୁଦ୍ଧକୁ ପାଣି ଯୋଗାଉଛି ବୋଲି ଟ୍ରମ୍ପ ଅଭିଯୋଗ ଲଗାଇଛନ୍ତି। କିନ୍ତୁ ଭାରତର ଅପ୍ରତ୍ୟାଶିତ ଜବାବକୁ ଆମେରିକା ସମ୍ଭାଳି ପାରିନାହିଁ। ଭାରତକୁ ଦୋଷ ଲଦୁଥିବା ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ରୁଷ୍ ସହ କାରବାର ଜାରି ରଖିଛନ୍ତି। ଆମେରିକା ମସ୍କୋଠାରୁ ୟୁରାନିୟମ ହେକ୍ସାଫ୍ଲୋରାଇଡ, ସାର ଏବଂ ରାସାୟନିକ ସାମଗ୍ରୀ ମଗାଉଛି ବୋଲି ଭାରତ କହିଛି। କିନ୍ତୁ ଭାରତ ବିରୋଧରେ ଅଭିଯୋଗ ଲଗାଉଥିବା ଆମେରିକା ରାଷ୍ଟ୍ରପତି ନିଜ ଦେଶ ରୁଷଠାରୁ କ'ଣ କ୍ରୟ କରୁଛି ତାହା ଜାଣିନାହାନ୍ତି। ଏ ବିଷୟରେ ସାମ୍ବାଦିକମାନେ ଆଜି ଟ୍ରମ୍ପଙ୍କୁ ପ୍ରଶ୍ନ କରିଥିଲା। ନିଜେ ରୁଷ୍ ସହ ବ୍ୟାବସାୟିକ ସମ୍ପର୍କ ରଖି ଅନୁଚିତ ଭାବେ ଭାରତ ଉପରେ ଆମେରିକା ଦୋଷ ଲଦୁଥିବା କଥା ପଚାରି ଥିଲେ। ମସ୍କୋରୁ ୟୁରାନିୟମ, ସାର ଆଦି ଆଣୁଥିବା ପ୍ରଶ୍ନ କରିବାରୁ ତାଙ୍କ ପାଖରେ ଏହାର ସୂଚନା ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏହାର ଯାଞ୍ଚ କରାଇବାକୁ ପଡ଼ିବ ବୋଲି କହିଛନ୍ତି। ଏହା ପୂର୍ବରୁ ମଙ୍ଗଳବାର ରୁଷ ସହ ବ୍ୟବସାୟ ନେଇ ଆମେରିକା କରିଥିବା ଅଭିଯୋଗର ଜବାବ ଦେଇଥିଲା ଭାରତୀୟ ବିଦେଶ ମନ୍ତ୍ରାଳୟ। ତୈଳ କିଣାକୁ ନେଇ ଭାରତ ଓ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ରାଷ୍ଟ୍ରୀୟର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଭେଟିବେ। ସେ ମଧ୍ୟ ରୁଷ ସରକାରଙ୍କ ବରିଷ୍ଠର ଅଧିକାରୀମାନଙ୍କୁ ଭେଟିଛନ୍ତି। ତୈଳ କିଣା, ଟାରିଫ୍ ଓ ଏସ୍-୪୦୦ କିଣିବା ନେଇ ସେ ରୁଷର ନେତାମାନଙ୍କ ଆଲୋଚନା କରିବେ। ଏଥିସହ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଉନ୍ନତି ପାଇଁ ମଧ୍ୟ ସେ ଆଲୋଚନା କରିବେ।

### ରୁଷ୍‌ରେ ଡୋଭାଲ୍

## ସିନ୍ଧୁ ନଦୀ ମୁହାଣରେ ୮୦ ପ୍ରତିଶତ ଜଳ ହ୍ରାସ

ଇସ୍‌ଲାମାବାଦ୍, ୬।୮ (ଏଜେନ୍ସି): ପାକିସ୍ତାନର ସବୁଠାରୁ ବଡ଼ ନଦୀ ସିନ୍ଧୁ ନଦୀର ଡେଲ୍ଟା ଅର୍ଥାତ ମୁହାଣ ଅଞ୍ଚଳରେ ଏବେ ଜନଜୀବନ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ନଦୀର ଉପର ଅଞ୍ଚଳରେ ବନ୍ଧ ଓ କେନାଲ ଦ୍ୱାରା ପାଣି ଅଟକାଯିବ ଫଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଫଳରେ ସିନ୍ଧୁ ନଦୀ ଡେଲ୍‌ଟାରେ ଜଳ ୮୦ ପ୍ରତିଶତ କମିଛି। ୧୯୫୦ ଦଶକ ପରେ ପ୍ରଥମଥର ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ପାଣି ନ ଥିବାରୁ ସମୁଦ୍ର ତଥା ଆରବ ସାଗରରୁ ଲୁଣିଆ ପାଣି ମୁହାଣ ଭିତରକୁ ପସି ଆସିଛି। ଫଳରେ ଏହି ଅଞ୍ଚଳର ସ୍ଥାନ ସବୁ ଲୁଣିଆ ହୋଇଛି। ତେଣୁ ଏଠାରେ ଚାଷବାସ ବନ୍ଦ ହୋଇଯାଇଛି। ଏଠାରେ ମାଛଙ୍କ ସଂଖ୍ୟାରେ ଯଥେଷ୍ଟ କମିଛି ଓ କଂକଡା ଅନ୍ୟ ଜନ୍ତୁମାନଙ୍କ ଜୀବନ ବିପନ୍ନ ହୋଇଛି। ପାଣି ଏକପ୍ରକାର ବିଶାକ୍ତ ହୋଇଛି ଓ ଏହି ସ୍ଥାନ ଆଉ ବାସ ଉପଯୋଗୀ ହୋଇ ରହିନାହିଁ। ଏଠାରେ ୮୦ ପ୍ରତିଶତ ଜଳ ପାନୀୟ ଯୋଗ୍ୟ ନୁହଁ ବୋଲି ସିନ୍ଧୁ ସରକାରଙ୍କ ତରଫରୁ କୁହାଯାଇଛି। ଏହି ଡେଲ୍ଟାରେ ଏକଦା ୧୭ ଛୋଟ ଛୋଟ ନଦୀ ବହୁଥିଲା। ସନ୍ତସନ୍ତିଆ ଜମି, ଲୁଣି ଜଙ୍ଗଲ ଓ ମାଛରେ ଭରପୂର ଥିବା କାଦୁଆ ପଡ଼ିଆ ଥିଲା। ଏବେ ଏହାର ମାଟି ଲବଣ ଯୁକ୍ତ ହେବା ସହ ପାଣି ବିଷାକ୍ତ ହୋଇଛି। ସମୁଦ୍ର ଲୁଣି ପାଣି ଏବେ ସମଗ୍ର ଡେଲ୍ଟା ଅଞ୍ଚଳକୁ ପଶି ଆସିଲାଣି। ଗତ ୨୦ ବର୍ଷ ମଧ୍ୟରେ ଏହି ଡେଲ୍ଟ ଅଞ୍ଚଳରେ ଲୋକ ସଂଖ୍ୟା ୧୨ ଲକ୍ଷ କମ୍ ହୋଇଛି। ଏହି ସ୍ଥାନ ଛାଡି ଲୋକେ କରାଚୀ ଭଳି ସହରକୁ ପଳାୟନ କରିଛନ୍ତି। ସିନ୍ଧୁ ନଦୀ ପାଣି ରୋକା ଯାଉଥିବାରୁ ଏହି ଅଞ୍ଚଳରେ ଏକାଧିକବାର ବିରୋଧ ପ୍ରଦର୍ଶନ କରାଯାଇଛି।

**ନୂଆଦିଲ୍ଲୀରେ ୪ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ**

# ଅଧିକ ଚାଉଳ ଉଠାଇବାକୁ ଅନୁରୋଧ




ଭୁବନେଶ୍ୱର,୬।୮ (ସମିସ): ନୂଆଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୁଧବାର ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ରାଜ୍ୟର ଦାବି ଉପସ୍ଥାପନ କରିଛନ୍ତି। ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏଥିରେ ହସ୍ତକ୍ଷେପ ନିମନ୍ତେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଅନୁରୋଧ କରିଛନ୍ତି । ଏହା

## ମହାନଦୀ ସମସ୍ୟାର ସମାଧାନ ପାଇଁ ଜଳଶକ୍ତି ମନ୍ତ୍ରୀଙ୍କ ସହ ଆଲୋଚନା

ସହ ଆଗାମୀ ଖରିଫରେ ବଳକା ଧାନକୁ ଦୃଷ୍ଟିରେ ରଖି ଚାଉଳ ସଂଗ୍ରହ ଲକ୍ଷ୍ୟକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ସେହିପରି ମହାନଦୀ ଜଳବିବାଦ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲଙ୍କ ସହ ଆଲୋଚନା ସହ କରିଥିବା ନେଇ ନିଜେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟସ୍ୱାର୍ଥ ଦୃଷ୍ଟିରୁ ଏହି ଦୁଇଟି ପ୍ରସଙ୍ଗ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ଓଡ଼ିଶାର ଦାବିକୁ କେନ୍ଦ୍ର ସରକାର କେତେ ଗୁରୁତ୍ୱ ଦେଉଛନ୍ତି, ସେନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି। ତେବେ ଏହି ଗସ୍ତ ସମୟରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଓ ଭାରିଶିଳ୍ପ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କୁ ସାକ୍ଷାତ କରିଥିଲେ ହେଁ ଉଭୟ ନେତାଙ୍କ ସହ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

ସୂଚନାଯୋଗ୍ୟ ଯେ ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ ନିଜର ପୂର୍ବ ସ୍ୱଭାବ ଛାଡ଼ି ପାରିନାହିଁ। ବାରମ୍ବାର ଦାବି ସତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଖରିଫ ଏବଂ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଉ ନଥିବା ବେଳେ ଏହା ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ପହଞ୍ଚାଇବ ବୋଲି ଖୋଦ୍ ରାଜ୍ୟ ସରକାର ଆଶଙ୍କା କରୁଛନ୍ତି। ଏନେଇ ପୂର୍ବରୁ ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ସାକ୍ଷାତ କରି ବଳକା ଚାଉଳ ଉଠାଇବାକୁ ଦାବି କରିଥିଲେ। କେନ୍ଦ୍ର ସରକାର ଏନେଇ ବିଶେଷ ଦୃଷ୍ଟି ଦେଇନଥିବା ବେଳେ ଗତ ୨୮ ତାରିଖରେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ସମାନ ଦାବି ଦୋହରାଇଥିଲେ। ଏଫସିଆଇ ଦ୍ୱାରା ବଳକା ଚାଉଳ ସ୍ଥାନାନ୍ତରର ଧୀର ଗତି ସମଗ୍ର ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ଦେଉଛି। ତେଣୁ ଏହାକୁ ତ୍ୱରାନ୍ୱିତ କରିବାକୁ ଦାବି ଜଣାଇଥିଲେ ଶ୍ରୀ ସିଂହଦେଓ। ଆଜି ମୁଖ୍ୟମନ୍ତ୍ରୀ ପୁଣିଥରେ ଚାଉଳ ଉଠାଣ ଲକ୍ଷ୍ୟ ଧାର୍ଯ୍ୟ ବୃଦ୍ଧି ପାଇଁ ଦାବି କରିବା ସହ ଏଫସିଆଇର ମାସିକ ଚାଉଳ ଉଠାଣ ବୃଦ୍ଧି କରିବାକୁ ଦାବି କରିଛନ୍ତି।

**ନିଯୁକ୍ତି ପାଇଁ ବିଭାଗ ଚିଠିକୁ ପୂରିଲାଣି ବର୍ଷେ**

# ପୂରଣ ହେଲାନି ୫୪୪୩ ଜିଆର୍‌ଏସ୍ ପଦ

ଭୁବନେଶ୍ୱର,୬।୮ (ସମିସ): ରାଜ୍ୟରେ ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥା ହୁଗୁଳିବାରେ ଲାଗିଛି। ଗୋଟିଏ ପଟେ ଉନ୍ନୟନମୂଳକ କାମ ଠପ୍ ହୋଇ ପଡ଼ିଥିବା ବେଳେ ସରକାର ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ। ରୋଜଗାର ସହାୟକ(ଜିଆରଏସ) ନିଯୁକ୍ତି ଏହାର ଜ୍ୱଳନ୍ତ ଉଦାହରଣ। ପ୍ରାୟ ବର୍ଷେରୁ ଅଧିକ ହେଲାଣି ରାଜ୍ୟର ୫୪୪୩ ପଞ୍ଚାୟତରେ ଜିଆରଏସ ପଦବୀ ଖାଲି ପଡ଼ିଥିଲେ ହେଁ ଏହାକୁ ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମେତ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଜିଆରଏସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ରୋଜଗାର ସୁରକ୍ଷା କ୍ଷେତ୍ରରେ ଏହି ଯୋଜନା ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଆସିଛି। ତେବେ ସରକାର ଏହି ପଦବୀଗୁଡ଼ିକ ପୂରଣ ନ କରି ସେମାନଙ୍କର ଜୀବନ, ଜୀବିକାକୁ ବିପନ୍ନ କରିଛନ୍ତି ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ପୂର୍ବରୁ ଗ୍ରାମାଞ୍ଚଳରେ ଜିଆରଏସ ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସରକାର ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ଭାବେ ପଦୋନ୍ନତି ପ୍ରଦାନ ପରେ ଆଉ ଜିଆରଏସ୍ ନିଯୁକ୍ତି ହୋଇନାହିଁ। ଜିଆରଏସମାନଙ୍କୁ ସାଧାରଣତଃ ମାସିକ ୭୦୦୦ ଟଙ୍କା ହିସାବରେ ଦରମା ପ୍ରଦାନ ମିଳିଥାଏ। କେନ୍ଦ୍ର ସରକାର ଏହି ଦରମା ଅର୍ଥ ପ୍ରଦାନ କରୁଥିବା ବେଳେ ଏ ବାବଦରେ ଓଡ଼ିଶା ୫୦ କୋଟି ଟଙ୍କାର ରାଜସ୍ୱ

## ମନରେଗା କାମ ଠପ୍, ଉନ୍ନୟନ କାମ ବାଧାପ୍ରାପ୍ତ

ପାଇଥାଏ। ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ବାର୍ଷିକ ୧୦୦ ଦିନର କାମ ଯୋଗାଇ ଦେବାରେ ଜିଆରଏସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଜବକାର୍ଡ ପାଇଁ ପଞ୍ଜୀକରଣ, ବିତରଣ, ଗ୍ରାମ ସଭା ଡକାଇବା ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଜିଆରଏସଙ୍କ ଉପରେ ନ୍ୟସ୍ତ ଥାଏ। ପଞ୍ଚାୟତ ବିକାଶରେ ଜିଆରଏସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ହେଁ ସେମାନଙ୍କ ନିଯୁକ୍ତିକୁ ବର୍ଷାଧିକ କାଳ ବିଳମ୍ବ କରାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଜିଆରଏସ ପଦବୀ ପୂରଣ ପାଇଁ ଗତ ବର୍ଷ ଅଗଷ୍ଟ ପହିଲାରେ ତତ୍‌କାଳୀନ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ସୁଶୀଲ ଲୋହାନୀ ରାଜ୍ୟର ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ରାଜ୍ୟରେ ସଂଖ୍ୟାଧିକ ଜିଆରଏସ ପଦବୀ ଖାଲି ଥିବାରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟାନ୍ୱୟନ ପ୍ରଭାବିତ ହେଉଥିବା ନେଇ ସେ ଚିଠିରେ ଉଦବେଗ ପ୍ରକାଶ ମଧ୍ୟ କରିଥିଲେ। ପଦବୀ ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଶ୍ରୀ ଲୋହାନୀ ସେତେବେଳେ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ଯାହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରି ପଦବୀ ପୂରଣ କରିବାକୁ ସାଧାରଣରେ ଦୃଢ଼ ଦାବି କରାଯାଇଛି।

# ଅଧ୍ୟାପକଶୂନ୍ୟ 'ଉତ୍କଳ' ଆଇନ ବିଭାଗ

ଭୁବନେଶ୍ୱର,୬।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ବିଭାଗରେ ଶୈକ୍ଷିକ ସଙ୍କଟ ଦେଖାଦେଇଛି। ପାଠ ପଢ଼ାଇବାକୁ କେହି ଅଧ୍ୟାପକ ନାହାନ୍ତି। ବିଭାଗୀୟ ମୁଖ୍ୟ ମାସେ ତଳୁ ଅବସର ନେଇ ସାରିଛନ୍ତି। ଜଣେ ସଂଯୋଜକରେ ବିଭାଗ ଚାଲୁଛି। ପାଠପଢ଼ା ହେଉ ନ ଥିବାରୁ ଛାତ୍ରଛାତ୍ରୀମାନେ ମଧ୍ୟ ଆସୁନାହାନ୍ତି। ଶିକ୍ଷାଦାନ ଏକ ପ୍ରକାର ଠପ୍ ହୋଇଯାଇଛି। ଏପରି ସ୍ଥିତିରେ ଗବେଷଣା (ପିଏଚ୍‌ଡି) ପାଠ୍ୟକ୍ରମ ଅବସ୍ଥା ଆହୁରି ଶୋଚନୀୟ। ପ୍ରାଧ୍ୟାପକ ନ ଥିବାରୁ ରାଜ୍ୟର ଏହି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ କୌଣସି

**■ ଶିକ୍ଷାଦାନ ଠପ୍, ପିଏଚ୍‌ଡି ନାମଲେଖା ବନ୍ଦ**
**■ ଦୀର୍ଘ ବର୍ଷରୁ ଅପଡେଟ୍ ହେଉନି ୱେବ୍‌ସାଇଟ୍**

ଛାତ୍ରଛାତ୍ରୀ ପିଏଚ୍‌ଡି କରିପାରିବେ ନାହିଁ। ଯେଉଁମାନେ ପୂର୍ବରୁ ନାମ ଲେଖାଇଛନ୍ତି, ଭଗବାନଙ୍କ ଭରସାରେ ବସିଛନ୍ତି। କେବେ ନିୟମିତ ଅଧ୍ୟାପକ ନିଯୁକ୍ତି ହେବେ ଏବଂ ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟ ସ୍ୱାଭାବିକ ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଶ୍ୱବିଦ୍ୟାଳୟ ଆଇନ ବିଭାଗରୁ ଗତ ଜୁନ୍ ୩୦ତାରିଖରେ ବିଭାଗୀୟ ମୁଖ୍ୟ ମନୋଜ କୁମାର ସାଡୁଁଆଲ ଅବସର ନେଇଛନ୍ତି। ଏହାପରେ ଶିକ୍ଷାଦାନ କରିବାକୁ ଆଉ କେହି ନାହାନ୍ତି। ଫଳରେ ଶିକ୍ଷାଦାନ ପୂରାପୂରି ଠପ୍ ହୋଇଯାଇଛି। ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପଢ଼ିବାକୁ ମଧ୍ୟ ଆସୁ ନାହାନ୍ତି। ଏପରିସ୍ଥିତିରେ ପିଏଚ୍‌ଡି ନାମଲେଖା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଚଳିତବର୍ଷ ଗାଇଡ୍ ଅଭାବରୁ ପିଏଚ୍‌ଡି ନାମଲେଖା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପରିଚାଳିତ ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ମଧ୍ୟ ପିଏଚ୍‌ଡି ପଞ୍ଜୀକରଣ କରିପାରୁ ନାହାନ୍ତି। ନେଟ୍ ପରୀକ୍ଷା କୃତକାର୍ଯ୍ୟ ହେବାର ଏକବର୍ଷ ମଧ୍ୟରେ ପିଏଚ୍‌ଡି ପଞ୍ଜୀକରଣ ବାଧ୍ୟତାମୂଳକ ହୋଇଥିବାରୁ କୃତୀ ଛାତ୍ରଛାତ୍ରୀମାନେ ହରଡ଼ଘଣାରେ ପଡ଼ିଛନ୍ତି। କେଉଁ ଭୁଲ୍ ପାଇଁ ସେମାନେ ପିଏଚ୍‌ଡି ପଞ୍ଜୀକରଣ କରିବାରୁ ବଞ୍ଚିତ ହେବେ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟକୁ ସ୍ୱାଭାବିକ କରିବାକୁ କେବେ ଅଧ୍ୟାପକ ନିଯୁକ୍ତି ଦେବେ ବୋଲି ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ବିଭାଗରେ ଶିକ୍ଷାଦାନ କରିବାକୁ ବାସ୍ତବରେ କେହି ନଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ମାଳମାଳ ଅଧ୍ୟାପକ ରହିଛନ୍ତି। ଜୁନ୍ ମାସରେ ଅବସର ନେଇଥିବା ଶ୍ରୀ ସାଡୁଁଆଲଙ୍କୁ ବିଭାଗୀୟ ମୁଖ୍ୟ ଭାବେ ଦର୍ଶାଯାଇଛି। ଏହାସହ ବହୁ ବର୍ଷ ଆଗରୁ ଅବସର ନେଇ ସାରିଥିବା ଡ. ଜ୍ଞାନେନ୍ଦ୍ର ସାହୁ ଓ ପ୍ରଫେସର ଏସ୍ କେ ନନ୍ଦଙ୍କୁ ଅଧ୍ୟାପକ ଦର୍ଶାଇଛି। ବିଶ୍ୱବିଦ୍ୟାଳୟ ୱେବସାଇଟ୍ ପରିଚାଳନା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଦୀର୍ଘ ବର୍ଷ ହେଲା ଏହା ଅପ୍‌ଡେଟ୍ କରାଯାଉ ନ ଥିବା ସ୍ପଷ୍ଟ ହୋଇଛି। ନାମଲେଖା ପୂର୍ବରୁ ଛାତ୍ରଛାତ୍ରୀମାନେ ୱେବସାଇଟ୍‌ରେ ଏହାକୁ ଦେଖି ଭ୍ରମିତ ହେବାସହ ନାମ ଲେଖାଉ ଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଜଣେ ଛାତ୍ରୀଙ୍କ କହିବା କଥା, ପାଠ ପଢ଼ା ହେଉ ନ ଥିବାରୁ ଅଧିକାଂଶ ପିଲା କ୍ୟାମ୍ପସ୍‌କୁ ଆସୁ ନାହାନ୍ତି। ହେଲେ ଉପସ୍ଥାନ କମ୍ ରହୁଥିବା ଦର୍ଶାଇ କର୍ମଚାରୀ ନାଲିଆଖି ଦେଖାଉଛନ୍ତି। ଅନ୍ୟପଟେ ପାଠପଢ଼ା ନ ହେଲେ ସେମାନେ କାହିଁକି ଆସିବେ ବୋଲି ପ୍ରଶ୍ନ କରିବା ସହ ତୁରନ୍ତ ଅଧ୍ୟାପକ ନିଯୁକ୍ତି କରା ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

# ବିରିଡ଼ି ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ



ଜଗତସିଂହପୁର,୬।୮ (ସମିସ): ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନାରେ ଜଣେ ଯୁବକଙ୍କୁ ଅମାନୁଷିକ ଭାବେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ଏସ୍‌ପି ଭବାନୀ ଶଙ୍କର ଉଦଗାତାଙ୍କ ନିର୍ଦ୍ଦେଶରେ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ମୁତାବକ, ଗତ ୨୫ ତାରିଖରେ ବିରିଡ଼ି ବ୍ଲକ କାର୍ଯ୍ୟାଳୟରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଚାଲିଥିବାବେଳେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ବାଲିଆ ଅଞ୍ଚଳର ପାର୍ଥସାରଥି ଦାସ ନାମକ ଜଣେ ଯୁବକଙ୍କୁ ବିରିଡ଼ି ପୁଲିସ ଉଠାଇ ନେଇ ନିସ୍ତୁକ ମାଡ଼ ଦେଇଥିବା ପୀଡ଼ିତ ଏସ୍‌ପି ଭବାନୀ ଶଙ୍କର ଉଦଗାତା ଓ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପାର୍ଥସାରଥିଙ୍କ ଅଭିଯୋଗ ଅନୁଯାୟୀ, ସେ ଜୁଲାଇ ୨୫ ତାରିଖ

## ଏସ୍‌ପିଙ୍କ ନିର୍ଦ୍ଦେଶରେ ଗଠିତ ଟିମ୍‌ର ତଦନ୍ତ ଆରମ୍ଭ

ଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟରେ ତାଙ୍କର ଏକ କାମର ବିଲ୍ ବାବଦରେ କଥା ହେଉଥିବାବେଳେ ହଠାତ୍ କିଛି ଲୋକ ତାଙ୍କ ଉପରେ ଆକ୍ରମଣ କରିବା ସହ ସାର୍ଟକୁ ଟାଣି ଛିଣ୍ଡାଇ ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ବିରିଡ଼ି ଥାନା ଆଇଆଇସି ତାଙ୍କୁ ଜବରଦସ୍ତ ଥାନାକୁ ନେଇଯାଇଥିଲେ। ସେଠାରେ ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର ସହିତ ଅମାନୁଷିକ ଭାବେ ମାଡ଼ ମରା ଯାଇଥିଲା। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ ପାର୍ଥସାରଥି। ଏ ସମ୍ପର୍କରେ ବିରିଡି ଆଇଆଇସି ସବ୍ୟସାଚୀ ରାଉତଙ୍କ ପ୍ରତିକ୍ରିୟା ମିଳି ନ ଥିବାବେଳେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା କହିଛନ୍ତି, ଏହି ଘଟଣାର ତଦନ୍ତ ପାଇଁ ଏଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରୁଛି। ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଶ୍ରୀ ଉଦ୍‌ଗାତା ସୂଚନା ଦେଇଛନ୍ତି।

**■ ବାଲିଚନ୍ଦ୍ରପୁର ଥାନାରେ ଅଭିଯୁକ୍ତଙ୍କୁ ମାଡ଼ ଘଟଣା**

# ୩ ପୁଲିସ କର୍ମଚାରୀ ନିଲମ୍ବିତ

ଯାଜପୁର/ବାଲିଚନ୍ଦ୍ରପୁର, ୬।୮ (ସମିସ): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନାରେ ଅଭିଯୁକ୍ତଙ୍କୁ ଅଟକ ରଖି ନାନା ନିର୍ଯାତନା ଦେବା ଘଟଣାରେ ଯାଜପୁର ଏସ୍‌ପି ୩ ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ଘଟଣାର ତଦନ୍ତ କରୁଥିବା ଏସଆଇ ଚିନ୍ମୟ କୁମାର ପୃଷ୍ଟି, ଡିସିଓ ଦୁର୍ଗେଶ ନନ୍ଦୀ ଦେ ଏବଂ ସେଣ୍ଟ୍ରି ଦେବେନ୍ଦ୍ର ବାନରାଙ୍କୁ ଯାଜପୁର ଏସ୍‌ପି ୟଶ୍ ପ୍ରତାପ ଶ୍ରୀମଲ ନିଲମ୍ବିତ କରିଥିବା ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତକାଲି ବାଲିଚନ୍ଦ୍ରପୁର ଥାନାରେ ମହିପୁର ଗ୍ରାମର ଅଭିଯୁକ୍ତ ରମେଶ ମଲ୍ଲିକ ଓରଫ ବାଦଲଙ୍କୁ ପୁଲିସର ନିର୍ଯାତନା ଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରିଥିଲେ। ଏକ ମାମଲାରେ ଥାନାରେ ଅଟକ ଥିବା ରମେଶ ନିର୍ଯାତନା ସହି ନ ପାରିବାରୁ ବିଷ ପିଇ ଗୁରୁତର ହୋଇଯିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଆଜି ସେ ସୁସ୍ଥ ହେବା ପରେ ତାଙ୍କୁ ଘରେ ଛାଡି ଦିଆଯାଇଥିବା ଯାଜପୁର ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି। ଏହି ଘଟଣାକୁ ନେଇ ଗୃହବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ସିବିଏସ୍‌ଇ ପରୀକ୍ଷା ପାଇଁ ୭୫% ଉପସ୍ଥାନ ଜରୁରୀ

ଭୁବନେଶ୍ୱର, ୬।୮ (ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେବା ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ। ଏନେଇ ସିବିଏସଇ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ମେଡିକାଲ ପରି ଜରୁରୀ ପରିସ୍ଥିତି କିମ୍ବା ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିଲେ ୨୫ ପ୍ରତିଶତ ଉପସ୍ଥାନ ଛାଡ଼ କରାଯିବ; କିନ୍ତୁ ଏଥିପାଇଁ ବୈଧ କାଗଜପତ୍ର ଦେବାକୁ ପଡ଼ିବ ବୋଲି ସ୍ପଷ୍ଟ କରାଯାଇଛି। ଡମି ପରୀକ୍ଷାର୍ଥୀମାନଙ୍କୁ ରୋକିବା ପାଇଁ ସିବିଏସଇ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛି।

ପ୍ରକୃତ ଉପସ୍ଥାନ ପାଇଁ ବିଦ୍ୟାଳୟରେ ଅଚାନକ ଯାଞ୍ଚ କରାଯିବ। ହେରଫେର ହୋଇଥିଲେ ଶୂନ୍ୟ ସହନଶୀଳ ନୀତି ଆପଣାଇ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ମାର୍ଗଦର୍ଶିକାରେ କୁହାଯାଇଛି ଯେ ସ୍କୁଲ କେବଳ ଏକ ପାଠପଢ଼ା କେନ୍ଦ୍ର ନୁହେଁ, ଏହା ଶିକ୍ଷାର୍ଥୀର ବୌଦ୍ଧିକ, ଶାରୀରିକ ଓ ମାନସିକ ବିକାଶ କରିଥାଏ। ସ୍କୁଲରେ ଶିକ୍ଷାର୍ଥୀର ଚରିତ୍ର ଗଠନ, ଅନ୍ୟାନ୍ୟ ଶିକ୍ଷା, ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି, ସହଯୋଗିତା ଓ ବିବିଧତାର ମଧ୍ୟ ବିକାଶ ହୋଇଥାଏ। ନିୟମିତ ସ୍କୁଲ ଆସିଲେ ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ହୋଇପାରିବ। ବାର୍ଷିକ ପରୀକ୍ଷା ପୂର୍ବରୁ ଅର୍ଥାତ୍ ଜାନୁଆରୀ ୭ ତାରିଖ ସୁଦ୍ଧା ସିବିଏସଇର ଆଞ୍ଚଳିକ କେନ୍ଦ୍ରରେ ସମସ୍ତ କାଗଜପତ୍ର ଜମା କରିବାକୁ ବିଦ୍ୟାଳୟଗୁଡ଼ିକ ନିର୍ଦ୍ଦେଶ ଦିଆଯାଇଛି।

# ବ୍ୟାବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବାଧ୍ୟତାମୂଳକ

ଭୁବନେଶ୍ୱର, ୬।୮ (ସମିସ): ରାଜ୍ୟର ପ୍ରତ୍ୟେକ ବ୍ୟାବସାୟିକ ପ୍ରତିଷ୍ଠାନରେ ରହିବ ଓଡ଼ିଆ ନାମଫଳକ। ଏହି ନିୟମକୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନେ ନିଶ୍ଚିତ ଭାବେ ସେମାନଙ୍କ ସାଇନ ବୋର୍ଡ ବା ନାମଫଳକର ମୋଟ କ୍ଷେତ୍ରଫଳର ଅନ୍ୟୂନ ୬୦ ପ୍ରତିଶତ ଭାଗରେ ଓଡ଼ିଆ ଭାଷାର ଲିପି ବ୍ୟବହାର କରିବେ। ନିର୍ଦ୍ଦେଶନାମା ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପ୍ରତ୍ୟେକ ଦିନ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବ। ବୁଧବାର ଏ ସଂପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଆରେ ନାମଫଳକ

**■ ମାନିଲେ ପ୍ରୋତ୍ସାହନ, ନ ମାନିଲେ ଜରିମାନା**
**■ ନାମଫଳକ ସଂଶୋଧନ ପାଇଁ ୫୫ ଦିନର ସମୟ**

ଲେଖିଥିବା ଦୋକାନ ମାଲିକଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ନିର୍ଦ୍ଦେଶନାମା ଅନୁସାରେ, ଅନୁପାଳନକାରୀଙ୍କୁ ଆଗାମୀ ଟ୍ରେଡ୍ ଲାଇସେନ୍ସ ନବୀକରଣ ସମୟରେ ଦେୟର ୫ ପ୍ରତିଶତ ରିହାତି ପ୍ରଦାନ କରାଯିବ। ନିର୍ଦ୍ଦେଶନାମା ଅନୁପାଳନ କରୁ ନ ଥିବା ପ୍ରତିଷ୍ଠାନମାନଙ୍କୁ ନୋଟିସ ଦିଆଯାଇ ନାମଫଳକ ସଂଶୋଧନ ପାଇଁ ୫୫ ଦିନ ମହଲତ ଦିଆଯିବ। ତେବେ ସଂଶୋଧନ ହେବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ ଟଙ୍କା (ପାଞ୍ଚଶହ ଟଙ୍କା ମାତ୍ର) ଜରିମାନା ଲାଗୁ ହେବ।

ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ ରାଜ୍ୟର ସମସ୍ତ ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ନିଜ ନିଜ ନାମଫଳକରେ ଓଡ଼ିଆ ଭାଷା ଲିପିକୁ ପ୍ରାଧାନ୍ୟ ଦେବାକୁ ନିଶ୍ଚିତ କରିବେ। ପୌର ସଂସ୍ଥାଗୁଡ଼ିକ ଟ୍ରେଡ ଲାଇସେନ୍ସ ନବୀକରଣ ଓ ନିରୀକ୍ଷଣ ସମୟରେ ଅନୁପାଳନ ଯାଞ୍ଚ ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଶେଷକରି ନିର୍ଦ୍ଦେଶର ପରିପାଳନ ସୁନିଶ୍ଚିତ କରିବେ। ନିର୍ଦ୍ଦେଶର ଅନୁପାଳନ ସୁନିଶ୍ଚିତ କରି ୬୦ ଦିନ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଅନୁରୋଧ କରାଯାଇଛି।

# ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ଆଶଙ୍କା

ଭୁବନେଶ୍ୱର,୬।୮ (ସମିସ): ଓଡ଼ିଶାରେ ବର୍ତ୍ତମାନ ମୌସୁମୀ ବାୟୁ ନିଷ୍କ୍ରିୟ ରହିଛି। ଏଥିପାଇଁ ଗତ କିଛି ଦିନ ହେବ ରାଜ୍ୟରେ ଆଖିଦୃଶିଆ ଭାବେ ବର୍ଷାର ପ୍ରଭାବ କମିଛି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଏଭଳି ଧାରା ଜାରି ରହିବାର ସମ୍ଭାବନା ରହିଛି। ମାତ୍ର ଗୁରୁବାର ଓ ଶୁକ୍ରବାର ଉତ୍ତର ଓଡ଼ିଶାର କିଛି କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ଅଧିକ ବର୍ଷାର ଆଶଙ୍କା କରାଯାଉଛି। ଗୁରୁବାର ଦକ୍ଷିଣ ବଂଲାଦେଶ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବା ବେଳେ ଏହାର ପ୍ରଭାବରେ ବର୍ଷା ନେଇ ଆକଳନ କରାଯାଉଛି। ଏଥିପାଇଁ ଗୁରୁବାର କେନ୍ଦୁଝର, ସୁନ୍ଦରଗଡ଼ ଓ ସମ୍ବଲପୁରରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅବଶିଷ୍ଟ ଅଞ୍ଚଳରେ ପାଗ ଶୁଖିଲା ରହିବାକୁ ଥିବାବେଳେ କିଛି ସ୍ଥାନରେ କୋହଲା ପାଗର ଆଶଙ୍କା କରାଯାଉଛି। ଆସନ୍ତା ୧୩ ତାରିଖ ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏହା ପରେ ରାଜ୍ୟରେ ପୁଣି ମୌସୁମୀ ସକ୍ରିୟ ହୋଇ ଭଲ ବର୍ଷା କରାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

# ସବୁ ସରକାରୀ କୋଠାର ରଙ୍ଗ ବଦଳିବ

ଭୁବନେଶ୍ୱର,୬।୮ (ସମିସ): ସରକାରୀ କୋଠାଗୁଡ଼ିକରେ ରଙ୍ଗ ପରିବର୍ତ୍ତନ ପାଇଁ ପୁଣି ଥରେ ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ସରକାର। ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମାରେ ରାଜ୍ୟର ସମସ୍ତ ନୂତନ ସରକାରୀ କୋଠା ଓ ମରାମତି ସମୟରେ ପୁରୁଣା କୋଠାଗୁଡ଼ିକୁ ଗୋଟିଏ ପ୍ରକାର ରଙ୍ଗ କରିବାକୁ କୁହାଯାଇଛି। ଗତବର୍ଷ ଅକ୍ଟୋବର ମାସରେ ସରକାରଙ୍କ ପକ୍ଷରୁ ସମାନ ନିର୍ଦ୍ଦେଶନାମା ଜାରି କରାଯିବା ସହିତ ସରକାରୀ କୋଠାଗୁଡ଼ିକର ଗେରୁଆ ରଙ୍ଗ କରିବାକୁ ସବୁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ନୂଆ ସରକାର ଗଠନ ପରଠାରୁ ବିଭିନ୍ନ ସରକାରୀ କୋଠା, ବସ୍, ସ୍କୁଲ୍ ପୋଷାକ, ନାମ ଫଳକ ଏମିତି କି କ୍ଷୀର ପ୍ୟାକେଟ୍ ଆଦିର ରଙ୍ଗ ବଦଳାଇବା ପ୍ରକ୍ରିୟା ଜାରି ରହିଛି। ନୂଆ କରି ନିର୍ମାଣ ହୋଇଥିବା ବିଭିନ୍ନ ହସ୍ପିଟାଲ, ମେଡିକାଲ କଲେଜ ଓ ଅନ୍ୟ ପ୍ରତିଷ୍ଠାନ ଆଦିର ମଧ୍ୟ ରଙ୍ଗପରିବର୍ତ୍ତନ କରାଯାଉଛି। ଗତ ଅକ୍ଟୋବର ମାସରେ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ସବୁ ବିଭାଗର ଇଂଜିନିୟରିଂ ମୁଖ୍ୟଙ୍କୁ ଚିଠି ଲେଖାଯାଇ ସରକାରୀ କୋଠାର ରଙ୍ଗ ପରିବର୍ତ୍ତନ ନେଇ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରଠାରୁ ବାହାର କାନ୍ଥର ରଙ୍ଗ କମଳା ଏବଂ ବର୍ଡର ଲାଲ୍ ରହିଥିଲା। ମାତ୍ର ପୂର୍ବରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଓ ନୂତନ ନିର୍ଦ୍ଦେଶନାମାର ରଙ୍ଗ କୋଡ୍‌ରେ ସାମାନ୍ୟ କିଛି ପରିବର୍ତ୍ତନ ହୋଇଛି। ନୂତନ ନିର୍ଦ୍ଦେଶନାମାରେ ବର୍ଡରରୁ ରେଡ୍ ହଟାଇବାକୁ ନିଷ୍ପତ୍ତି ହୋଇଛି।

**ଆଜି ଜାତୀୟ ହସ୍ତତନ୍ତ ଦିବସ**

# ବୁଣାକାର ଓ କାରିଗରଙ୍କ ତଣ୍ଟି ଚିପିଛି ଜିଏସ୍‌ଟି

ଭୁବନେଶ୍ୱର,୬।୮ (ସମିସ): ଗୋଟିଏ ପଟେ ରାଜ୍ୟ ହସ୍ତତନ୍ତକୁ ମିଳିଥିବା ଜିଆଇ ଟ୍ୟାଗ୍ (ଭୌଗୋଳିକ ସଙ୍କେତ) ହସ୍ତତନ୍ତ ଶିଳ୍ପକୁ ଏକ ସକ୍ରିୟ ବଜାର ଯୋଗାଇଥିବା ବେଳେ ଏହି ସାମଗ୍ରୀ ବିକ୍ରି କ୍ଷେତ୍ରରେ ବାଧକ ହୋଇଛି ଜିଏସ୍‌ଟି। ସାମଗ୍ରୀର ମୂଲ୍ୟ ଅନୁସାରେ ୫ ପ୍ରତିଶତ ଓ ୧୨ ପ୍ରତିଶତ ଜିଏସ୍‌ଟି ସରକାର ଆଦାୟ କରୁଥିବାରୁ ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବୁଣାକାର ଓ କାରିଗରଙ୍କୁ କ୍ଷତିଗ୍ରସ୍ତ କରିଛି। ଫଳରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଠାରୁ ମୁହଁ ଫେରାଉଛନ୍ତି ଗ୍ରାହକ। ଫଳରେ ପୁରୁଷ ପୁରୁଷ ଧରି ଏହି ଶିଳ୍ପକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରିଥିବା ବୁଣାକାରଙ୍କ ହସ୍ତତନ୍ତ ଏବେ ଲୋପ ପାଇବାକୁ ବସିଲାଣି।

କୋଟପାଡ଼ ହସ୍ତତନ୍ତ, ସମ୍ବଲପୁରୀ ଇକତ୍, ବମ୍‌କେଇ ଶାଢ଼ୀ ଓ କପଡ଼ା, ଧଳାପଥର ପର୍ଦ୍ଦା ଓ କପଡ଼ା ସାମଗ୍ରୀ, ଖଣ୍ଡୁଆ ଶାଢ଼ୀ, ଗୋପାଳପୁର ଟସର୍, ସମ୍ବଲପୁରୀ ବାନ୍ଧ ଶାଢ଼ୀ ଆଣ୍ଡ ଫ୍ୟାବ୍ରିକ୍, ହବସପୁରୀ ଶାଢ଼ୀ, ବ୍ରହ୍ମପୁରୀ ପାଟ ଶାଢ଼ୀ ଓ ଯୋଡ଼ ଆଦି ୧୦ଟି ହସ୍ତତନ୍ତକୁ ଜିଆଇ ଟ୍ୟାଗ୍ ମିଳିସାରିଛି। ଏହି ହସ୍ତତନ୍ତଗୁଡ଼ିକ ନିଜର ସ୍ୱତନ୍ତ୍ରତା, ମୌଳିକତା ତଥା ଗୁଣବତ୍ତା ବଜାୟ ରଖିଛି। ମାତ୍ର ଯେଉଁମାନେ ହସ୍ତତନ୍ତ ପାଇଁ ନିଜର ପରିଚୟ ସୃଷ୍ଟି କରିଥିଲେ ସେମାନେ ଆଜି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ରାଜ୍ୟରେ ବୁଣାକାରଙ୍କ ସଂଖ୍ୟା ବଢ଼ିବା ବଦଳରେ କମି ଯାଉଛି। ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ

**■ ହସ୍ତତନ୍ତ ସାମଗ୍ରୀରୁ ଜିଏସ୍‌ଟି ହ୍ରାସ ପାଇଁ ଦାବି କରିଥିଲେ ନବୀନ**
**■ କେନ୍ଦ୍ରକୁ ଲେଖିଥିଲେ ଚିଠି, ଜିଏସ୍‌ଟି ପରିଷଦରେ ହୋଇଥିଲା ଦାବି**

ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫ଶହ ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ସେହିପରି ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇପାରି ନାହିଁ। କେବଳ ସେତିକି ନୁହେଁ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ମଧ୍ୟ ଗଠନ ବିଳମ୍ବିତ ହୋଇ ଚାଲିଛି।

ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ ବିକ୍ରି ଉପରେ ଜିଏସ୍‌ଟି ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି । ୧ ହଜାର ଟଙ୍କା ମୂଲ୍ୟର ହସ୍ତତନ୍ତ ସାମଗ୍ରୀ ଉପରେ ୧୨% ଟିକସ ବ୍ୟବସ୍ଥା ରହିଛି ଓ ୧ ହଜାରରୁ କମ୍ ମୂଲ୍ୟ ସାମଗ୍ରୀ ଉପରେ ଟିକସ ରହିଛି ୫% । ଦୁଇ ହଜାର ଟଙ୍କାର କପଡ଼ା କିଣିଲେ ୨୪୦ ଟଙ୍କା ଟିକସ ଦେବା ଅନିବାର୍ଯ୍ୟ। ସେହିପରି ୧୦ ହଜାର ଟଙ୍କାର ପାଟଶାଢ଼ୀଟିଏ କିଣିଲେ ଗ୍ରାହକକୁ ୧୨୦୦ ଟଙ୍କା ଟିକସ ଦେବାକୁ ପଡୁଛି । ମାତ୍ର ବିଡ଼ମ୍ବନା ହେଉଛି ଏହି ଟିକସରୁ ହସ୍ତତନ୍ତ କାରିଗରକୁ ଟଙ୍କାଟିଏ ମିଳୁନାହିଁ । ସେହିପରି ଜିଏସ୍‌ଟି ଯୋଗୁଁ ସାମଗ୍ରୀର ମୂଲ୍ୟ ବୃଦ୍ଧି ଗ୍ରାହକକୁ ହସ୍ତତନ୍ତ ସାମଗ୍ରୀ କିଣାରୁ ବିମୁଖ କରୁଛି। ପୂର୍ବରୁ ନବୀନ ପଟ୍ଟନାୟକ ସରକାର ହସ୍ତତନ୍ତ ଉପରୁ ଜିଏସ୍‌ଟି ଉଠାଇବାକୁ ବାରମ୍ବାର କେନ୍ଦ୍ର ନିକଟରେ ଦାବି କରିଥିଲେ। ଜିଏସ୍‌ଟି ପରିଷଦ ବୈଠକରେ ମଧ୍ୟ ଓଡ଼ିଶା ଏହି ପ୍ରସଙ୍ଗ ଉଠାଇଥିଲା। ମାତ୍ର କେନ୍ଦ୍ର ସରକାର ଏହାପ୍ରତି କର୍ଣ୍ଣପାତ କରିନାହାନ୍ତି । ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ କେନ୍ଦ୍ରକୁ ନିର୍ବାଚିତ ହୋଇଥିଲେ ମଧ୍ୟ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । ଯାହା ରାଜ୍ୟରେ ହସ୍ତତନ୍ତ ଶିଳ୍ପକୁ ରୁଗ୍ଣ କରିବାରେ ଲାଗିଛି। ଫଳସ୍ୱରୂପ ଅନେକ ବୁଣାକାର ପରିବାର ପ୍ରତିପୋଷଣ କାଇଁ ରାଜ୍ୟଛାଡ଼ି ବାହାରକୁ ଚାଲିଯାଉଛନ୍ତି। ଖୋର୍ଦ୍ଧା ଧଳାପଥର ପରଦା ବୁଣାକାରଙ୍କ ସଂଖ୍ୟା ଲୋପ ପାଇଗଲାଣି। କଳାହାଣ୍ଡିର ଶହ ଶହ ପରିବାର ହବସପୁରୀ ହସ୍ତତନ୍ତ କାମ କରୁଥିବା ବେଳେ ବର୍ତ୍ତମାନ ମାତ୍ର ୬ ପରିବାର ଏହାକୁ ବଞ୍ଚାଇ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ଓଡ଼ିଶାର ବୁଣାକାରଙ୍କ ପାଇଁ ବିଷେଷ ଉତ୍ସାହଜନକ ମନେ ହେଉନାହିଁ। ତେଣୁ ସରକାର ବୁଣାକାରମାନଙ୍କୁ ସବ୍‌ସିଡି ପ୍ରଦାନ କରିବା ସହ ସେମାନଙ୍କୁ ଉପଯୁକ୍ତ ବଜାରୀକରଣ ସୁବିଧା ଯୋଗାଇଦେବା ଓ ହସ୍ତତନ୍ତ ସାମଗ୍ରୀରୁ ଜିଏସ୍‌ଟି ହ୍ରାସ କରିବା ପାଇଁ ବୁଣାକାରମାନେ ଦାବି କରିଛନ୍ତି।

# ନିଶାଡ଼ି ପ୍ରଧାନଶିକ୍ଷକଙ୍କ ବଦଳି ଦାବିକଲେ ଅଭିଭାବକ



**➤ ମୁଖ୍ୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ**
**➤ ମଣ୍ଡପରେ ବସି ପାଠ ପଢ଼ିଲେ ପିଲା**

ଡେଲାଙ୍ଗ, ୬।୮ (ସମିସ): ଜଣେ ପ୍ରଧାନଶିକ୍ଷକ ଶିକ୍ଷାଦାନ ସମୟରେ ନିଶା ସେବନ କରିବା ଓ ନିଶାସକ୍ତ ଅବସ୍ଥାରେ ପିଲାଙ୍କୁ ପାଠ ପଢାଇବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ଅଭିଭାବକ ଓ ଗ୍ରାମବାସୀ। ଡେଲାଙ୍ଗ ବ୍ଲକ ରେଞ୍ଚ ପଞ୍ଚାୟତର ଜୋକନଡୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ପିଲାଙ୍କୁ ସଠିକ ଶିକ୍ଷା ମିଳୁ ନଥିବା ଗ୍ରାମବାସୀ କହିଛନ୍ତି। ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୩ଜଣ ପିଲାଙ୍କୁ ଜଣେ ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷୟିତ୍ରୀ ପାଠ ପଢାଉଛନ୍ତି। ଏସବୁର ପ୍ରତିବାଦ କରି ଅଭିଭାବକ ଓ ଗ୍ରାମବାସୀ ବୁଧବାର ପ୍ରତିବାଦ କରିଛନ୍ତି।
ପ୍ରଧାନଶିକ୍ଷକ ଲୋକନାଥ ସେନାପତିଙ୍କ ସମେତ ତାଙ୍କର ଅନ୍ୟ ବନ୍ଧୁମାନେ ଗୋଟିଏ କାର ଜରିଆରେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିବା ସହିତ ନିଶା ସେବନ କରିଥିଲେ। ଘଟଣା ସମ୍ପର୍କରେ ଜାଣିପାରି ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚିବା ବେଳକୁ ଶିକ୍ଷକଙ୍କ ବନ୍ଧୁମାନେ ବିଦ୍ୟାଳୟ ଛାଡି ଚାଲି ଯାଇଥିଲେ। ଯାହା ଫଳରେ ମଙ୍ଗଳବାର ବିଦ୍ୟାଳୟ ଖୋଲାହେବା ପୂର୍ବରୁ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ପ୍ରଧାନ ଶିକ୍ଷକଙ୍କ ଆସିବା ବାଟକୁ ଚାହିଁ ରହିଥିଲେ। ବିଦ୍ୟାଳୟଟି ବନ୍ଦ ଥିବାରୁ ସହକାରୀ ଶିକ୍ଷୟିତ୍ରୀ ସରିତା ମାଝୀ ପିଲାମାନଙ୍କୁ ନିକଟରେ ଥିବା କାର୍ତ୍ତିକେଶ୍ୱର ଦେବଙ୍କ ମଣ୍ଡପରେ ବସି ପାଠ ପଢାଉଥିବା ଦେଖିବାକୁ ମିଳିଥିଲା। ଏହାସହିତ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢୁଥିବା ୧୫ ଜଣ କୋମଳମତି ଶିଶୁ ଓ ଅଙ୍ଗନବାଡି କର୍ମୀମାନେ ମଧ୍ୟ ସେହି ମଣ୍ଡପରେ ବସିଥିଲେ। ପରେ ପ୍ରଧାନଶିକ୍ଷକ ଆଜି ଛୁଟିରେ ରହିବେ ବୋଲି ଡେଲାଙ୍ଗ ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ଛୁଟି ଦରଖାସ୍ତ ଲେଖି ସହକାରୀ ଶିକ୍ଷୟିତ୍ରୀଙ୍କ ହ୍ୱାଟସଆପରେ ପଠାଇଥିଲେ। ଘଟଣା ସମ୍ପର୍କରେ ଅବଗତ ହୋଇ ସ୍ଥାନୀୟ ସରପଞ୍ଚ ହରିହର ସ୍ୱାଇଁ, ସିଆରସିସି ଜଗନ୍ନାଥ ପରିଡା, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଲୋକଙ୍କୁ ବୁଝାସୁଝା କରିବା ସହିତ ପ୍ରଧାନ ଶିକ୍ଷଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେବାପରେ ବିଦ୍ୟାଳୟର ତାଲା ଖୋଲାଯାଇଥିଲା। ସରପଞ୍ଚଙ୍କ ସମେତ ଅଭିଭାବକ ଓ ଗ୍ରାମବାସୀ ପ୍ରଧାନ ଶିକ୍ଷକଙ୍କ ବଦଳି ନିମନ୍ତେ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଅଭିଭାବକ ମାନଙ୍କ ଅଭିଯୋଗ ପହଞ୍ଚିଛି ଓ ଏହି ଘଟଣାର ତଦନ୍ତ ପୂର୍ବକ ସରପଞ୍ଚଙ୍କ ସମେତ ସିଆରସିସିଙ୍କୁ ନେଇ ଏକ ବୈଠକ ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ସୂଚନା ଦେଇଛନ୍ତି।

## ଜାତୀୟ ରାଜପଥ କଡ଼ରୁ ମୃତଶରୀର ଉଦ୍ଧାର; ହତ୍ୟା ଅଭିଯୋଗ

ପିପିଲି, ୬।୮ (ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରଜପଥ ଦାଣ୍ଡ ମୁକୁନ୍ଦପୁର ବାଇପାସ ରାସ୍ତାକଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକ ଜଣକ ନିମାପଡ଼ା ଥାନା ନଅନ୍ତରା ଗ୍ରାମର ଅଜୟ କୁମାର ସେଠୀ (୨୬) ବୋଲି ଜଣାପଡ଼ିଛି। ତାଙ୍କୁ କେହି ହତ୍ୟାକରି ଏଠାରେ ଫିଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି ଯୁବକଙ୍କ ସମ୍ପର୍କୀୟ ମାମୁ। ଅଜୟ ରାଜ୍ୟ ବାହାରେ ରହି କାମ କରୁଥିବା ବେଳେ କିଛି ଦିନ ତଳେ ସେ ଘରକୁ ଆସି ପୁଣି କାମକୁ ଯାଇଥିଲେ। ଆଜି ଭୋରରୁ ପିପିଲି ରାଜପଥ କଡ଼ରେ ତାଙ୍କ ମୃତ ଦେହ ପଡ଼ିଥିବାର ଘଟଣା ସମସ୍ତଙ୍କୁ ଚକିତ କରିଛି। ମୃତ ଯୁବକଙ୍କ ଶରୀରର ବିଭିନ୍ନ ଅଂଶର କ୍ଷତ ଚିହ୍ନ ରହିଥିବା ବେଳେ ତାଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ପିପିଲି ପୁଲିସ ପହଞ୍ଚି ଯୁବକଙ୍କ ମୃତଦେହକୁ ଜବତ କରିବା ସହ ପାଖରୁ ଚପଲ ବ୍ୟାଗ, ମୋବାଇଲକୁ ମଧ୍ୟ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଅଧିକ ତଦନ୍ତ ପାଇଁ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସଦସ୍ୟମାନେ ତନାଘନା କରିଛନ୍ତି। ପ୍ରାଥମିକ ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। କିଛିଦିନ ତଳେ ଏହି ରାଜପଥରୁ ଜଣେ ଲୋକର କଙ୍କାଳ ପିପିଲି ପୁଲିସକୁ ମିଳିଥିବାବେଳେ ପୁଣି ଏକ ହତ୍ୟା ଘଟଣା ସାମ୍ନାକୁ ଆସୁଛି। ମୃତ ଯୁବକଙ୍କ ବାପା କୃଷ୍ଣଚନ୍ଦ୍ର ସେଠୀ ପିପିଲି ଥାନାରେ ଏନେଇ ଏକ ଅଭିଯୋଗ କରିଛନ୍ତି। ପୁଲିସ ୪୭୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ଝୁଲଣ ଉତ୍ସବ



ନୟାହାଟ, ୬।୮ (ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ ନୟାହାଟ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ଆରମ୍ଭ ହୋଇଛି ଝୁଲଣ ଉତ୍ସବ। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି କ୍ଷେତ୍ରରେ ଝୁଲଣ ପର୍ବର ଏକ ନିଆରା ପରମ୍ପରା ରହିଛି। ଭାଇମାନେ ସଖା ଓ ମା'ମାନେ ସଖୀ ଭାବରେ ଦୁଇ ଭାଗରେ ବିଭକ୍ତ ହୋଇଥାନ୍ତି। ସଖା ଦଳ ପକ୍ଷରୁ ଯୁକ୍ତି ଆମ କୃଷ୍ଣ ବଡ। ସେହିପରି ସଖୀ ଦଳ କୁହନ୍ତି ଆମ ରାଧାରାଣୀ ବଡ଼। ଶେଷରେ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କର ଲିଖନରୁ ଝରି ଆସିଥାଏ ଭଜନ ଆଗେ ଭକ୍ତ ପଛେ ଭଗବାନ। ଶେଷରେ ଆନନ୍ଦରେ ଭକ୍ତଗଣ ରାଧାକୃଷ୍ଣଙ୍କ ଜୟ ଗାନ କରିଥାନ୍ତି। ପାଞ୍ଚ ଦିନ ବ୍ୟାପି ପ୍ରଭୁ କେବଳ ଝୁଲୁଥାନ୍ତି। ଏହି ନିଆରା ପରମ୍ପରା ଦେଖିବା ପାଇଁ ବହୁ ଭକ୍ତ ବିଭିନ୍ନ ସ୍ଥାନରୁ ଆସିଥାନ୍ତି। ଏହି ଝୁଲଣ ପର୍ବ ପୂର୍ଣ୍ଣିମା ଦିନ ଶେଷ ହେବ। ସମସ୍ତ ଶ୍ରଦ୍ଧାଳୁ ଏହାର ସୁଯୋଗ ନେବା ପାଇଁ ପ୍ରଚାର ଓ ପ୍ରସାର ସେବକ ପ୍ରୀତି ରଞ୍ଜନ ଦାସ ନିବେଦନ କରିଛନ୍ତି।

## ବନ୍ଦ ଡକରାକୁ ସିପିଆଇର ସମର୍ଥନ

ଚାରିଛକ, ୬।୮ (ସମିସ): ପୁରୀ ଜିଲ୍ଲାର ବଲଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମରେ ପୋଡ଼ି ହୋଇ ମୃତ ନାବାଳିକାଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବିରେ ଗୁରୁବାର ବିଜେଡିର ୬ ଘଣ୍ଟା ପୁରୀ ଜିଲ୍ଲା ବନ୍ଦ ପାଳନକୁ ବିଭିନ୍ନ ମହଲରୁ ସମର୍ଥନ ମିଳିଛି। ସରକାରୀ ଓ ବେସରକାରୀ ଅନୁଷ୍ଠାନ ସବୁ ବନ୍ଦ ରହିବ ବୋଲି ଆଜି ନିମାପଡା, ଚାରିଛକ ଓ ତାହାର ଆଖ ବିଭିନ୍ନ ବଜାରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜଣାଇ ଦିଆଯାଇଛି। ବିଜେଡି ପକ୍ଷରୁ ଗୁରୁବାର ହେଉଥିବା ବନ୍ଦ ଡକରାକୁ ସିପିଆଇ ପୂର୍ଣ୍ଣ ସମର୍ଥନ କରିବ ବୋଲି ସିପିଆଇ ପୁରୀ ଜିଲ୍ଲା ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ରାଉତ ଜଣାଇଛନ୍ତି।

## ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସୁଭଦ୍ରା ଯୋଜନା ସଚେତନତା

ସାକ୍ଷୀଗୋପାଳ, ୬।୮ (ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ସୁଭଦ୍ରା ଯୋଜନାର ସଚେତନତା ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ ପରିଚାଳନା କରିଥିଲେ। ପ୍ରଥମ ବିଭାଗ ପଞ୍ଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀ। ଦ୍ୱିତୀୟ ବିଭାଗରେ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ। ତୃତୀୟ ବିଭାଗରେ ଯୁକ୍ତ ଦୁଇଠାରୁ ଅଧିକ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉକ୍ତ ବିଭାଗରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଓଡ଼ିଶାର ମହିଳା ସଶକ୍ତିକରଣ ଯାତ୍ରାରେ ସୁଭଦ୍ରା ଯୋଜନାର ଭୂମିକା, ମୋ ସ୍ୱପ୍ନର ଓଡ଼ିଶା, ଉଦ୍ୟମିତା ମାଧ୍ୟମରେ ଆତ୍ମନିର୍ଭରଶୀଳ ଓ ଅର୍ଥନୈତିକ ସଶକ୍ତିକରଣରେ ସୁଭଦ୍ରାର ଭୂମିକା ଆଦି ପ୍ରବନ୍ଧ, ପେଣ୍ଟିଙ୍ଗ, ଜଣାଅଜଣା, ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏସବୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶତାଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ତିନୋଟି ବିଭାଗରୁ ୨୭ ଜଣ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଥିଲେ। ସେମାନଙ୍କୁ ମାନପତ୍ର ଓ ଏକ ଚାରା ପ୍ରଦାନ କରି ଉତ୍ସାହିତ କରିଥିଲେ। ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପୁଷ୍ପମିତ୍ରା ପଟ୍ଟନାୟକ, ପ୍ରାଧ୍ୟାପକ କଳ୍ପନା ମହାପାତ୍ର ଓ ଇତିହାସ ବିଭାଗ ଅଧ୍ୟାପିକା ସ୍ୱର୍ଣ୍ଣଲତା ମହାରି, କ୍ରୀଡା ଶିକ୍ଷକ ରଘୁନାଥ ପରିଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସାକ୍ଷୀଗୋପାଳରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ କର, ଶିକ୍ଷୟିତ୍ରୀ ସବିତା ରଥ, ବ୍ଲକ ସହ ଶିକ୍ଷାଧିକାରୀ ଛାଟୋଇ ମୋତିଲାଲ ରାୟ, ବରିଷ୍ଠ ଶିକ୍ଷକ ସୁନୀଲ ବେହେରା ଯୋଗ ଦେଇଥିଲେ। ସୁଭଦ୍ରା ହେଲ୍ପଡେସ୍କ ପକ୍ଷରୁ କ୍ରିଷ୍ଣା ପ୍ରିୟଦର୍ଶିନୀ ଜେନା ଓ ରଞ୍ଜିତା ମହାପାତ୍ର ଉପସ୍ଥିତ ଥିଲେ। ସୁପରଭାଇଜର ପିୟୁସମୟୀ ପଣ୍ଡା, ବବିତା ସ୍ୱାଇଁ ଓ ରାଧାରାଣୀ ଦାଶ ସହଯୋଗ କରିଥିଲେ।

## ଛୁରାମାଡ଼ ଘଟଣା: ୪ କୋର୍ଟ ଚାଲାଣ

ପିପିଲି, ୬।୮ (ସମିସ): ଗତ ମଙ୍ଗଳବାର ଅପରାହ୍ନ ସମୟରେ ପିପିଲି କାକୁଡ଼ିଆ ଛକର କେତେକ ଅସାମାଜିକ ଯୁବକଙ୍କ ଛୁରା ମାଡ଼ରେ ଗୁରୁତର ଆହତ ହୋଇ ଜଣେ ଯୁବକ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଯୁବକଙ୍କ ଭାଇ ବଚନ ମାର୍ଥା ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ପିପିଲି ପୁଲିସ ୫୭୭/୨୫ରେ ଏକ ମାମଲା ରୁଜୁକରି ପୁରୀ ବଳିଆପଣ୍ଡା ଅଞ୍ଚଳର ଜଣେ ନାବାଳକ ସହ ପୁରୀ ଟାଉନ ଥାନାଞ୍ଚଳର ମାର୍କଣ୍ଡେଶ୍ୱର ସାହିର ବିକ୍ରମ ରଥ, ଜଗନ୍ନାଥ ସ୍ୱାଇଁ, ଜନ୍ମେଜୟ ନାୟକଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ନାମରେ ପୁରୀ ଟାଉନ ଥାନାରେ ହତ୍ୟା ମାମଲା ସହ ସଦର ଥାନାରେ ମାମଲା ରହିଛି।

## ୟୁଏଏସ୍ ପ୍ରଚଳନ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଡେଲାଙ୍ଗ, ୬।୮ (ସମିସ): ରାଜ୍ୟର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ୍) ପ୍ରଚଳନ କରାଯାଇଛି। ଏହାକୁ ବିରୋଧ କରି ବୁଧବାର ଡେଲାଙ୍ଗ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ବିଦ୍ୟାଳୟକୁ ଆସିବା ଓ ଯିବା ସମୟର ଗଣତି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ୟୁଏଏସ୍‌ର ପ୍ରଚଳନ କରାଯାଇଥିବା ଜଣାପଡିଛି। ହେଲେ ନୂତନ ଭାବେ ପ୍ରଚଳିତ ଏହି ଅନଲାଇନ ଆପ୍ଲିକେସନରେ ଶିକ୍ଷକମାନେ କେତେକ ତ୍ରୁଟି ପରିଲକ୍ଷିତ କରୁଥିବାରୁ ଏହି କାର୍ଯ୍ୟ କରିବା ପାଇଁ ସେମାନେ ମାନସିକ ଚାପରେ ରହୁଥିବା କହିଛନ୍ତି। ଯାହାଫଳରେ ପିଲାମାନଙ୍କ ପାଠପଢାରେ ବାଧା ଉପୁଜୁଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ସଂଘ ସଭାପତି ଦିଗାମ୍ବର ରଥ, ସମ୍ପାଦକ ପ୍ରଶାନ୍ତ ଦାସ, ସନ୍ତୋଷ ମିଶ୍ର, ଫକୀରଚନ୍ଦ୍ର ଦାସ, ହେମନ୍ତ ପରିଡା, ସୂର୍ଯ୍ୟନାରାୟଣ ସେଠୀ, ଦିଲ୍ଲୀପ ପ୍ରଧାନ ଉପସ୍ଥିତ ଥିଲେ।

## ଭାରୀଯାନ କଟକଣା: ଭଉଁରିଆ ସେତୁରେ ଲାଗିଲା ବାରିକେଡ୍

ଅସ୍ତରଙ୍ଗ, ୬।୮ (ସମିସ): ଅସ୍ତରଙ୍ଗର ବହୁ ପୁରାତନ ଭଉଁରିଆ ସେତୁଟି ବିପଦସଂକୁଳ ହୋଇଯାଇଥିବାରୁ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ବିଚାର କରି, ସୁରକ୍ଷା ଦୃଷ୍ଟିକୋଣରୁ ଅସ୍ତରଙ୍ଗରୁ ପାଟସୁନ୍ଦରପୁର ରାସ୍ତାର ଉକ୍ତ ଭଉଁରିଆ ସେତୁ ଉପରେ ଭାରୀ ଯାନବାହନ ଚଳାଚଳ ଉପରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରତିବନ୍ଧକ ଲଗାଇଛନ୍ତି। ସାଧାରଣ ଜନତା ସୁରକ୍ଷା ଦୃଷ୍ଟିରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପୁରୁଣା ସେତୁ ଦେଇ ଭାରୀ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ସ୍ଥାନରେ ଆବଶ୍ୟକ ସାଇନେଜ୍ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିପରି ବ୍ରିଜ ଉପରେ ଭାରୀଯାନ ଚଳାଚଳ ବନ୍ଦହେବ ସେଥିପାଇଁ ପ୍ରଶାସନ ବ୍ରିଜର ପ୍ରବେଶ ଦ୍ୱାରରେ ବ୍ୟାରିକେଡ୍ ଲଗାଇଛି।

## ପ୍ରଧାନଶିକ୍ଷକ ଓ କିରାଣିଙ୍କୁ ବିଦାୟ ସମ୍ବର୍ଦ୍ଧନା



ନୟାହାଟ, ୬।୮ (ସମିସ): ଶିକ୍ଷକ ସମାଜ ପଥପ୍ରଦର୍ଶକ ବୋଲି ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିକ୍ଷ୍ୟାବିତ ପ୍ରକାଶଚନ୍ଦ୍ର ପରିଡା କହିଥିଲେ। ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର କଦମ୍ବ ପାଟଣାଠାରେ ଥିବା ରାଧାଦାମୋଦର ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ସ୍ୱାଇଁ ଓ କନିଷ୍ଠ କିରାଣି ରାଜକିଶୋର ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋପ ବ୍ଲକ ମଣ୍ଡଳ ଅଧିକାରୀ କହିଥିଲେ, ଶିକ୍ଷକ ସମାଜ ଆଦର୍ଶ ଗୁନମାନ ଓ ନୀତିବାନ ହୋଇ କାର୍ଯ୍ୟ କରିବା ଦରକାର। ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସଚନ୍ଦ୍ର ଦାସ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରସନ୍ନ ସ୍ୱାଇଁ, ଇସାଣପୁର ସରପଞ୍ଚ ବିନୋଦିନୀ ପାଳ, ସ୍କୁଲ ଶିକ୍ଷକ ସଂଗଠକ ପ୍ରକାଶଚନ୍ଦ୍ର ମହାନ୍ତି, ଓଷ୍ଟା ସଂପାଦକ ଶଙ୍କର ସୁବୁଦ୍ଧି, ପୁରୀ ଜିଲ୍ଲା ଓଷ୍ଟା ସଂପାଦକ ବିଭୁଦତ୍ତ ନାୟକ, ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ମହାନ୍ତି, ସମାଜସେବୀ ମକରଧ୍ୱଜ ସ୍ୱାଇଁ, ପୂର୍ବତନ ସହଶିକ୍ଷାଧିକାରୀ ଅଶୋକ ବେହେରା, ପୂର୍ବତନ ଓଷ୍ଟା ସଂପାଦକ ବିଚିତ୍ରାନନ୍ଦ ପାତ୍ର, ଶିକ୍ଷାବିତ ଅରବିନ୍ଦ ସାହୁ ଓ ଶିକ୍ଷକ ସରୋଜ ମିଶ୍ର ଉପସ୍ଥିତ ଥିଲେ। ରାଧାଦାମୋଦର ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଦାସ ଉକ୍ତ ଉତ୍ସବରେ ସଭାପତିତ୍ୱ କରିଥିଲେ।

## ସନ୍ଦିଗ୍ଧ ଯୁବକଙ୍କୁ ନେଇ ଥାନାରେ ଅଭିଯୋଗ



ଅସ୍ତରଙ୍ଗ, ୬।୮ (ସମିସ): ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ବରାଙ୍ଗ ଗ୍ରାମର କେତେକ ଲୋକ କିଛି ମାସ ହେବ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରଛନ୍ତି। ଅଭିଯୋଗ ପରେ ଉକ୍ତ ଯୁବକଙ୍କୁ ଥାନାକୁ ଡକାଯାଇ ପରିଚୟପତ୍ର ମଗାଯାଇଥିଲା। କୌଣସି ପରିଚୟପତ୍ର ନଥିବାରୁ ସେ ୧୫ ଦିନ ଭିତରେ ସମସ୍ତ ପରିଚୟପତ୍ର ଥାନାରେ ଦାଖଲ କରିବେ ବୋଲି ମହଲତ ନେଇଥିଲେ; ମାତ୍ର କୌଣସି ପ୍ରକାର କାଗଜପତ୍ର ଦେଖାଇ ନପାରିବା କାରଣରୁ କିଛି ଗ୍ରାମବାସୀଙ୍କ ସନ୍ଦେହ ବୃଦ୍ଧି ପାଇଛି। ଏ ବାବଦରେ ନିମାପଡା ଡ଼ିଏସପି, ଜିଲ୍ଲା ଏସପି ଓ କ୍ରାଇମବ୍ରାଞ୍ଚକୁ ମଧ୍ୟ ଗ୍ରାମବାସୀ ଅଭିଯୋଗ ପଠାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଉକ୍ତ ଯୁବକ କେନ୍ଦୁଝର ଜିଲ୍ଲାର। ସେ ବିବାହିତ ଥିବା ବେଳେ ଗୋଟିଏ ସନ୍ତାନ ମଧ୍ୟ ରହିଛି। ଘଟଣାର ବିଧିବଧ ତଦନ୍ତ ନହେବାରୁ ଆଜି ପୁଣି କିଛି ଗ୍ରାମବାସୀ ଥାନାକୁ ଆସି ଏନେଇ ପୁଲିସର ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗାମୀ ଦିନରେ ଏହାର ପ୍ରତିବାଦ କରାଯିବ ବୋଲି ସେମାନେ ଧମକ ମଧ୍ୟ ଦେଇଛନ୍ତି।

## ନୂତନ ଏବିଡିଓଙ୍କ ଯୋଗଦାନ



ଡେଲାଙ୍ଗ, ୬।୮ (ସମିସ): ଡେଲାଙ୍ଗ ବ୍ଲକରେ ନୂତନ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗଦେଇଛନ୍ତି। ୨୦୨୪ ଅଗଷ୍ଟରେ ପୂର୍ବତନ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ ଅବସର ଗ୍ରହଣ କରିବା ପରେ ଦୀର୍ଘ ୧ ବର୍ଷ ଧରି ଏହି ପଦ ଖାଲି ପଡିଥିଲା। ତେବେ ନୂତନ ଭାବେ ନୀଳଶୈଳ ସ୍ୱାଇଁ ଏହି ପଦ ପୂରଣ କରିଥିବା ଡେଲାଙ୍ଗ ବ୍ଲକ ସହକାରୀ ଯନ୍ତ୍ରୀ ସୁବ୍ରତ ବାରିକ ସୂଚନା ଦେଇଛନ୍ତି। ଶ୍ରୀ ସ୍ୱାଇଁ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକରେ ଜିପିଓ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ପଦୋନ୍ନତି ହୋଇ ଡେଲାଙ୍ଗ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ ଯୋଗ ଦେଇଥିବା ଜଣାପଡିଛି।

## ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ



ବଲଙ୍ଗା, ୬।୮ (ସମିସ): ବଟବୃକ୍ଷ ବୟସ୍କ ମହାସଂଘ ଆନୁକୂଲ୍ୟରେ ବାଲିଘାଇ ଛକଠାରେ ଏକ ଫିଜିଓଥେରାପି ସେଣ୍ଟର ହେଲ୍‌ପେଏଜ ଇଣ୍ଡିଆ ମୁଖ୍ୟ ଭାରତୀ ଚକ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବଲଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ ଓ ନୁଆସନ୍ଥ ସରପଞ୍ଚ ପ୍ରଫୁଲ୍ଲ ସ୍ୱାଇଁ ଯୋଗଦାନ କରିଥିଲେ। ଫିଜିଓ ଥୋରାଫିଷ୍ଟ ଡକ୍ଟର ସଞ୍ଜିବ କୁମାର ଭଦ୍ରା, ରଞ୍ଜନ କୁମାର ଦାଶ, ଲିଜାରାଣି ସାହୁ, କୁମାର ରାୟ ଉପସ୍ଥିତ ଥିଲେ। ବଟବୃକ୍ଷ ବୟସ୍କ ମହାସଂଘ ପକ୍ଷରୁ ସଭାପତି ଗୋବିନ୍ଦଚନ୍ଦ୍ର ସ୍ୱାଇଁ, ସଂପାଦକ ଦେବେନ୍ଦ୍ରନାଥ ମିଶ୍ର, ସଂପାଦକ ଅପର୍ତି ପ୍ରଧାନ ଓ ଅନେକ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ପାଣିକାଦୁଅରେ ପଚପଚ ହାଟଗଳି ରାସ୍ତା



ଅସ୍ତରଙ୍ଗ, ୬।୮ (ସମିସ): ଅସ୍ତରଙ୍ଗ ବ୍ଲକ ସଦର ପଞ୍ଚାୟତର ୫ ନମ୍ବର ୱାର୍ଡରେ ରାସ୍ତାଘାଟ ଅବସ୍ଥା ବେହାଲ ହୋଇ ପଡ଼ିଛି। ଏହି ୱାର୍ଡର ମୁଖ୍ୟ ରାସ୍ତାରୁ ସପ୍ତାହିକ ହାଟକୁ ସଂଯୋଗ କରୁଥିବା ଦୁଇଟି ରାସ୍ତା ଗୋଟେ ପଞ୍ଚାୟତ ଅଫିସ ପାଖ ଅନ୍ୟଟି ଖୋଦ ୱାର୍ଡସଭ୍ୟଙ୍କ ଘର ସମ୍ମୁଖ ରାସ୍ତାରେ ଜମି ରହୁଛି ବର୍ଷା ପାଣି ଓ ନର୍ଦ୍ଦମା ଜଳ। ଯାହାଫଳରେ ହାଟକୁ ଯାଉଥିବା ଲୋକ ହଇରାଣ ହରକତ ହେଉଥିବା ବେଳେ ବିଭିନ୍ନ ପ୍ରକାର ସଂକ୍ରମଣ ରୋଗର ଆଶଙ୍କା ଦେଖାଦେଇଛି। ବର୍ଷା ଦିନରେ ସାପ୍ତାହିକ ହାଟକୁ ଏହି ରାସ୍ତାରେ ଅନେକ ଲୋକ ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ସେହି ରାସ୍ତା କର୍ଦ୍ଦମାକ୍ତ ହୋଇ ପଡ଼ିଛି। ୱାର୍ଡସଭ୍ୟ ମନୋଜ ବିଶ୍ୱାଳ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି ଯେ ଅନେକ ଥର ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇଲା ପରେ ମଧ୍ୟ ଏହି ରାସ୍ତାର ଅବସ୍ଥାରେ କୌଣସି ପରିବର୍ତ୍ତନ ହେଉନାହିଁ। ପଲ୍ଲୀସଭାରେ ଆଲୋଚନା ମଧ୍ୟ ବିଫଳ ହୋଇଛି। ରାଜନୈତିକ ଉଦେଶ୍ୟ ରଖି ଏହା ମରାମତି କରାଯାଉନାହିଁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ଦୃଷ୍ଟି ଦେଇ ରାସ୍ତା ଦୁଇଟାକୁ ମରାମତି କରାଇଲେ ଆଗାମୀ ଦିନରେ ୫ ନମ୍ବର ୱାର୍ଡବାସୀ ଉପକୃତ ହେବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

## ବରଗଡ଼ା ଗାଁ ବିବାଦର ତଦନ୍ତ କଲେ ମାନବାଧିକାର କମିଶନର



ନୟାହାଟ, ୬।୮ (ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ବରଗଡ଼ା ଗ୍ରାମର ଅନନ୍ତ ସାହୁ ଓ ଗ୍ରାମବାସୀ ମଧ୍ୟରେ ଏକ ଜାଗାକୁ ଉପୁଜିଥିବା ବିବାଦର ସମାଧାନ ଉଦ୍ଦେଶ୍ୟରେ ବୁଧବାର ରାଜ୍ୟ ମାନବାଧିକାର କମିଶନ ଅର୍ପନା ପୃଷ୍ଟି ନୟାହାଟ ଫାଣ୍ଡିକୁ ଆସି ତଦନ୍ତ କରିଛନ୍ତି। ଅନନ୍ତ ସାହୁଙ୍କୁ ଡକାଇ ଜମିବାଡିର କାଗଜପତ୍ର ମଗାଇବା ସହ ପଚାରି ବୁଝିଥିଲେ। ଶ୍ରୀମତୀ ପୃଷ୍ଟି ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ ଡାକି ପଚାରିଥିଲେ। ଗଣ୍ଡଗୋଳ ନକରିବା ପାଇଁ ଲୋକମାନଙ୍କୁ ତାଗିତ କରିଥିଲେ। ପ୍ରକାଶ ଯେ ବରଗଡା ଗ୍ରାମରେ ଅନନ୍ତ ସାହୁଙ୍କ ଜମି ଦାଡ଼ରେ ୮୪ ଡିସିମିଲିରୁ ୬୨ ଡିସିମିଲ ସରକାରୀ ଖାତାକୁ ଚାଲିଯିବା ଫଳରେ ବରଗଡା ଗ୍ରାମର ଲୋକମାନେ ଉକ୍ତ ଜାଗା ଉପରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଆରମ୍ଭ କରୁଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ଅନନ୍ତ ସାହୁଙ୍କୁ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଅନନ୍ତ ସାହୁଙ୍କ ଜମି କେନାଲ ନେଇଥିବାରୁ ସେ ଜଳସେଚନ ବିଭାଗ ବିରୋଧରେ ନିମାପଡ଼ା ସିଭିଲ କୋର୍ଟରେ କେସ ନମ୍ବର ୨୯/୨୪ରେ ଏକ ମାମଲା ରୁଜୁ କରିଥିଲେ। କେସ କୋର୍ଟରେ ବିଚାରଧୀନ ଥିଳା ବେଳେ ଗ୍ରାମବାସୀ ଉକ୍ତ ଯାଗାରେ ଅଙ୍ଗନବାଡ଼ି କେନ୍ଦ୍ର କାମ କରିବାରୁ ଅନନ୍ତ ପୁରୀ ଏସପି ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ନୟାହାଟ ଫାଣ୍ଡିରେ ଡିଏସପି ଗୋପ ତହସିଲଦାର, ଗୋପ ବିଡ଼ିଓ ଫାଣ୍ଡିକୁ ଆସି ଶାନ୍ତି କମିଟି ଗଠନ କରିବା ସହିତ ଯେହେତୁ କୋର୍ଟରେ କେସ ଅଛି ଉକ୍ତ କାର୍ଯ୍ୟକୁ ବନ୍ଦ କରିଥିଲେ। କେସ ଫାଇସଲା ନହେବା ପର୍ଯ୍ୟନ୍ତ ଜାଗା ଉପରକୁ ନଯିବାକୁ ତାଗିଦ କରିଥିଲେ। ଅଭିଯୋଗ ହେଲା ପରେ କମିଶନର ଶ୍ରୀମତୀ ପୃଷ୍ଟି ଘଟଣାକୁ ତଦନ୍ତ କରିବାକୁ ଆସି ଗ୍ରାମର କିଛି ଲୋକଙ୍କୁ ପଚାରି ବୁଝି ଭୁବନେଶ୍ୱର ଫେରିଯାଇଛନ୍ତି। ସେ କହିଥିଲେ, କୌଣସି କାର୍ଯ୍ୟରୁ ସେଠାରେ ଏବେ ବନ୍ଦ ରଖାଯାଇଛି।

## 'ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟ ସରକାର ସଂକଳ୍ପ ନିଅନ୍ତୁ'

ଚାରିଛକ, ୬।୮ (ସମିସ): ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀବିଗ୍ରହ ଗଠନ, ରଥ ନିର୍ମାଣ, ଶ୍ରୀ ମହାପ୍ରସାଦ ରନ୍ଧନ ସହ ବହୁବିଧ ଦେବକାର୍ଯ୍ୟ ସଂପନ୍ନ ପାଇଁ ଆବଶ୍ୟକ କାଠ ସମୂହ ପୂର୍ବେ ପ୍ରାଚୀ ବନାଞ୍ଚଳ ଯୋଗାଇଦେବାକୁ ସକ୍ଷମ ଥିଲା। ଉତ୍କଳର ପ୍ରଥମ ଗଜପତି ଦିଗ୍ ବିଜୟୀ ସମ୍ରାଟ କପିଳେନ୍ଦ୍ର ଦେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଉତ୍କଳର ରାଜାଧିରାଜ ଘୋଷଣା କରିବା ସହ ନିଜକୁ ତାଙ୍କର ଜଣେ ଆଜ୍ଞାକାରୀ ରାଉତ ଭାବେ ଦର୍ଶାଇଥିଲେ। ତାଙ୍କ ନିର୍ଦ୍ଦେଶରେ ପ୍ରାଚୀ ତଟର ୫୬ଗଡ ସାମନ୍ତମାନେ ରାଜରକ୍ଷା ସହ ଶ୍ରୀ ମନ୍ଦିରର ଏହି ଦୁର୍ଲ୍ଲଭ ସେବା ଦାୟିତ୍ୱ ନେଇଥିଲେ। ତେଣୁ ପ୍ରାଚୀନଦୀ ପ୍ରାଚୀ ବନାନୀ, ପ୍ରାଚୀଦେବପୀଠ ସବୁ ସୁରକ୍ଷିତ ଥିଲା। ପରେ ପରେ ବିଧର୍ମୀ ବିଦେଶୀମାନଙ୍କ ଶାସନାଧିନ ହୋଇ ଗଡ ସାମନ୍ତମାନେ ଅଧିକାରରୁ ବଞ୍ଚିତ ହେଲେ। ସରକାର ବାଧହୋଇ ରଥକାଠ ପାଇଁ ଦଶପଲ୍ଲା ଜଙ୍ଗଲକୁ ଗଲେ। ଏବେତ ବୋ÷ଦ୍ଧ ଜଙ୍ଗଲ ମୁହାଁ ହେଲେଣି। ଏ ବିପଦରୁ ରକ୍ଷା ପାଇବା ପାଇଁ ବରିଷ୍ଠ ପ୍ରାଚୀ ସଂସ୍କୃତି ଗବେଷକ ଭକ୍ତ ଜୟଦେବଙ୍କ ବଂଶଦ ପଣ୍ଡିତ ତ୍ରିଲୋଚନ ମିଶ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସେବା ପାଇଁ ନିର୍ଦ୍ଦିଷ୍ଟ ଭାବେ ପ୍ରାଚୀ ତଟରେ ବନାଞ୍ଚଳ ସୃଷ୍ଟିପାଇଁ ପରାମର୍ଶ ଦେଲେ। ୧୯୯୯ ମହାବାତ୍ୟା ମାଡ ଖାଇଲାପରେ ରାଜ୍ୟ ସରକାର ଜଗନ୍ନାଥ ବନ ପ୍ରକଳ୍ପ ପ୍ରସ୍ତାବକୁ ମାନି ଓଡିଶାର ୧୭ଟି ଜଗନ୍ନାଥ ବନ ପ୍ରକଳ୍ପର ଶୁଭାରମ୍ଭ ୨ହଜାର ମସିହା ଜୁଲାଇ ୯ ତାରିଖରେ ଆରମ୍ଭ କଲେ। ଲକ୍ଷ୍ୟ ଥିଲା ୨୦ବର୍ଷପରେ ଶ୍ରୀମନ୍ଦିର ସମସ୍ତ କାଠର ଆବଶ୍ୟକତା ଏହି ବନ ପ୍ରକଳ୍ପ ପୂରଣ କରିବ। ମହାପ୍ରଭୁଙ୍କ ବନଯାଗ ଯାତ୍ରାର ମୁଖ୍ୟକ୍ଷେତ୍ର ପ୍ରାଚୀତଟର ୧୫୦ଏକର ଶ୍ରୀ ରାମେଶ୍ୱର ଶମ୍ଭୁ ବନାଞ୍ଚଳକୁ ଶ୍ରୀ ଜଗନାଥ ବନ ପ୍ରକଳ୍ପ ନାମ ଦିଆଗଲା; ମାତ୍ର ଆଜକୁ ୨୫ ବର୍ଷ ପରେ ମଧ ଶ୍ରୀ ଜଗନ୍ନାଥ ବନ ପ୍ରକଳ୍ପରୁ ଖଣ୍ଡିଏ କାଠ ଶ୍ରୀମନ୍ଦିର ସେବାରେ ଲାଗିନାହିଁ। ଏଥିପାଇଁ ଆମେ ସମସ୍ତେ ଉତରଦାୟୀ। ଏବେ ଆମ ସରକାର ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ଲକ୍ଷ୍ୟ ପୂରଣର ସଂକଳ୍ପ ନିଅନ୍ତୁ ଏହା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନରକଥା ବୋଲି ପଣ୍ଡିତ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅର୍ଜୁନ ଚରଣ କୁଣ୍ଡୁ
(ପୂର୍ବତନ ପ୍ରଧାନଶିକ୍ଷକ)
ଗ୍ରାମ - ସୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ - ୧୧.୦୩.୧୯୪୮
ତିରୋଧାନ - ୨୮,୦୭,୨୦୨୫

ବାପା, ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହୋଇ। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।

"ଇତି: ଆପଣଙ୍କର ହତଭାଗ୍ୟ ପୁତ୍ର ହିମାଂଶୁ ଶେଖର କୁଣ୍ଡୁ, ଶୁଭ୍ରାଂଶୁ ଶେଖର କୁଣ୍ଡୁ, ସିତାଂସୁ ଶେଖର କୁଣ୍ଡୁ, ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ କୁଣ୍ଡୁ ପରିବାର ବର୍ଗ

୬/୮/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୪,୯୪୩/- ସୁନା: ୩୮.୯୦୦ ଗ୍ରାମ୍ ରୂପା: ୨୦୯.୫୦୦ ଗ୍ରାମ୍



## ଆଜି ବିଜେଡିର ୬ ଘଣ୍ଟିଆ ପୁରୀ ବନ୍ଦ

# ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଶାନ୍ତିପୂର୍ଣ୍ଣ ହରତାଳ

ପୁରୀ,୬।୮ (ସମିସ): ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଗୁରୁବାର ବିଜେଡି ୬ ଘଣ୍ଟିଆ ପୁରୀ ବନ୍ଦ ଡକରା ଦେଇଛି। ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଶାନ୍ତିପୂର୍ଣ୍ଣ ହରାତାଳ କରାଯିବ। ଅତ୍ୟାବଶ୍ୟକ ସେବାକୁ ପୁରୀ ବନ୍ଦରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ଦୋକାନ, ବଜାର, ବ୍ୟବସାୟ ପ୍ରତିଷ୍ଠାନ, ବିଭିନ୍ନ କାର୍ଯ୍ୟାଳୟ, ଗାଡି ମୋଟର ଚଳାଚଳ ଆଦି ବନ୍ଦ ରହିବ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ବିଜେଡି ପକ୍ଷରୁ କୁହାଯାଇଛି, ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ଏକ ନିତିଦିନିଆ ଘଟଣା ହୋଇଯାଇଛି। ଦୁର୍ବଳ ତଦନ୍ତ ପ୍ରକ୍ରିୟା ଅପରାଧୀମାନଙ୍କୁ ଅଧିକ ଅପରାଧ କରିବା ପାଇଁ ପ୍ରୋତ୍ସାହିତ କରୁଛି। ଅବାଧ ନିଶା କାରବାର ରାଜ୍ୟସାରା କାୟା ବିସ୍ତାର କରିବାରେ ଲାଗିଛି। ସାରା ରାଜ୍ୟରେ ଅଶାନ୍ତି ଓ ବିଶୃଙ୍ଖଳିତ ବାତାବରଣ ଜନମାନସକୁ ଅସ୍ତବ୍ୟସ୍ତ କରିପକାଇଛି। ଏହି ଉଦ୍‌ବେଗଜନକ ପରିସ୍ଥିତିରେ ସରକାରଙ୍କ ଆଭିମୁଖ୍ୟକୁ ବିରୋଧ କରି ବିଜେଡି 'ଶାନ୍ତିପୂର୍ଣ୍ଣ ହରତାଳ' କରିବ।

ବିଶେଷକରି ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ଅନେକ ସନ୍ଦେହ ଛିଡା ହୋଇଛି। ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ଗଣମାଧ୍ୟମରେ କୁହାଗଲା ପୀଡ଼ିତାଙ୍କର ଚିକିତ୍ସାରେ ସୁଧାର ଆସୁଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିଲ୍ଲୀ ଏମ୍ସ ଯାଇ ପିଡ଼ୀତାଙ୍କୁ ଭେଟିବା ପରେର କହିଥିଲେ, ଚିକିତ୍ସା ଠିକ୍ ଭାବେ ଚାଲିଛି। ସେ ସୁସ୍ଥ ହେଉଛନ୍ତି। ସେହିପରି ପୁଲିସର ତଦନ୍ତ ଉପରେ ବି ବିଜେଡି ପ୍ରଶ୍ନ ଉଠାଇଛି। ପୁଲିସ ସବୁବେଳେ କହିଲା ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରିବୁ; ହେଲେ କୁଆଡେ ଗଲେ? ସାମଗ୍ରୀକ ଭାବେ ଦେଖିଲେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଏକ ରହସ୍ୟ ଘେରରେ ରହିଛି। ସତ୍ୟର ଉନ୍ମୋଚନ ଏବଂ ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡି ପକ୍ଷରୁ ଗୁରୁବାର ଜିଲ୍ଲାରେ ୬ ଘଣ୍ଟିଆ ହରତାଳ କରାଯିବ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# କାଉଣ୍ଟର୍‌ରେ ଦୁର୍ବ୍ୟବହାର; ରୋଗୀ-ସମ୍ପର୍କୀୟ ହନ୍ତସନ୍ତ

ପୁରୀ,୬।୮ (ସମିସ): ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। କେତେବେଳେ ଚିକିତ୍ସାରେ ଅବହେଳା ତ ପୁଣି କେତେବେଳେ ଓପିଡି ଠିକ୍ ଭାବେ ଚାଲୁ ନ ଥିବା ଅଭିଯୋଗ ହେଉଛି। ବୁଧବାର ଟିକେଟ୍ କାଉଣ୍ଟରରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସରକାରୀ ଛୁଟି ଦିନରେ ଅପରାହ୍ନ ସମୟରେ ବହିର୍ବିଭାଗ ଚିକିତ୍ସା ପ୍ରାୟ ବନ୍ଦ ରହୁଛି। କାର୍ଯ୍ୟ ଦିବସରେ ବରିଷ୍ଠ ଡାକ୍ତର ମନଇଚ୍ଛା ଆସୁଛନ୍ତି। ଶ୍ରୀଜଗନ୍ନାଥ ମେଡିକାଲ୍ କଲେଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିଲେ ସୁଦ୍ଧା ଅଧିକାଂଶ ସମୟ ବିଭିନ୍ନ ଓପିଡି ଠିକ୍ ସମୟରେ ଖୋଲୁ ନ ଥିବା ରୋଗୀ ଏବଂ ସମ୍ପର୍କୀୟ ଅଭିଯୋଗ କରୁଛନ୍ତି। ବୁଧବାର ଟିକେଟ୍ କାଉଣ୍ଟରରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ସାଢେ ୪ଟାରେ ରୋଗୀ କାଉଣ୍ଟରରେ ଟିକେଟ୍ ପାଇଁ ଲାଇନ ଲଗାଇଥିଲେ। ଏହି ସମୟରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ କାଉଣ୍ଟର ବନ୍ଦ ରହିଥିଲା। କେବଳ ମହିଳା ଏବଂ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ କାଉଣ୍ଟର ଖୋଲାଥିଲା। ବରିଷ୍ଠ ନାଗରିକମାନେ ପୁରୁଷ ଧାଡ଼ିରେ ଲାଇନ ଲଗାଇଥିଲେ। ସେହିପରି ମହିଳା କାଉଣ୍ଟରରେ ମଧ୍ୟ ପୁରୁଷ ଛିଡ଼ା ହୋଇଥିଲେ। କୋଣାର୍କର ଜଣେ ମହିଳା କାଉଣ୍ଟରରେ ଟିକେଟ୍ ପାଇଁ ଧାଡ଼ି ଲଗାଇଥିଲେ। ତାଙ୍କ ଜଣେ ସମ୍ପର୍କୀୟଙ୍କ ଲାଗି ମାନସିକ ରୋଗ ବିଭାଗ



ପାଇଁ ଟିକେଟ୍ କରିବାକୁ କହିଥିଲେ। ଭିତରେ ବସିଥିବା ଜଣେ ପୁରୁଷ ଲୋକ କହିଥିଲେ ସେହି ବିଭାଗ ଏବେ ବନ୍ଦ ରହିଛି। ଏହାପରେ ମହିଳା ଜଣଙ୍କ ତାଙ୍କ ମେଡିସିନ ବିଭାଗ ଓପିଡି ପାଇଁ ଟିକେଟ୍ ଦେବାକୁ କହିଥିଲେ। ହେଲେ ଭିତରେ ଟିକେଟ କରୁଥିବା ବାବୁ ଜଣଙ୍କ ଉତ୍‌କ୍ଷିପ୍ତ ହୋଇଗଲେ। ସମୟ ହୋଇଗଲାଣି, ଆଉ ଟିକେଟ୍ ହୋଇପାରିବ ନାହିଁ ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା।

ସମ୍ପୃକ୍ତା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି, ମାନସିକ ରୋଗ ବିଭାଗରେ ଦେଖାଇବାକୁ ଆସିଥିଲୁ। ଭିତରେ ବସିଥିବା ଜଣେ ବ୍ୟକ୍ତି କହିଥିଲେ ସେ ବିଭାଗ ବନ୍ଦ ରହିଛି। ମେଡିସିନ ବିଭାଗ ପାଇଁ ଟିକେଟ ମାଗିବାରୁ ବ୍ୟକ୍ତି ଜଣଙ୍କ ବିରକ୍ତି ପ୍ରକାଶ କରିଥିଲେ। ଯଦି କୌଣସି ରୋଗୀ କିଛି ଜାଣିବାକୁ ଚାହୁଁଛନ୍ତି ସେମାନଙ୍କୁ ଏମିତି ବ୍ୟବହାର କାହିଁକି କରାଯାଉଛି ବୋଲି ମହିଳା ଜଣଙ୍କ ପ୍ରଶ୍ନ କରିଛନ୍ତି। ସେହିପରି ଅନ୍ୟଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ସକାଳ ୯ରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ସବୁ ବିଭାଗର ଓପିଡି ଖୋଲା ରହିବା କଥା; କିନ୍ତୁ ଏହାକୁ ଠିକ୍ ଭାବେ ପାଳନ କରାଯାଉ ନାହିଁ। ଛୁଟି ଦିନରେ ଅପରାହ୍ନ ୨ଟା ପରଠାରୁ ପ୍ରାୟ ଓପିଡି ବନ୍ଦ ରହୁଛି। ପ୍ରାୟ ୩ ମାସ ହେବ ଚର୍ମ ବିଭାଗ ବନ୍ଦ ରହିଛି। ପ୍ରତିଦିନ ଶହ ଶହ ରୋଗୀ ଆସି ଫେରୁଛନ୍ତି। ଅଲଟ୍ରା ସାଉଣ୍ଡ ଓ ନିଦାନ ବିଭାଗଗୁଡ଼ିକ ଅପରାହ୍ନରେ ବନ୍ଦ ରହୁଥିବାରୁ ବହିର୍ବିଭାଗକୁ ଡାକ୍ତରୀ ପରାମର୍ଶ ନିମନ୍ତେ ଆସୁଥିବା ରୋଗୀ ହୀନସ୍ତା ହେଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ରୋଗୀ ବାଧ୍ୟ ହୋଇ ବାହାରେ ଥିବା ପାଥୋଲ୍ୟାବ୍‌କୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ନିଦାନ ବିଭାଗରେ ରୋଗ ଲମ୍ବା ଲାଇନ୍‌ରେ ଠିଆ ହୋଇ ଶାରୀରିକ ଓ ମାନସିକ କଷ୍ଟ ଭୋଗୁଛନ୍ତି। ନିକଟରେ ୱାର୍ଡ ଭିତରେ ମାଳ ମାଳ କୁକୁର ବୁଲୁଥିବା ଭିଡ଼ିଓ ଭାଇରାଲ ହୋଇଥିଲା ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ସିଡିଏମ୍‌ଓ ଡାକ୍ତର ଅକ୍ଷୟ ଶତପଥୀ କହିଛନ୍ତି, ସକାଳ ୯ରୁ ଅପରାହ୍ନ ୪ଟା ୪୫ ପର୍ଯ୍ୟନ୍ତ ଟିକେଟ୍ ଦିଆଯାଉଛି। ଯଦିଓ ଅପରାହ୍ନ ୫ଟା ଯାଏ ଓପିଡି ଖୋଲା ରହୁଛି ୪ଟା ୪୫ରେ ଟିକେଟ୍ ପାଇଥିବା ରୋଗୀଙ୍କ ପାଇଁ ୧୫ ମିନିଟ୍ ସମୟ ରଖାଯାଇଛି। କମ୍ପ୍ୟୁଟରରେ ମଧ୍ୟ ସେହିଭଳି ସେଟିଂ ହୋଇଛି। ଅପରାହ୍ନ ୪ଟା ୪୫ ପରେ କମ୍ପ୍ୟୁଟରରେ ଆଉ କୌଣସି ଟିକେଟ୍ ହୋଇପାରିବ ନାହିଁ। ସମ୍ପୃକ୍ତ ମହିଳା ୪ଟା ୪୫ ପରେ ଆସି ଲାଇନ୍ ଲଗାଇଥିଲେ। ଚର୍ମ ବିଭାଗରେ କେହି ବିଶେଷଜ୍ଞ ନ ଥିବା ନେଇ ସରକାରଙ୍କୁ ଲେଖାଯାଇଛି। ଖୁବ୍‌ଶୀଘ୍ର ଏହି ବିଭାଗ କାର୍ଯ୍ୟକ୍ଷମ କରିବା ପାଇଁ ଚେଷ୍ଟା କରୁଛୁ ବୋଲି କହିଥିଲେ।

# ଜିଲ୍ଲାସ୍ତରୀୟ ବନାଟି ପ୍ରତିଯୋଗିତା



ପୁରୀ,୬।୮ (ସମିସ): ପୁରୀ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ନିଷ୍ପତ୍ତିକ୍ରମେ ବୁଧବାର ବନାଟି ପ୍ରତିଯୋଗିତା କରାଯାଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତଚନ୍ଦ୍ର ବେହେରାଙ୍କ ପରାମର୍ଶକ୍ରମେ ସ୍ଥାନୀୟ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବନାଟି ସାଧାରଣ ଘୂର୍ଣ୍ଣନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବାଳିକା ସ୍ତରରେ ସୁଖଲତା ସ୍ମୃତି ସରକାରୀ ଉଚ୍ଚବିଦ୍ୟାଳୟର ଏଲ୍.ବର୍ଷା ବେହେରା ପ୍ରଥମ, କବିତା ମହାନ୍ତି ଦ୍ୱିତୀୟ ଏବଂ ମିଷ୍ଟି ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳକ ବିଭାଗ ସାରସ୍ୱତ ବିଦ୍ୟାନିକେତନର ତ୍ରିବିକ୍ରମ ପଣ୍ଡା ପ୍ରଥମ, ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ଆକାଶ ବେହେରା ଦ୍ୱିତୀୟ ଏବଂ ପାପାଇ ସାହା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାକୁ ଶ୍ରୀଜଗନ୍ନାଥ ସମର କଳା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ତରଫରୁ ବିଚାରକ ଭାବେ ବନାଟି ଆଚାର୍ଯ୍ୟ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ, ବନାଟି ବିଶାରଦ ଜଗନ୍ନାଥ ସୁଆର, ସାମ୍ବାଦିକ କୈଳାଶ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ନାରାୟଣ ଦାଶ, ଶିକ୍ଷକ ଧର୍ମେନ୍ଦ୍ର ହାଁସଦା, କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ବେହେରା ଏବଂ ପିଣ୍ଟୁ ଜେନା ପ୍ରମୁଖ ପରିଚାଳନା କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ଆଗାମୀ ଜିଲ୍ଲାସ୍ତରୀୟ ପ୍ୟାରେଡ ଉତ୍ସବରେ ପୁରସ୍କୃତ କରାଯିବ।

## ● ନିଖିଳ ଓଡ଼ିଶା ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ

# ଦାବି ପୂରଣ ନ ହେଲେ ୧୬ରୁ ସମୂହ ଛୁଟିରେ ଯିବେ

ପୁରୀ,୬।୮ (ସମିସ): ନିଖିଳ ଓଡ଼ିଶା ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ପୁରୀ ଜିଲ୍ଲା ଶାଖା ପକ୍ଷରୁ ପେନ୍‌ସନ ଓ ଚାକିରି ସର୍ତ୍ତାବଳୀ ପ୍ରଦାନ ଦାବିରେ ବୁଧବାର ଶାନ୍ତିପୂର୍ଣ୍ଣ ସମାବେଶ କରାଯାଇ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ବର୍ଗର କଲେଜଗୁଡିକ ଗ୍ରାମାଞ୍ଚଳରେ ୭୦ ଭାଗ ଉଚ୍ଚଶିକ୍ଷା ପ୍ରଦାନର ଦାୟିତ୍ୱ ବହନ କରୁଥିବାବେଳେ ରାଜ୍ୟ ସରକାର ସର୍ବଦା ଏଥିରେ ନିୟୋଜିତ କର୍ମଚାରୀମାନଙ୍କୁ ଉପେକ୍ଷା କରିଆସୁଛନ୍ତି। ପୂର୍ବ ସରକାର ୧୦ ଲକ୍ଷ ଟଙ୍କା ଅବସରକାଳୀନ ପ୍ରାପ୍ୟ ଓ ପଦୋନ୍ନତି ପାଇଁ ବ୍ୟବସ୍ଥା କରି ମାର୍ଚ୍ଚ ୨୦୨୪ରେ ୨ଟି ବିଜ୍ଞପ୍ତି ପ୍ରକାଶ କରିଥିଲେ। ନୂଆ ସରକାର କାର୍ଯ୍ୟଭାର ଗ୍ରହଣ କରିବାର ବର୍ଷେ ବିତି ଯାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଏଥିମଧ୍ୟରେ ଅନେକ କର୍ମଚାରୀ ଅବସର ଗ୍ରହଣ କରିସାରିଲେଣି। ଆଗାମୀ ୭ ଦିନ ମଧ୍ୟରେ କୌଣସି ଆଶୁ ସମାଧାନ ନ କଲେ ଜିଲ୍ଲା ୬୬୨ ବର୍ଗ କଲେଜର ସମସ୍ତ କର୍ମଚାରୀ ଆସନ୍ତା ଅଗଷ୍ଟ ୧୬ରେ ସମୂହ ଇଚ୍ଛାଧୀନ ଛୁଟି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଯୋଗଦେବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସମାବେଶରେ ରାଜ୍ୟ ଉପସଭାନେତ୍ରୀ ତଥା ଜିଲ୍ଲା ସଭାପତି ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ସମ୍ପାଦକ ସୁରତ ସ୍ୱାଇଁ, ସହସମ୍ପାଦକ ରତିକାନ୍ତ ଦାସ, କୋଷାଧ୍ୟକ୍ଷ ବିଶ୍ୱନାଥ ବଳିୟାରସିଂ, ପ୍ରକାଶ ଜେନା, ଦେବଦତ୍ତ ମିଶ୍ର, ପ୍ରଦୀପ୍ତ ମହାନ୍ତି, ଲୋକନାଥ ମିଶ୍ର, ବିଦ୍ୟାଧର ନାୟକ, ଅଜୟ ମହାପାତ୍ର ଓ ଦେବାଶିଷ ଜେନାଙ୍କ ସମେତ ୩୯ଟି ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ।

# ପୋଲିଂଷ୍ଟେସନ୍ ନେଇ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ବୈଠକ

ପୁରୀ,୬।୮ (ସମିସ): ସର୍କିଟ ହାଉସ୍‌ରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ପ୍ରପୋଜାଲ ଫର୍ ରେସିଓନାଲାଇଜେସନ ଅଫ୍ ପୋଲିଂଷ୍ଟେସନ୍ ବିଷୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଶରତଚନ୍ଦ୍ର ବେହେରା, ଶରତଚନ୍ଦ୍ର ମହାପାତ୍ର ଓ ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଉପଜିଲ୍ଲାପାଳ ନିଳମାଧବ ମାଝୀ ଓ ଡେପୁଟି କଲେକ୍ଟର ନିର୍ବାଚନ ଆଦ୍ୟାଶା ରଥ ଉପସ୍ଥିତ ଥିଲେ। ସେହିପରି ବିଧିସ୍ୱୀକୃତ ରାଜନୈତିକ ଦଳମାନଙ୍କ ପ୍ରତିନିଧି ବିଜେଡିର ଗୌରହରି ପ୍ରଧାନ, ବିଜେପିର ଉମାକାନ୍ତ ନାୟକ, କଂଗ୍ରେସର ସୁକାନ୍ତ ପ୍ରଧାନ, ଏନ୍‌ସିପିର ବିହାରୀବନ୍ଧୁ ପଲେଇ, ବ୍ରହ୍ମଗିରି ବିଧାୟକଙ୍କ ପ୍ରତିନିଧି ପ୍ରସନ୍ନ ପଲେଇ, ପୁରୀ ବିଧାୟକଙ୍କ ପ୍ରତିନିଧି ଅମୃତ ମିଶ୍ର ଉପସ୍ଥିତ ଥିଲେ।

# ଆକ୍ରମଣ କରି ଅଭିଯୁକ୍ତ ଗିରଫ; ସ୍କୁଟି ଜବତ

ପୁରୀ,୬।୮ (ସମିସ): ବଳିଆପଣ୍ଡା ହାଉସିଂବୋର୍ଡ କଲୋନୀରେ ରହୁଥିବା ପଶ୍ଚିମବଙ୍ଗ ହୁଗୁଳିର ଅଭିମନ୍ୟୁ ଗୁପ୍ତା (୪୦)ଙ୍କୁ ଇଟାରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବଳିଆପଣ୍ଡା ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବଳିଆପଣ୍ଡା ଥାନା ଅନ୍ତର୍ଗତ ରାଘବ ମହାରାଜା ଲେନ୍‌ର ରଞ୍ଜିତ ସିଂହଦେଓ (୨୪)। ମଙ୍ଗଳବାର ସାଢେ ୪ଟାରୁ ସାଢେ ୫ଟା ମଧ୍ୟରେ ତାଙ୍କ ଅଟୋରିକ୍ସାରେ ଘରକୁ ଫେରୁଥିବାବେଳେ ରଞ୍ଜିତ ଏବଂ ତାଙ୍କର ଦୁଇ ସହଯୋଗୀ ଏକ ସ୍କୁଟିରେ ଆସି ଇଟାରେ ମରଣାନ୍ତକ ଆକ୍ରମଣ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ରଞ୍ଜିତଙ୍କୁ ଗିରଫ କରିଛି। ତାଙ୍କଠାରୁ ସ୍କୁଟି ଏବଂ ଭଙ୍ଗା ଇଟା ଜବତ କରାଯାଇଛି।

# ସଂଘବଦ୍ଧ ଆକ୍ରମଣ ଘଟଣାରେ ୩ ଗିରଫ

ପୁରୀ,୬।୮ (ସମିସ): ଜନଗହଳିପୂର୍ଣ୍ଣ ପୁରୀ ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ଅପରାହ୍ନରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ଗୁରୁତର ହୋଇଥିଲେ ବାଲିକୁଦ ରାମଚଣ୍ଡୀ ସାହିର ଜଗନ ବେହେରା (୨୨)। ଏହି ଘଟଣାରେ କୁମ୍ଭାରପଡ଼ା ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ହୁଲହୁଲିଆ ପୋଲର କୃଷ୍ଣଚନ୍ଦ୍ର ଦଳେଇ (୧୯), ବିନୋବା ନଗରର ରାଜୀବ ସାମଲ (୨୭) ଓ ସିଦ୍ଧମହାବୀରର ନାରାୟଣ ପ୍ରଧାନ (୨୨)। ପୁଲିସ ସୂଚନା ଅନୁଯାୟୀ, ଆହତ ଜଗନ ଜଣେ ନାବାଳକଠାରୁ ୯୦୦ ଟଙ୍କା ଧାର ନେଇଥିଲେ। ଯେତେ ମାଗିଲେ ବି ସେ ଦେଉ ନ ଥିଲେ। ସମ୍ପୃକ୍ତ ନାବାଳକଙ୍କ ସମେତ ୭ ଜଣ (୪ ନାବାଳକ) ମିଶି ମଙ୍ଗଳବାର ଅପରାହ୍ନରେ ବସ୍‌ଷ୍ଟାଣ୍ଡରେ ଜଗନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ପେଟରେ ଛୁରି ଭୁଷିଦେବାରୁ ସେ ରକ୍ତାକ୍ତ ହୋଇପଡିଥିଲେ। ତାଙ୍କୁ ପଥମେ ପୁରୀ ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम | A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସମ୍ପୃକ୍ତ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର,** ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ୧. ୟୁନିୟନ୍ ହୋମ୍ ୨. ୟୁନିୟନ୍ ଆଶିୟାନା ବ୍ୟକ୍ତିଗତ ଋଣ | ୧୩.୦୭.୨୦୨୫ / ୧୮.୦୭.୨୦୨୫ / ୧୮.୦୭.୨୦୨୫ ସୁଦ୍ଧା ଟ.୧୯,୯୮,୨୫୯.୯୬ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଡିଲୋ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ଋଣଗ୍ରହୀତା: ୧(କ) ମେସର୍ସ ବିଜିନେସ୍.କମ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା, ୧(ଖ) ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା / ୨) ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୨(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୨(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ / **୩) ମୃତକ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୩(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଗ) କିରଣବାଳା ସାହୁ,** ସ୍ୱାମୀ: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮, **୩(ଘ) ଶ୍ରୀମତୀ ନଳିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଇ୨/୮, ୧ ନଂ. ବୃନ୍ଦାବନ କଲୋନୀ, ବଡପଡିଆ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୨, **୩(ଙ) ମିସ୍ ନନ୍ଦିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଜିକେଭି-୫୮, ଗତି କୃଷ୍ଣ ଭିଲ୍ଲା, ବ୍ରହ୍ମେଶ୍ୱର ମନ୍ଦିର, ଟଙ୍କପାଣି ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ | ୧. ସିସି ହାଇପୋଥି କେସନ୍ ୨. ମିଆଦୀ ଋଣ | ୨୩.୦୭.୨୦୨୫ / ୨୫.୦୭.୨୦୨୫ / ୨୪.୦୭.୨୦୨୫ ସୁଦ୍ଧା ଟ.୫,୦୧,୩୭,୬୩୭.୨୫ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର **(କ) ଶ୍ରୀ ବିଶ୍ୱବିଜୟ ସାହୁ, ଶ୍ରୀ ବିଶ୍ୱଜିତ୍ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୬, ପ୍ଲଟ୍ ନଂ.: ୩୫୭/୨୩୨୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, **(ଖ) ମୃତକ ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୭, ପ୍ଲଟ୍ ନଂ.: ୩୫୭/୨୩୨୪, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, **(ଗ) ଶ୍ରୀ ବିଶ୍ୱବିଜୟ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୫୯, ଅନୁରୂପ ଖାତା ନଂ.: ୭୫୫/୫୧୪, ପ୍ଲଟ୍ ନଂ.: ୩୫୭/୨୫୫୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲି |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** **୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା,** ଉଭୟଙ୍କ **ଠିକଣା-୧:** ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **ଠିକଣା-୨:** ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର),** ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / **୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର),** ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଏସ୍‌ଓଡିଜିଇଏନ୍ | ୨୯.୦୫.୨୦୨୫ / ୨୧.୦୭.୨୦୨୫ / ୩୦.୦୬.୨୦୨୫ ସୁଦ୍ଧା ଟ.୫୫,୦୫,୧୯୯.୫୧ | **ଶୁଭେନ୍ଦୁ କୁମାର ଦାସଙ୍କ ନାମରେ** ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** **୧) ଋଣଗ୍ରହୀତା/ଆପ୍ଲିକାଣ୍ଟ/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଏଚ୍‌ଏଲ୍‌ପିଜିଏନ୍ | ୨୯.୦୭.୨୦୨୫ / ୦୧.୦୮.୨୦୨୫ / ୩୧.୦୭.୨୦୨୫ ସୁଦ୍ଧା ଟ.୧୯,୫୫,୭୩୭.୧୨ | **ଶ୍ରୀ ବିରଞ୍ଚି ନାରାୟଣ ବେହେରା** ଏବଂ **ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ଖୋର୍ଦ୍ଧା ଶାଖା /** **୧) ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀ, ମେସର୍ସ ପାପାଲି ପେପର ପ୍ରଡକ୍ଟସ୍‌ର ସ୍ୱତ୍ତ୍ୱାଧିକାରୀ, ଠିକଣା-୧:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ସତ୍ୟବ୍ରତ ମିଶ୍ର, ଠିକଣା-୧:** ପିତା: ସଚ୍ଚିଦାନନ୍ଦ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ପିତା: ସଚ୍ଚିଦାନନ୍ଦ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ | କ୍ୟାଶ୍ କ୍ରେଡିଟ୍ | ୨୬.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୬୮,୭୭,୯୧୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୦୧/୧୦୭୪, ବର୍ତ୍ତମାନର ଖାତା ନଂ.: ୩୭୫/୫୬, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, ମୌଜା: ମଲ୍ଲିପୁର, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କିସମ: ପତିତ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର/ଦକ୍ଷିଣ/ପଶ୍ଚିମ: ସରକାରୀ ରାସ୍ତା, ପୂର୍ବ: ବିରଞ୍ଚି ନାରାୟଣ ମିଶ୍ର |
| **ପୁବାଶାସନ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ,** ପିତା: ଆର୍ତ୍ତତ୍ରାଣ ଜେନା / **୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା,** ପିତା: ୰ କୁଞ୍ଜ ବିହାରୀ ଜେନା, **୨(ଖ) ଶ୍ରୀ ମନ ଆନନ୍ଦ ସାଗର,** ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ମିଆଦୀ ଋଣ | ୦୧.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୭,୬୨,୦୮୮.୩୫ | ପଞ୍ଜିକୃତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |
| **ଶ୍ରୀକ୍ଷେତ୍ର ଶାଖା /** **୧) ଋଣଗ୍ରହୀତା/ବନ୍ଧକଦାତା: ନିବେଦିତା ମିଶ୍ର,** ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟି, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ଥାନା: କୁମ୍ଭାରପଡା, ପୋ: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨ / **୨) କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ମିତା ମହାନ୍ତି,** ସ୍ୱାମୀ: ଅଶେଷ କୁମାର ମହାନ୍ତି, **ଠିକଣା-୧:** ସା: ସାଇ ନାରାୟଣ ବିଦ୍ୟାମନ୍ଦିର, ନବକଳେବର ରୋଡ, ଜିଲ୍ଲା: ପୁରୀ - ୭୫୨୦୦୨, **ଠିକଣା-୨:** ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ - ୭୫୩୦୧୦ | ୧. ଗୃହ ଋଣ ୨. ବନ୍ଧକ ଋଣ | ୨୯.୦୫.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୯,୪୮,୧୦୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, କିସମ: ଘରବାରୀ |

ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୬.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


## ହିରୋସୀମା ଦିବସ ପାଳିତ

# ପୃଥିବୀରେ ଶାନ୍ତି ପ୍ରତିଷ୍ଠା ଉପରେ ଗୁରୁତ୍ୱ








ପୁରୀ,୬।୮ (ସମିସ)

ଇଣ୍ଟରନ୍ୟାସନାଲ ଆସୋସିଏସନ ଫର୍ ଦ ଫ୍ୟୁଚର ଅଫ୍ ହ୍ୟୁମାନିଟି (ଆଇଏଏଫ୍ଏଚ୍) ପକ୍ଷରୁ ଗୁରୁବାର ବୁଦ୍ଧ ମନ୍ଦିରଠାରେ ହିରୋସୀମା ଦିବସ ପାଳିତ ହୋଇଯାଇଛି। ଆଜିକୁ ଠିକ୍ ୭୯ ବର୍ଷ ଅର୍ଥାତ୍ ୧୯୪୫ ଅଗଷ୍ଟ ୬ ତାରିଖ ସକାଳ ୮ଟା ୧୩ ସମୟରେ ଜାପାନର ହିରୋସୀମା ସହର ଉପରେ ଆମେରିକା ପରମାଣୁ ବୋମା ନିକ୍ଷେପ କରିଥିଲା। ସେହି ସମୟକୁ ମନେ ପକାଇ ଗୁରୁବାର ଠିକ୍ ୮ଟା ୧୩ ମିନିଟରେ ପୃଥିବୀରେ ଶାନ୍ତି କାମନା ପାଇଁ ବିଶେଷକରି ଗାଜା ଏବଂ ୟୁକ୍ରେନରେ ଦିବଂଗତମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

ଡ. ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ ପରେ ଅନୁଷ୍ଠାନର ସମ୍ପାଦକ ପ୍ରଫେସର ଅଳକାନନ୍ଦା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଶିଷ୍ଟ ସଂଗଠକ ଅନାମଚନ୍ଦ୍ର ସାହୁ ବିବରଣୀ ଦେଇଥିଲେ। ମୁଖ୍ୟଅତିଥି ଏସ୍‌ପି ପିନାକ ମିଶ୍ର, ମୁଖ୍ୟବକ୍ତା ସଦାଶିବ ସଂସ୍କୃତ ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଂ ରାଜେଶ ମିଶ୍ର, ପୂର୍ବତନ କୁଳପତି ଡ. ଅତୁଲ ନନ୍ଦ ଏବଂ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୌଭାଗ୍ୟ ସାହୁ ଯୋଗ ଦେଇଥିଲେ। ଅନ୍ୟତମ ବରେଣ୍ୟ ଅତିଥି ତଥା ଇଣ୍ଡୋ-ଜାପାନ ଫ୍ରେଣ୍ଡସିପ ସେଣ୍ଟରର ସଭାପତି ଶ୍ରୀମନ୍ତ ଦାଶ ଜାପାନୀମାନେ କିପରି ଶାନ୍ତିପ୍ରିୟ ତାହା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାପାନରର ୮ ଜଣ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଅଂଶୁମାନ ପାଇକରାୟ ଓ ଛାତ୍ରୀ ଅଭିଲିପ୍ସା ଷଡ଼ଙ୍ଗୀ ଆଣବିକ ବୋମା ଦ୍ୱାରା ବିଶ୍ୱ ଶାନ୍ତି ସମ୍ଭବ ନୁହେଁ ବୋଲି କହିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ଯୁବ ସଙ୍ଗଠକ ହେକ୍ଟର ମିଶ୍ର ଧନ୍ୟବାଦ ଦେଇଥିଲେ। ସାମ୍ବାଦିକ ଜୁପୀଟର ଦାସ, ସମ୍ବିତ ସିଂ, ମୈଥିଳି ଆଚାର୍ଯ୍ୟ, ଅଭିନାଶ ବେହେରା, ଗୌରଭ ସ୍ୱାଇଁ, ଶିବ ମିଶ୍ର, ସୁକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ୧୫ଟି ପୃଥିବୀ ଶାନ୍ତି ଲାଗି କପୋତ ଉଡ଼ାୟଣ କରାଯାଇଥିଲା। ପରେ ଶତାଧିକ ଶାନ୍ତି କାମି ଏକ ଶାନ୍ତି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।



ସୂର୍ଯ୍ୟ ଓ ସତ୍ୟକୁ ଅଧିକ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିହେବ ନାହିଁ।
-ଗୌତମ ବୁଦ୍ଧ

ସକାଳ
THE SAKALA

# ଟ୍ରମ୍ପଙ୍କୁ ଜବାବ

ମଧ୍ୟପ୍ରାଚ୍ୟ ଓ ପୂର୍ବ ୟୁରୋପରେ ସଂଘଟିତ ଦୁଇଟି ଯୁଦ୍ଧକ୍ଷେତ୍ରର ଘଟଣାକ୍ରମକୁ ଅନୁଧ୍ୟାନ କଲେ ୟୁକ୍ରେନ ଅପେକ୍ଷା ଗାଜାପଟିର ପରିସ୍ଥିତି ଅଧିକ ଶୋଚନୀୟ। ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅମାନବୀୟ ଓ ଅସମ୍ବେଦନଶୀଳ ମନୋଭାବରୁ ନିରୀହ ଶିଶୁ ଓ ମହିଳା ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ଜାତିସଂଘର ରିଲିଫ ପହଞ୍ଚିବାକୁ ଦିଆଯାଉନି। ବଦଳରେ କ୍ଷୁଧାତୁରଙ୍କ ନିପୀଡ଼ନ ଓ ନିର୍ଯାତନା ସୀମାଲଂଘନ କରୁଥିଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସେମାନଙ୍କ ପ୍ରତି ସାମାନ୍ୟତମ ସମ୍ବେଦନଶୀଳତା ଥିଲା ଭଳି ମନେ ହେଉନି। ନେତାନ୍ୟାହୁଙ୍କ ପ୍ରତି ତାଙ୍କର ଦୁର୍ବଳତା କାହିଁକି? ଅନ୍ୟପକ୍ଷରେ ୟୁକ୍ରେନ୍‌ରେ ନିଜ ଶକ୍ତି ଓ ସାମାର୍ଥ୍ୟର ପରୋକ୍ଷ ପରାଜୟକୁ ରୋକିବା ସକାଶେ ରୁଷ ଉପରେ ତାଙ୍କର ଚାପ ପ୍ରଭାବଶୂନ୍ୟ ହୋଇଥିବାରୁ ସେ ଏବେ ନାନା ଅବାସ୍ତବ କଥା କହିବା ଆରମ୍ଭ କରିଛନ୍ତି। ତେଣୁ କଥା କଥାରେ ଭାରତକୁ ନାଲିଆଖି। ଗତ ୩୦ ତାରିଖରେ ଭାରତୀୟ ଉତ୍ପାଦ ଉପରେ ୨୫% ଶୁଳ୍କ ଲାଗୁ କରିଥିବା ଟ୍ରମ୍ପ ସପ୍ତାହ ପରେ ୫୦%କୁ ବୃଦ୍ଧି କରିଛନ୍ତି। ଟ୍ରମ୍ପଙ୍କ ଦୃଷ୍ଟିରେ ରୁଷିଆରୁ ତେଲ କିଣିବା ହେଉଛି ଭାରତର ଅପରାଧ। ନୋବେଲ ଶାନ୍ତି ପୁରସ୍କାର ପାଇଁ ଆଶାୟୀ ଟ୍ରମ୍ପଙ୍କ ମନେରଖିବା ଉଚିତ ଯେ କେବଳ ରୁଷିଆ ନୁହେଁ, ଇସ୍ରାଏଲ ମଧ୍ୟ ନରସଂହାର ଓ ଯୁଦ୍ଧ ବିଭୀଷିକା ପାଇଁ ଅନୁରୂପ ଭାବେ ଦାୟୀ। ଏଠାରେ ମନେ ରଖିବାକୁ ହେବ ଯେ ବାଣିଜ୍ୟ ଶୁଳ୍କ ଆଳରେ ଭାରତର ସବୁ ନିଷ୍ପତ୍ତିକୁ ଦଳିଚକଟି ଦିଆଯାଇ ପାରିବ ନାହିଁ। ବହୁତ ହୋଇଗଲା, ଆଉ ନୁହେଁ। ରୁଷ ସହ ବାଣିଜ୍ୟିକ ସଂପର୍କ ନେଇ ଭାରତ ମଧ୍ୟ ରୋକଠୋକ ଶୁଣାଇଛି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘକୁ।

ସମୟର ଆବଶ୍ୟକତାକୁ ଚାହିଁ ରାଷ୍ଟ୍ରୀୟ ସ୍ୱାର୍ଥରକ୍ଷା ଓ ଜନସମୁଦାୟଙ୍କ ଚାହିଦା ପୂରଣକୁ ଦୃଷ୍ଟିରେ ରଖି ରୁଷରୁ ତୈଳ ସଂଗ୍ରହ ଭାରତର ଏକ ଯଥାର୍ଥ ନିଷ୍ପତ୍ତି। ପାରମ୍ପରିକ ତୈଳ ଯୋଗାଣ ୟୁରୋପ ଅଭିମୁଖୀ ହୋଇଯିବା ପରେ ରୁଷରୁ ତୈଳ ସଂଗ୍ରହ ସକାଶେ ଆମେରିକା ପ୍ରୋତ୍ସାହିତ କରିଥିଲା। ସେହି ବ୍ୟବସ୍ଥା ଏବେ ମଧ୍ୟ ବଳବତ୍ତର ରହିଛି। ଯୋଗାଣ ଓ ସଂଗ୍ରହ କ୍ଷେତ୍ରରେ ଅନୁସୃତ ନୀତି ନିୟମ ହଠାତ୍ କାହା କଥାରେ ପରିବର୍ତ୍ତନ କରି ହୁଏନି। ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ର ସଂଘ ପୁଣି ଓଲଟି ପଡ଼ି ଭାରତ ଉପରେ ଚାପ ପ୍ରୟୋଗ କରିବାର କୌଣସି ଯଥାର୍ଥତା ନାହିଁ। ନିଜର ସ୍ୱାର୍ଥରକ୍ଷା ପାଇଁ ଏପ୍ରକାର ଦୋ ମୁହାଁ ନୀତିକୁ ଭାରତ ରୋକ୍‌ଠୋକ୍ ପ୍ରତ୍ୟାଖ୍ୟାନ କରିଛି। ୧୪୦ କୋଟି ଦେଶବାସୀଙ୍କ ଇନ୍ଧନ ଆବଶ୍ୟକତା ପୂରଣ ସହ ରାଷ୍ଟ୍ରର ଅର୍ଥନୈତିକ ସ୍ୱାର୍ଥ ସଂଶ୍ଳିଷ୍ଟ ଥିବାରୁ ଘଡ଼ିକେ ଘୋଡ଼ା ଛୁଟିଲା ଭଳି ନିଷ୍ପତ୍ତି ପରିବର୍ତ୍ତନକୁ ମାନିନେବା ଏତେ ସହଜ ନୁହେଁ। ଏଠାରେ ଉଲ୍ଲେଖ କରାଯାଇପାରେ କି ଇରାନ ଓ ଆଜରବୈଜାନ୍ ଉପରେ ପ୍ରତିବନ୍ଧକ ଲାଗାଯାଇ ଥିବାରୁ ସେଠାରୁ ତୈଳ ସଂଗ୍ରହକୁ ଭାରତ ବନ୍ଦ ରଖିଛି।

ରୁଷ ସହ ବାଣିଜ୍ୟିକ ସଂପର୍କ ଆମେରିକା ସମେତ ସମଗ୍ର ୟୁରୋପ ରଖିଥିବା ବେଳେ ଭାରତ ପ୍ରତି ଏପ୍ରକାର ଏକତରଫା ଚାପ କାହିଁକି? ରୁଷରୁ ତୈଳ ସଂଗ୍ରହ କଲେ ଭାରତ କ୍ଷତିଗ୍ରସ୍ତ ହେବ ଏକଥା ସତ। ତୁଳନାତ୍ମକ ଭାବେ ଅନ୍ୟ ରାଷ୍ଟ୍ରରେ ବାଣିଜ୍ୟ କାରବାର ଅବ୍ୟାହତ ରହିଥିବା ବେଳେ ଭାରତ ନିଷ୍ପତ୍ତି ବଦଳାଇ ଦେଲେ ରୁଷର ଅର୍ଥନୀତି ଭୁଶୁଡ଼ି ପଡ଼ିବାର ସମ୍ଭାବନା ଊଣା। ଆମେରିକା ନିଜର ଆବଶ୍ୟକତା ପୂରଣ ପାଇଁ ୟୁରାନିୟମ, ହେକ୍ସାଫ୍ଲୋରାଇଡ୍, ପାଲାଡିୟମ, ସାର ଓ ରାସାୟନିକ ଦ୍ରବ୍ୟ ରୁଷରୁ ଆମଦାନୀ କରୁଛି। ୟୁରୋପୀୟ ରାଷ୍ଟ୍ର ସଂଘର ଦୋମୁହାଁ ନୀତି ସଂପର୍କରେ ଭାରତ ଉଲ୍ଲେଖ କରି ଦର୍ଶାଇଛି ଯେ ୨୦୨୪ ରେ ରୁଷ ସହ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ଥିଲା ୬୭.୫ ବିଲିୟନ ୟୁରୋ, ଅଥଚ ତା' ପୂର୍ବବର୍ଷର ପରିମାଣ ୧୭.୨ ବିଲିୟନରେ ସୀମିତ ଥିଲା। କ୍ରମାଗତ ଭାବେ ରାଷ୍ଟ୍ରସଂଘର ବାଣିଜ୍ୟ କାରବାର ବଢ଼ି ଚାଲିଥିବା ବେଳେ ଭାରତ ଉପରେ ଚାପ ପ୍ରୟୋଗ କରିବାର କୌଣସି ଯଥାର୍ଥତା ନାହିଁ। ରୁଷ ସହ ଭାରତର ମୋଟ ବାଣିଜ୍ୟଠାରୁ ସେମାନଙ୍କ ବେପାର ଯଥେଷ୍ଟ ଅଧିକ। ସେହିଭଳି ୟୁରୋପ ରାଷ୍ଟ୍ର ସମୂହ ୨୦୨୪ରେ ରୁଷରୁ ରେକର୍ଡ ପରିମାଣର ଅର୍ଥାତ୍ ୧୬.୫ ନିୟୁତ ଟନ ଏଲ୍‌ଏନ୍‌ଜି ସଂଗ୍ରହ କରିଛି। ରୁଷ-ୟୁକ୍ରେନ ଯୁଦ୍ଧ ତ ଏବର କଥା ନୁହେଁ। ତେବେ ଯେଉଁମାନେ ଭାରତ ଉପରେ ଚାପ ପକାଉଛନ୍ତି ସେମାନେ ନିଜ ଆବଶ୍ୟକତା ପୂରଣ ପାଇଁ କିଛି ବିକଳ୍ପ ବ୍ୟବସ୍ଥା କରିଛନ୍ତି ତ? ଆମ ଓଡ଼ିଆରେ ଗୋଟିଏ ଢଗ ଅଛି କହି ଦେଉଥାଏ ପରକୁ ବୁଦ୍ଧି ନ ଦିଶଇ ଘରକୁ।

ଟ୍ରମ୍ପ ଧମକ ଦେଇ କହିଥିଲେ ଯେ ଭାରତ କେବଳ ନିଜର ଘରୋଇ ଆବଶ୍ୟକତା ପୂରଣ ପାଇଁ ରୁଷରୁ ତୈଳ ସଂଗ୍ରହ କରୁନି ଏଥିରୁ ବିପୁଳ ଲାଭ ମଧ୍ୟ ଉଠାଉଛି। ରୁଷର ଯୁଦ୍ଧାସ୍ତ୍ରରେ କେତେ ୟୁକ୍ରେନବାସୀଙ୍କ ମୃତ୍ୟୁ ଘଟୁଥିଲେ ମଧ୍ୟ ସେଥିପ୍ରତି ଭାରତର ଖାତିରି ନାହିଁ। ତେଣୁ ଭାରତର ରପ୍ତାନି ସାମଗ୍ରୀ ଉପରେ ସେ ଅତିରିକ୍ତ ଶୁଳ୍କ ଲାଗୁ କରିବେ। ଏକଥା ଉଲ୍ଲେଖ କଲାବେଳେ ଗାଜାପଟିରେ ଚାଲିଥିବା ନରସଂହାର ତାଙ୍କୁ କିଭଳି ବ୍ୟଥିତ କରୁନି ବୋଲି ଯଦି କେହି ପ୍ରଶ୍ନ କରେ ତାହା ନିଶ୍ଚୟ ଅବାନ୍ତର ହେବ ନାହିଁ। ଆମେରିକାରେ ଇହୁଦୀ ଲବିର ଅଖଣ୍ଡ ପ୍ରଭାବ, ସର୍ବୋପରି ମୋସାଦ୍ ମାଧ୍ୟମରେ ସଂଗୃହୀତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଟ୍ରମ୍ପଙ୍କୁ ମଧ୍ୟ ଆତଙ୍କିତ କରିରଖିଛି। ସେହିଭଳି ମଧ୍ୟପ୍ରାଚ୍ୟର ତୈଳ ବାଣିଜ୍ୟ ଉପରେ ନିୟନ୍ତ୍ରଣ ଜାହିର କରିବା ୟୁରୋପର ଧନଶାଳୀ ରାଷ୍ଟ୍ରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ଇସ୍ରାଏଲର ପ୍ରାଧାନ୍ୟକୁ ପ୍ରୋତ୍ସାହିତ କରାଯାଉଛି।

ଏଠାରେ ମନେ ରଖିବାକୁ ହେବ ଯେ ବିଶ୍ୱ ବ୍ୟବସ୍ଥାରେ ଏକାଧିପାତ୍ୟରେ ଯୁଗ ଶେଷ ହୋଇ ଆସୁଛି। ଟ୍ରମ୍ପଙ୍କ ଭୁଲ ଗୋଟିଚାଳନା ଏହି ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିଛି। ଆନ୍ତର୍ଜାତିକ ସଂପର୍କ କ୍ଷେତ୍ରରେ ଏକାଧିକ କ୍ଷମତା ନିଜ ଶକ୍ତି ଓ ସାମର୍ଥ୍ୟ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆଗେଇ ଆସୁଛନ୍ତି। ସେମାନଙ୍କୁ ନାଲି ଆଖି ଦେଖାଇ ସବୁଦିନ ଯେ ଜବତ କରିହେବ ଏକଥା ନୁହେଁ। ଭୂ-ରାଜନୈତିକ ଆବଶ୍ୟକତାକୁ ଚାହିଁ ମୁଣ୍ଡ ଟେକୁଥିବା ଫୋରମ କ୍ରମାଗତ ଭାବେ ଶକ୍ତି ବୃଦ୍ଧି କରିଚାଲିଛନ୍ତି। ସେ ଦୃଷ୍ଟିରୁ ଟ୍ରମ୍ପଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିମଧ୍ୟରେ କାନାଡ଼ା ଓ ଅନ୍ୟ କେତେକ ଆଫ୍ରିକୀୟ ରାଷ୍ଟ୍ର ଏହି ଫୋରମ ସହ ଯୋଗାଯୋଗରେ ଅଛନ୍ତି। ଯେତେଦୂର ମନେ ହୁଏ ଟ୍ରମ୍ପଙ୍କ ଉଠାପକା କୁଟନୀତି 'ବ୍ରିକ୍ସ'ର କାୟାବିସ୍ତାର କରିବାରେ ସହାୟକ ହେବ।

# ଆଧୁନିକତାର ଚକ୍ରବ୍ୟୂହରେ ବୈବାହିକ ଜୀବନ

ଡ.ବିମଳ ଷଡ଼ଙ୍ଗୀ

ନିକଟରେ ଭୁବନେଶ୍ୱରର ଜଣେ ଉଚ୍ଚଶିକ୍ଷିତା କର୍ମଜୀବୀ ମହିଳା ତାଙ୍କ ପତିଙ୍କ ବିରୁଦ୍ଧରେ ବିବାହ ପରର ଉତ୍ତରଦାୟିତ୍ୱରେ ଅବହେଳା ଓ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେହିପରି ତାଙ୍କ ଉଚ୍ଚଶିକ୍ଷିତ ସରକାରୀ ଅଧିକାରୀ ପତି ମଧ୍ୟ ପାଲଟା ପତ୍ନୀଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନାର ଅଭିଯୋଗ ଆଣିଛନ୍ତି, ଯାହା ଏବେ ବିଚାରାଧୀନ ଅଛି। ଗତବର୍ଷ ଡିସେମ୍ବର ମାସରେ ବେଙ୍ଗାଲୁରୁର ଯନ୍ତ୍ରୀ ଅତୁଲ ସୁଭାଷ ପତ୍ନୀଙ୍କ ଦ୍ୱାରା ନିର୍ଯାତିତ ହୋଇ ଆତ୍ମହତ୍ୟା କରିଥିଲେ। ସେହିପରି ପତ୍ନୀ ନିର୍ଯାତନାରେ ଓଡ଼ିଶାର ଜଣେ ଯୁବ ବନ ଅଧିକାରୀଙ୍କ ମୃତ୍ୟୁ ଘଟଣା ଏବେ ବି ରହସ୍ୟ ଘେରରେ। ତେବେ ଏପରି ଅନେକ ଦୁଃଖଦ ଘଟଣା ପ୍ରତିଦିନ ଆମେ ବିଭିନ୍ନ ଗଣମାଧ୍ୟମରୁ ଜାଣୁଛନ୍ତି। ୨୦୨୫, ଜାନୁଆରୀ ମାସରେ ଓଡ଼ିଶାର ପରିବାର ଅଦାଲତଗୁଡ଼ିକରେ ଦୈନିକ ହାରାହାରି ୮୭ଟି ହିସାବରେ ମୋଟ ୨୭୦୭ଟି ନୂତନ ଛାଡ଼ପତ୍ର ଆବେଦନ ଦାଖଲ ହୋଇଥିଲା। ଓଡ଼ିଶା ସରକାର ଯୁବଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ଧାରା ବୃଦ୍ଧିକୁ ରୋକିବା ପାଇଁ ୨୦୨୫ ମସିହାକୁ 'ଛାଡ଼ପତ୍ର ନିବାରଣ ବର୍ଷ' ଭାବରେ ଘୋଷଣା କରି ରାଜ୍ୟବ୍ୟାପୀ ବିବାହ ପୂର୍ବ ପରାମର୍ଶ ପାଇଁ 'ମାତୃ ଅଦାଲତ କେନ୍ଦ୍ର' ସ୍ଥାପନା କରିଛନ୍ତି। ଏହାପଛରେ ଥିବା କେତେକ ବ୍ୟବସ୍ଥାଗତ ତ୍ରୁଟି ଉପରେ ଆମେ ଦୃଷ୍ଟିପାତ କରିବା।

ଭାରତୀୟ ସଂସ୍କୃତିରେ ସ୍ୱାମୀମାନେ ଇଚ୍ଛା କରନ୍ତି ଯେ ବିବାହ ପରେ ସ୍ତ୍ରୀମାନେ ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ମିଶି ରହିବେ। ମାତ୍ର ଆଜିକାଲିର ସ୍ତ୍ରୀମାନେ ଚାହାନ୍ତି ସ୍ୱାମୀଙ୍କ ଉପରେ କେବଳ ସେମାନଙ୍କର ଅଧିକାର। ସ୍ୱାମୀଙ୍କ ପିତା, ମାତା, ଭାଇ ବା ଭଉଣୀଙ୍କ ସହିତ ସମ୍ପର୍କ ଛିନ୍ନ କରି ସୁଖଦ ଜୀବନଯାପନ ସେମାନଙ୍କର ପ୍ରଥମ ଲକ୍ଷ୍ୟ ଥାଏ। ଏପରି ସ୍ଥଳେ ଯଦି କାହାର ହସ୍ତକ୍ଷେପ ହୁଏ ତେବେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ସମସ୍ୟା ଉପୁଜିଥାଏ। ଆପୋସ ସମାଧାନ କରିବା ପରିବର୍ତ୍ତେ ସେମାନେ ନିଜ ନିଜର ମାତାପିତା, ବନ୍ଧୁ କିମ୍ବା ଆଇନର ସହାୟତା ନେଇ ନିଜର ବୈବାହିକ ଜୀବନକୁ ଶେଷ କରନ୍ତି। ଯେଉଁଠାରେ ସ୍ୱାମୀଟି ସ୍ତ୍ରୀର କଥା ମାନି ନିଜର ପିତାମାତାଙ୍କୁ ହତାଦର କରେ, ସେଠାରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଭଲ ସମ୍ପର୍କ ରହିଥାଏ। ସେହିପରି ଯେଉଁଠି ଗୋଟିଏ ଝିଅ କିମ୍ବା ଦୁଇଟି ଝିଅ ଥା'ନ୍ତି, ସେଠାରେ ଝିଅଙ୍କ ଇଚ୍ଛା ଥାଏ ବିବାହପରେ ସେମାନଙ୍କ ସ୍ୱାମୀ ନିଜର ପିତାମାତାଙ୍କ ଭବିଷ୍ୟତ ଦାୟିତ୍ୱ ନିଅନ୍ତୁ। ଯେଉଁଠି ଏହାର ବିରୋଧ ହୁଏ ସେଠାରେ ବିବାହ ବିଚ୍ଛେଦ ଘଟେ।

ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମଧୁର ସମ୍ପର୍କ ଗଭୀର ପରିପୂର୍ଣ୍ଣତାର ଏକ ଉତ୍ସ ବୋଲି ଧରାଯାଏ, ଯାହାକୁ ସମସ୍ତେ ନିଜର ଭାଗ୍ୟ ବୋଲି ଅଭିହିତ କରନ୍ତି। ମାତ୍ର ସମସ୍ତଙ୍କୁ ମାନିବାକୁ ହେବ ଯେ ପରସ୍ପର ପ୍ରତି ସମ୍ମାନ, ସଂବେଦନଶୀଳତା ଓ ଗଭୀର ଚେଷ୍ଟା ଦ୍ୱାରା ସୁସ୍ଥ, ପ୍ରେମପୂର୍ଣ୍ଣ ଘନିଷ୍ଠ ସମ୍ପର୍କ ସୃଷ୍ଟି ହୁଏ। ଗବେଷକଙ୍କ ମତରେ ଯୁବକଯୁବତୀମାନେ ସେମାନଙ୍କର ପ୍ରାରମ୍ଭିକ ବୟସରେ ପରିପକ୍ୱତାର ଅଭାବରୁ ସାମାଜିକ, ଶାରୀରିକ କିମ୍ବା ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଅନେକ ପରିବର୍ତ୍ତନ ଦେଇ ଗତି କରନ୍ତି। ଫିନଲେଙ୍କ ମତରେ ପରିପକ୍ୱତାର ସଂଜ୍ଞା ହେଉଛି 'ମନର ଅନିଶ୍ଚିତତା, ପରିସ୍ଥିତି କିମ୍ବା ପରିବେଶକୁ ଉପଯୁକ୍ତ ଢଙ୍ଗରେ ସହ୍ୟ କରିବାର କ୍ଷମତା'। ସେହିପରି ମେନିଞ୍ଜରଙ୍କ ମତରେ ଭାବପ୍ରବଣତାର ପରିପକ୍ୱତା ହେଉଛି, 'ବାସ୍ତବତା ସହିତ ଗଠନାତ୍ମକ ଭାବରେ ମୁକାବିଲା କରିବାର କ୍ଷମତା'।

ସରଳରେ ଭାବପ୍ରବଣ ପରିପକ୍ୱତା ହେଉଛି ପରିସ୍ଥିତିଗୁଡ଼ିକୁ ଅଯଥା ଅତିରଞ୍ଜିତ ନକରି ସେଗୁଡ଼ିକର ସହଜ ଉପାୟରେ ସମାଧାନ କରିବାର କ୍ଷମତା ବୃଦ୍ଧି କରିବା। ଭାବପ୍ରବଣ ପରିପକ୍ୱତା ନ ଥିବା ବ୍ୟକ୍ତିମାନେ ସାଧାରଣତଃ ସେମାନଙ୍କର କାର୍ଯ୍ୟ ପାଇଁ ଉତ୍ତରଦାୟୀ ହୁଅନ୍ତି ନାହିଁ ଏବଂ ନିଜକୁ ଆତ୍ମନିରୀକ୍ଷଣ କରିବାରେ ଅଭାବ ଯୋଗୁଁ ସେମାନଙ୍କର କ୍ରୋଧ, ଦୁଃଖ କିମ୍ବା ଯେକୌଣସି କଷ୍ଟକର ପରିସ୍ଥିତି ପାଇଁ ଅନ୍ୟମାନଙ୍କୁ ଦୋଷ ଦିଅନ୍ତି। ଏହି ଲୋକମାନଙ୍କର ମୌଳିକ ସମସ୍ୟା ହେଉଛି ଯେ ସେମାନେ ସର୍ବଦା ଚାହାନ୍ତି ଯେ ଅନ୍ୟମାନେ ସେମାନଙ୍କର ଦୃଷ୍ଟିକୋଣକୁ ବୁଝନ୍ତୁ ଏବଂ ସେମାନେ ସମସ୍ତଙ୍କ ଚିନ୍ତାଧାରାକୁ ନିୟନ୍ତ୍ରଣ କରିବେ। ସେମାନଙ୍କର ଦୃଷ୍ଟିକୋଣକୁ ସର୍ବଦା ଯଥାର୍ଥ ବୋଲି ଭାବି ଅନ୍ୟମାନଙ୍କୁ ଖରାପ ବ୍ୟବହାର କରନ୍ତି, ଯାହା ଆଜିର ଯୁବପିଢ଼ିର ପ୍ରକୃତ ରୂପ। ଅନେକ ନିଜର ସାମାଜିକ କର୍ତ୍ତବ୍ୟ, ଭାବପ୍ରବଣତାର ପରିଚାଳନା, ସମ୍ବେଦନଶୀଳତା ଇତ୍ୟାଦିକୁ ସହଜରେ ଜାଣି ନ ଥା'ନ୍ତି, ଯାହା ସେମାନଙ୍କ ପରବର୍ତ୍ତୀ ବୈବାହିକ ଜୀବନକୁ ବ୍ୟଥିତ କରିବା ସହିତ ବିବାହ ପରର ଚାପକୁ ସହଜରେ ସମ୍ମୁଖୀନ ହୋଇପାରି ନଥା'ନ୍ତି।

ଯୁବ ପିଢ଼ି ବ୍ୟକ୍ତିଗତ ଖୁସି ଏବଂ ସ୍ୱାୟତ୍ତତାକୁ କ୍ରମଶଃ ମୂଲ୍ୟବାନ ମନେକରନ୍ତି। ତ'ଦ୍ୱାରା ଯେତେବେଳେ ଦମ୍ପତିମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଆବଶ୍ୟକତା ପୂରଣ ହେଉନାହିଁ ସେତେବେଳେ ଅସନ୍ତୁଷ୍ଟ ହୋଇ ଛାଡ଼ପତ୍ର ପାଇଁ ଅଧିକ ଇଚ୍ଛୁକ ହୋଇପଡ଼ନ୍ତି। ଲିଙ୍ଗଗତ ସମାନତା ମହିଳାଙ୍କ ପାଇଁ ଶିକ୍ଷା, ସ୍ୱାଧୀନତା ଓ ସଶକ୍ତୀକରଣ ବୃଦ୍ଧି କରିଥାଏ। ଛାଡ଼ପତ୍ର ପଛର ଏହା ମଧ୍ୟ ଏକ କାରଣ। ଯେଉଁଠାରେ ଉଭୟ ପତିପତ୍ନୀ ସେମାନଙ୍କ ଦାବି ଓ ନିଷ୍ପତ୍ତି ଗ୍ରହଣ ପରସ୍ପର ମଧ୍ୟରେ ବାଣ୍ଟି ନିଅନ୍ତି ସେତେବେଳେ ସେମାନଙ୍କ ଜୀବନ ସୁଖମୟ ହୁଏ। ଯେତେବେଳେ ଏହି ସହଭାଗିତା ସାକାର ହୁଏ ନାହିଁ ଅଥବା ବୁଝାମଣାର ଅଭାବ ଥାଏ ତାହା ଅସନ୍ତୋଷ ଓ ଛାଡ଼ପତ୍ରକୁ ଉତ୍ସାହିତ କରେ।

ପରିବର୍ତ୍ତନଶୀଳ ସାମାଜିକ ନିୟମାବଳୀ ଆଜିର ଯୁବପିଢ଼ିଙ୍କୁ ସେମାନଙ୍କର ଜୀବନସାଥୀ ବାଛିବାରେ ଅଧିକ ସ୍ୱାଧୀନତା ଦେଇଛି। ପ୍ରେମ ଓ ବ୍ୟକ୍ତିଗତ ସମ୍ପର୍କ ଉପରେ ଆଧାରିତ ବିବାହ ଆଜି ପାରମ୍ପରିକ ବିବାହ ଅପେକ୍ଷା ଅଧିକ ପ୍ରଚଳିତ। ଯଦିଓ ଏହା ବିବାହକୁ ସୁଖମୟ କରିପାରେ, ଭାବପ୍ରବଣତା ଓ ସଂବେଦନଶୀଳତା ପାଇଁ ଅଧିକ ଆଶା କରିପାରେ। ଯେତେବେଳେ ଦମ୍ପତିମାନେ ଅନୁଭବ କରନ୍ତି ଯେ ଏହି ଆଶା ପୂରଣ ହେଉନାହିଁ ସେତେବେଳେ ସେମାନେ ଛାଡ଼ପତ୍ର ବିଷୟରେ ବିଚାର କରିବାର ସମ୍ଭାବନାକୁ ପ୍ରାଥମିକତା ଦେଇଥା'ନ୍ତି। କିଛି ଦମ୍ପତି ବିବାହକୁ ଜୀବନସାରା ଅତୁଟ ବନ୍ଧନ ପରିବର୍ତ୍ତେ ଏକ ଅସ୍ଥାୟୀ ଓ ନମନୀୟ ପ୍ରତିଶ୍ରୁତିବଦ୍ଧତା ଭାବରେ ଦେଖନ୍ତି। ଏହି ଧାରଣା ବ୍ୟକ୍ତିବିଶେଷଙ୍କ ପାଇଁ ବିବାହ ସହିତ ସୃଷ୍ଟ ଆହ୍ୱାନର ସମ୍ମୁଖୀନ ହେବା ସମୟରେ ଛାଡ଼ପତ୍ରକୁ ଆଦରି ନିଅନ୍ତି। ସହରାଞ୍ଚଳରେ ପ୍ରାୟତଃ ଗଣମାଧ୍ୟମ, ଶିକ୍ଷା ଏବଂ ବିଭିନ୍ନ ସମ୍ପ୍ରଦାୟ ସହିତ ଆଲୋଚନା ମାଧ୍ୟମରେ ପାଶ୍ଚାତ୍ୟ ଜୀବନଶୈଳୀ ଏବଂ ମୂଲ୍ୟବୋଧ ପ୍ରତି ଅଧିକ ଆକର୍ଷଣ ହେତୁ ଛାଡ଼ପତ୍ରକୁ ଅଧିକ ଗ୍ରହଣଯୋଗ୍ୟ ବିକଳ୍ପ ଭାବରେ ଦେଖାଯାଏ। ମାତ୍ର ଗ୍ରାମାଞ୍ଚଳରେ ଛାଡ଼ପତ୍ର ଏବେ ବି ଗୁରୁତ୍ୱପୂର୍ଣ୍ଣ କଳଙ୍କ ଭାବରେ ଗଣାଯାଏ। ଶିକ୍ଷିତ ବ୍ୟକ୍ତିମାନେ ଏକ ଦୁଃଖୀ ବିବାହ ବନ୍ଧନରେ ରହିବା ଅପେକ୍ଷା ବ୍ୟକ୍ତିଗତ ଖୁସି ଓ ମଙ୍ଗଳକୁ ପ୍ରାଥମିକତା ଦେଇଥା'ନ୍ତି। ବେଳେବେଳେ ଯୌତୁକ ଉତ୍ପୀଡ଼ନ, ହିଂସା, ଯୌନ ସୁସଙ୍ଗତର ଅଭାବ, ଜୀବନଶୈଳୀ ପସନ୍ଦରେ ପାର୍ଥକ୍ୟ, ଅଭିଭାବକତ୍ୱ ଶୈଳୀ ଏବଂ ଆଶାରେ ପାର୍ଥକ୍ୟ ଓ ମତଭେଦ ଛାଡ଼ପତ୍ର ପ୍ରକ୍ରିୟାକୁ ସହଯୋଗ କରିଥାଏ।

ବୃଦ୍ଧି ପାଉଥିବା ଛାଡ଼ପତ୍ର ହାରରୁ ସମାଜକୁ ରକ୍ଷା କରିବା ପାଇଁ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଦୃଷ୍ଟିଦେଲେ ଭବିଷ୍ୟତ ଭାରତରେ ଏକ ସୁସ୍ଥ ପରମ୍ପରା ବିକଶିତ ହୋଇପାରିବ। ପ୍ରଥମେ ଯୁବକ ବା ଯୁବତୀ ଉଭୟଙ୍କୁ ପରିବାର, ଶିକ୍ଷାନୁଷ୍ଠାନ ସହାୟତାରେ ପିଲାଦିନରୁ ସହାନୁଭୂତି, ସମବେଦନଶୀଳତା, ଭାବପ୍ରବଣତା, ଦୟା, କ୍ଷମା, ପରୋପକାର, ପୂଜ୍ୟପୂଜା ଉପରେ ସଚେତନ କରାଯିବା ଉଚିତ। ବିପରୀତ ପରିସ୍ଥିତିରେ ନିଜକୁ କିପରି ପ୍ରସ୍ତୁତ କରିବାକୁ ପଡ଼ିବ, ତାହା ସେମାନଙ୍କୁ ଜଣାଇବାକୁ ପଡ଼ିବ। ଚାକଚକ୍ୟ ଦୁନିଆ ବାହାରେ ଆଉ ଗୋଟିଏ ସୁନ୍ଦର ଦୁନିଆ ଅଛି, ଯାହା ମଣିଷକୁ ଆନନ୍ଦ ଦେଇପାରିବ ଏବଂ ଦୈହିକ ସୁଖଠାରୁ ମାନସିକ ସୁଖର ଗୁରୁତ୍ୱକୁ ବୁଝାଇବାକୁ ପଡ଼ିବ। ବିବାହ କେବଳ ଦୈହିକ ସୁଖ ବା ଭୋଗ ନୁହେଁ; ତାହା ବିଶ୍ୱକୁ ଏକ ନୂତନ ସୃଷ୍ଟି ଦେଇ ଆଲୋକିତ କରିଥାଏ। ସେ ନୂତନ ସୃଷ୍ଟିକୁ ଆଣି ତାକୁ ସଂପୂର୍ଣ୍ଣ ବିକଶିତ କରିବା ପାଇଁ ବହୁତ ତ୍ୟାଗ କରିବାକୁ ପଡ଼ିଥାଏ। ପରିବର୍ତ୍ତିତ ସାମାଜିକ ପରିସ୍ଥିତି ଅନୁସାରେ ପିତାମାତାମାନଙ୍କୁ ମଧ୍ୟ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏକ ଅପରିଚିତ ଝିଅକୁ ଘରକୁ ବୋହୂ କରି ଆଣିବା ପରେ ତା'କୁ ଶାଶୂ ଶ୍ୱଶୁର ନୁହେଁ, ବରଂ ବାପମାଆ ହୋଇ ନିଜ ଝିଅପରି ସ୍ନେହ ଦେଇ ମିଠା କଥାରେ ତା'କୁ ନିଜର କରିବାକୁ ପଡ଼ିବ।

ସେହିପରି ଝିଅର ପିତାମାତାଙ୍କୁ ଝିଅ ପରିବାରର ଦୈନନ୍ଦିନ ବ୍ୟାପାରରେ ହସ୍ତକ୍ଷେପ ନକରିବା ସହିତ ଉଭୟ ପରିବାର ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାର ଆବଶ୍ୟକତା ରହିଛି। ପିତାମାତା, ବନ୍ଧୁ ପରିବାର, ସମାଜ, ସରକାର, ନ୍ୟାୟିକ ବ୍ୟବସ୍ଥା ସମସ୍ତେ ସେମାନଙ୍କୁ ଏ ଦିଗରେ ସଚେତନ ଓ ସହାନୁଭୂତିର ହାତ ବଢ଼ାଇ ସମ୍ପର୍କ ରଖିବାରେ ସହାୟତା ଦେବା ସହିତ ବୁଝାଇବାକୁ ପଡ଼ିବ ଯେ ଭାରତୀୟ ସମାଜ ପାଇଁ ଏକାଙ୍ଗ ପରିବାର କେବେହେଲେ ସୁନ୍ଦର ସୃଷ୍ଟିର ମାର୍ଗ ହୋଇ ନ ପାରେ। ଏକାନ୍ନ ପରିବାର ହିଁ ଏକମାତ୍ର ବିକଳ୍ପ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# ବନ୍ଧୁତ୍ୱର ଭିନ୍ନ ପରିଭାଷା

ଅର୍ଜ୍ଜୁନ ଘଡ଼େଇ

ଜୀବନ ଭିତରେ ଅନେକ ବନ୍ଧୁ ବା ସାଥୀ ହୁଅନ୍ତି। କେତେକଙ୍କ ଅକୁଣ୍ଠିତ ସାହାଯ୍ୟ, ସହଯୋଗ ଓ ଉପଯୁକ୍ତ ପରାମର୍ଶ ପାଇ ଜୀବନ ଆଗକୁ ବଢ଼େ, ଅସଜଡ଼ା ଜୀବନ ସଜାଡ଼ି ହୋଇଥାଏ। ଆଉ କେତେକଙ୍କ ଅନ୍ତର୍ନିହିତ ମନ୍ଦ ଉଦ୍ଦେଶ୍ୟ ଯୋଗୁଁ ସେମାନଙ୍କ ପରାମର୍ଶ, ପ୍ରୋତ୍ସାହନ, ଗତିଶୀଳ ଜୀବନ ପଥକୁ କଣ୍ଟକିତ କରିଥାଏ କିମ୍ବା ସ୍ୱପ୍ନର ପାହାଡ଼ ଭାଙ୍ଗିଯାଏ। ଏପରି ବନ୍ଧୁମାନଙ୍କ ଭିତରେ 'ଉସୁକା' ବନ୍ଧୁ ବି ଅନେକ ଥା'ନ୍ତି, ଯେଉଁମାନେ ଅନେକ ସମୟରେ ଅନାବଶ୍ୟକ କାର୍ଯ୍ୟ କରିବାକୁ ଉସୁକାଇଥା'ନ୍ତି। ଆଉ ସେମାନଙ୍କର ଉସୁକାଉଥିବାର ଅର୍ଥକୁ ସଠିକ୍ ଭାବେ ବୁଝି ନ ପାରି ଆମେ ଯଦି ତାଙ୍କ କଥାରେ ପ୍ରୋତ୍ସାହିତ ହେଇଯାଉ ଭୟାବହ ପରିଣାମ ଭୋଗିବାକୁ ପଡ଼େ। ନା ସିଏ ଥା'ନ୍ତି ସାଥୀରେ ବନ୍ଧୁ ପରି, ନା ଥାଏ ତାଙ୍କର ସହଯୋଗ। ବରଂ ଆଖି ଆଢୁଆଳରେ ଏକ ନିରାପଦ ଦୂରତ୍ୱରେ ରହି ସେ ଦେଖୁଥା'ନ୍ତି ବନ୍ଧୁର ଅଭାବନୀୟ ପରିସ୍ଥିତି। ଖୁସି ହୋଇ ତାଳି ମାରୁଥା'ନ୍ତି ଲକ୍ଷ୍ୟ ସାଧନରେ ସଫଳ ହୋଇଥିବାରୁ। ଆଜିର ସମାଜରେ ଏଇ ଉସୁକାଉଥିବା ବନ୍ଧୁମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେଉଁମାନଙ୍କର ପ୍ରେରଣା ଓ ପରାମର୍ଶ ପ୍ରତାରଣାର ଶକ୍ତି ବହନ କରି ବିଧ୍ୱସ୍ତ କରି ଦେଉଛି ଆମର ସାମାଜିକ ଜୀବନକୁ।

'ଉସୁକାଇବା' ଏକ ଦେଶଜ ଶବ୍ଦ। ଆଧୁନିକ ସଭ୍ୟ ସମାଜରେ ଏ ଶବ୍ଦର ବ୍ୟବହାର ବିଭିନ୍ନ ରୂପରେ ବ୍ୟବହୃତ ହେଉଛି। କୌଣସି କାର୍ଯ୍ୟ ପାଇଁ କାହାକୁ ଉତ୍ସାହିତ, ପ୍ରୋତ୍ସାହିତ, ଉତ୍ତେଜିତ ଆଦି କରିବାକୁ ଗାଁ ଗହଳି ଲୋକମାନେ 'ଉସୁକେଇବା' ବୋଲି କହିଥା'ନ୍ତି। ନିଜ ହୃଦୟ ଭିତରେ ମାନସିକ ସ୍ତରରେ କୌଣସି କାର୍ଯ୍ୟ ପାଇଁ ପ୍ରବଳ ଆଗ୍ରହୀ ହେବା, ଉତ୍ତେଜିତ ହେବା ଏକ ଇନ୍ଦ୍ରିୟାସକ୍ତ ମାନସିକ ପ୍ରକ୍ରିୟା। ଏହି ପ୍ରକ୍ରିୟା ମନ ଭିତରେ ସୃଷ୍ଟି ହେବା ବେଳେ ନିଜର ସ୍ଥିର, ଚିତ୍ତ, ବିଚାରବୋଧର ଆବଶ୍ୟକତା ଥାଏ। ଯେଉଁମାନେ ଅତି ଆନ୍ତରିକତା ଦେଖାଇବାକୁ ଯାଇ ଏପରି ପ୍ରେରଣା, ପ୍ରୋତ୍ସାହନ, ଉତ୍ସାହ ଆଦି ସୃଷ୍ଟି କରିଥା'ନ୍ତି, ସେମାନଙ୍କ କଥା ବେଳେବେଳେ ଉଦ୍ଦେଶ୍ୟନିହିତ ଭାବେ ବିଚାର କଲେ ସୁଫଳ ମିଳିଥାଏ।

ଉସୁକାଉଥିବା ବନ୍ଧୁ ସବୁକ୍ଷେତ୍ରରେ ଯେ କ୍ଷତିକାରକ ଏକଥା କହିବା ଠିକ୍ ନୁହେଁ। କିନ୍ତୁ ନିଜ ଅଭିଜ୍ଞତାରୁ, ବନ୍ଧୁଭାବେ ଅଭିନୟ କରି, ଉସୁକାଇ ଉଦ୍ଦେଶ୍ୟ ହାସଲ କରିଥିବା ଅବନ୍ଧୁ ଅନେକ କ୍ଷତି ସାଧନ କରିଥିବା ଆମେ ଅନୁଭବ କରୁଛେ। ଏଥିପାଇଁ ଜୀବନ ଯନ୍ତ୍ରଣାର ସ୍ୱର ଏତେ ତୀବ୍ର ହୋଇଛି ଯେ 'ଅଜାଗା ଘା' ଦେଖିହୁଏନି କି ଦେଖଇ ହୁଏନି' ଏମିତି ଅବସ୍ଥା ବି ଭୋଗିଛେ। ଏପରି ଉସୁକା ବନ୍ଧୁ ଜୀବନରେ କେବେ ବି ନ ଆସନ୍ତୁ ଭଗବାନଙ୍କୁ ପ୍ରାର୍ଥନା କରିଛେ। ଏପରି ବନ୍ଧୁ ଶତ୍ରୁଠାରୁ ବି ଆହୁରି ବିପଦଜ୍ଜନକ ଓ ଭୟଙ୍କର। ଅହିତାକାଂକ୍ଷୀ ଚରିତ୍ରମାନେ ସମାଜରେ ସୃଷ୍ଟି ହେଲେ ବନ୍ଧୁତ୍ୱର ଅର୍ଥ, ପରିଭାଷା ବଦଳିଯିବ ନିଶ୍ଚୟ। ବନ୍ଧୁତ୍ୱ ହେଉଛି ଦୁଇଟି ହୃଦୟ ମଧ୍ୟରେ ଏକ ଭାବନାତ୍ମକ ସମ୍ପର୍କ ଏହା ଭୁଲିବା ଉଚିତ ନୁହେଁ।

ଉସୁକା ବନ୍ଧୁମାନେ କେବଳ ଦାଉ ସାଧନ୍ତିନି, ଜୀବନର ଶେଷ ପରିଣତି ସୃଷ୍ଟି ପାଇଁ ପରିସ୍ଥିତି ବି ସୃଷ୍ଟି କରିପାରନ୍ତି। ଅନେକ ଉସୁକା ବନ୍ଧୁଙ୍କ ପରାମର୍ଶରେ ଆତ୍ମହତ୍ୟା, ଆତ୍ମଦାହ କରିବା ପରି ପରିସ୍ଥିତି ଆମ ଅନିଚ୍ଛାସତ୍ତ୍ୱେ ସୃଷ୍ଟି ହୋଇଯାଏ, ଯାହା ଆମେ କାହାର ପ୍ରୋତ୍ସାହନରେ, ଉତ୍ତେଜନାର ବଶବର୍ତ୍ତୀ ହୋଇ କରିଥାଉ। ଟିକିଏ ଧୈର୍ଯ୍ୟ, ସହନଶୀଳତା ଭାବ ନେଇ ସମୟ ଅତିବାହିତ କରିଦେଲେ ସେଇ ଦୁଃସମୟ ଅପସରିଯିବ। ନିଜ ବିଚାରବୋଧ, ଜ୍ଞାନର ଉଦ୍ରେକ ହେବ ଏକଥା ବୁଝିବା ଦରକାର। ଯେଉଁମାନେ ଅନ୍ୟକୁ ଉସୁକାଇବା ପ୍ରବୃତ୍ତି ନିଜ ଭିତରେ ସୃଷ୍ଟି କରୁଛନ୍ତି ସେମାନଙ୍କ ପାଇଁ ବନ୍ଧୁତ୍ୱ ଏକ ବାହାନା, ସ୍ୱାର୍ଥ କାମନା ହିଁ ଶ୍ରେୟ।

ଯେକୌଣସି ଭଲ କାର୍ଯ୍ୟପାଇଁ ବ୍ୟଗ୍ରତା, ଉତ୍ସୁକତା, ଉତ୍କଣ୍ଠା ମନ ଭିତରେ ସୃଷ୍ଟି ହେବା ଭଲ ମଣିଷର ପ୍ରବୃତ୍ତି ହୋଇପାରେ। କିନ୍ତୁ ଏଥିପାଇଁ ଯେତେବେଳେ କିଏ ପ୍ରବର୍ତ୍ତାଇବା, ପ୍ରରୋଚନା ଦେବା, ପ୍ରଣୋଦିତ କରିବା କିମ୍ବା ପ୍ରଭାବିତ କରିବା ପରି ଉସୁକାଇବା ପରି ଚରିତ୍ରମାନେ ଆଖି ଆଗକୁ ଆସିବେ ତା'ର ଉପଯୁକ୍ତ ବିଚାର କରି କାର୍ଯ୍ୟପନ୍ଥା ନିର୍ଣ୍ଣୟ କଲେ ମଙ୍ଗଳ ହେବ। ଅନ୍ୟଥା ସେଇ ନଷ୍ଟ ଚରିତ୍ରମାନେ ନିଜ ସ୍ୱାର୍ଥ ସାଧନ ପାଇଁ ହିତାକାଂକ୍ଷୀ ବନ୍ଧୁ ଭାବେ ପରିଚୟ ସୃଷ୍ଟି କରି ଅନେକ କ୍ଷତି ସାଧନ କରିବେ, ଏହା ସୁନିଶ୍ଚିତ। ସାବଧାନ ହେଲେ ଉସୁକା ବନ୍ଧୁମାନେ ବିଫଳତା ପାଇଁ ନିରବି ଯାଇ ଆତ୍ମଗ୍ଲାନିରେ ଜର୍ଜ୍ଜରିତ ହୋଇଯାନ୍ତୁ ପଛେ, ଆମେ ତ ବଞ୍ଚିଯିବା ଆମର ଅଭାବନୀୟ ପରିସ୍ଥିତିରୁ। ଉସୁକେଇବା, ପ୍ରବର୍ତ୍ତନା ଦେବା ସହଜ, କିନ୍ତୁ କୁକର୍ମ, ଅପରିଣାମଦର୍ଶିତାରୁ ନିବୃତ୍ତାଇବା ଅସମ୍ଭବ ହୋଇଥାଏ। ବିଚାରଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱମାନେ ବିଶ୍ଳେଷଣ କଲେ ବୁଝିପାରିବେ ନିଶ୍ଚୟ। ନିଜର ଶକ୍ତି ସାମର୍ଥ୍ୟକୁ ପରଖି ଆଗକୁ ବଢ଼ିବା ଉଚିତ।

ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮ ୭୧୫

# ନବଭାରତର ପ୍ରଜ୍ଞା-ପୁରୁଷ ନୀଳକଣ୍ଠ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ପଣ୍ଡିତ ନୀଳକଣ୍ଠ ଦାସଙ୍କ ତ୍ୟାଗପୂତ ଜୀବନ ଓ ବହୁମୁଖୀ ପ୍ରତିଭାର ଆକଳନ ପ୍ରତି ସଚେତନ ଦୃଷ୍ଟି ନିକ୍ଷେପ କଲେ, ସେ ଯେ ନବଭାରତର ଜଣେ ଅସାମାନ୍ୟ ପ୍ରଜ୍ଞା-ପୁରୁଷ; ଏ ନିରାଟ ସତ୍ୟ ଯେକେହି ସ୍ୱୀକାର କରିବେ ନିଶ୍ଚୟ। ଯେଉଁ ବ୍ୟକ୍ତିର ଚେତନା ହୋଇଉଠେ ପ୍ରଜ୍ଞାର ଆଲୋକରେ ଦୀପ୍ତିମନ୍ତ, ସେ ନିଜେ ହିଁ ଆବିଷ୍କାର କରିପାରେ ତା' ଜୀବନର ଲକ୍ଷ୍ୟ ଓ ପଥ। ନୀଳକଣ୍ଠ-ମାନସ ରହିଥିଲା ସେଇ ଉଜ୍ଜ୍ୱଳତାରେ ଚିରଉଦ୍ଭାସିତ। ସେଥିପାଇଁ ସାମାଜିକ କୁସଂସ୍କାର ପ୍ରତି ଭ୍ରୂକ୍ଷେପ ନ କରି ନିଜସ୍ୱ ବ୍ୟକ୍ତି ସ୍ୱାଧୀନତାରେ ରହିପାରିଥିଲେ ଅବିଚଳିତ। ଜୀବନକାଳରେ ସ୍ୱଦେଶକୁ ଯେଉଁ ରୂପରେ ଦେଖୁଛନ୍ତି, ଶେଷ ନିଃଶ୍ୱାସ ତ୍ୟାଗ ସମୟରେ ଏହାକୁ ଉନ୍ନତ ଅବସ୍ଥାରେ ଦେଖି ପୃଥିବୀରୁ ବିଦାୟନେବେ ବୋଲି ଗୋପବନ୍ଧୁ ଗୋଦାବରୀଶଙ୍କ ସହ ସେ ଯେପରି ଶପଥବଦ୍ଧ ହୋଇଥିଲେ, ସେଇ ଦୃଶ୍ୟ ଆଜି ବି ଥରାଇଦିଏ ଛାତି। କାହିଁ କେଉଁ ଉଚ୍ଚଶିକ୍ଷିତ କୌଣସି ତରୁଣ ଗୋଷ୍ଠୀ ସେପରି ପ୍ରତିଜ୍ଞାବଦ୍ଧ ହେବାର ଅନ୍ତର୍ଭେଦୀ ଦୃଶ୍ୟ ଆଉ ଆମର ଦୃଷ୍ଟିପଥାରୂଢ଼ ହେଉ ନାହିଁ ତ ଆଜି!

ଏହି ଦୃଢ଼ତା ନୀଳକଣ୍ଠଙ୍କ ମଧ୍ୟରେ ରହିଥିଲା ଏକ ଜ୍ୟୋତିର୍ମୟ ସୁଉଚ୍ଚ ସ୍ତମ୍ଭ ସଦୃଶ। ସେହି ସାହସ, ଶକ୍ତି ଓ ଶ୍ରଦ୍ଧା ହୃଦୟରେ ଧରିରଖି ସେ ଗ୍ରହଣ କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ। ବାହ୍ୟ ରୂପରେ ଯିଏ ଅତ୍ୟନ୍ତ କଠୋର, ଦୃଷ୍ଟି ଯାହାଙ୍କ ଛୁରିକା ଠାରୁ ଆହୁରି ତୀକ୍ଷ୍ଣ ସେ ପୁଣି ରାମଚଣ୍ଡୀଠାରେ ନିଜ ଛାତ୍ରମାନଙ୍କ ଗଭୀର ସୁଷୁପ୍ତି ମଧ୍ୟରେ ଉତ୍କଳର ଗୌରବମୟଅତୀତକୁ ଦେଖିପାରନ୍ତି ସାରାରାତ୍ରି ବିନିଦ୍ର ରହି! ଛାତ୍ରମାନେ ଯାହା ସ୍ୱପ୍ନରେ ଦେଖୁଥିଲେ ତାହାକୁ ନୀଳକଣ୍ଠ ବର୍ଣ୍ଣନା କରିଛନ୍ତି ନା ଛାତ୍ରମାନଙ୍କ ମାନସ ପଟରେ ନିଜେ ସୃଷ୍ଟି କରିଦେଇଛନ୍ତି ଏକ ସ୍ୱତନ୍ତ୍ର ସ୍ୱପ୍ନ ରାଜ୍ୟ? ଯେଉଁମାନେ ଉଚ୍ଚକୋଟୀର ଶିକ୍ଷକ ସେମାନେ ନିଜେ କେବଳ ସ୍ୱପ୍ନ ଦେଖନ୍ତି ନାହିଁ। ସେମାନେ ରହନ୍ତି ଜାଗ୍ରତ ଆଉ ଛାତ୍ରମାନଙ୍କୁ ଉତ୍ତୋଳିତ କରିନେଇ ପାରନ୍ତି ନିଜ ଆକାଂକ୍ଷା ଅନୁସାରେ ଏକ ମହତ୍ତର ସ୍ୱପ୍ନର ଅପୂର୍ବ ଜଗତକୁ। 'କୋଣାର୍କେ' କାବ୍ୟ ରଚନା କରି ନୀଳକଣ୍ଠ ତାହା ହିଁ କରିପାରିଛନ୍ତି। ସେ ନିଜ ସୃଜନଶୀଳ ଆତ୍ମାକୁ ଯୋଡ଼ି ଦେଇ ପାରୁଥିଲେ ବିଶ୍ୱସାହିତ୍ୟର ଶ୍ରେଷ୍ଠସ୍ରଷ୍ଟାମାନଙ୍କ ସହିତ। ଏହି ରହସ୍ୟମୟ ସଂଯୋଗ ଦ୍ୱାରା ଇଂରାଜୀ କବି ଟେନିସନ ପ୍ରବେଶ କଲେ ନୀଳକଣ୍ଠଙ୍କ ଅନ୍ତର ଭିତରେ। ରୂପାନ୍ତରିତ କରିଦେଲେ ନିଜକୁ ନୀଳକଣ୍ଠ ରୂପରେ ଆଉ ନିଜ ଇଂରାଜୀ କାବ୍ୟକୁ ରୂପାୟିତ କରିଦେଲେ ଖାଣ୍ଟି ଓଡ଼ିଆରେ। କିଏ ଟେନିସନ ଆଉ କିଏ ନୀଳକଣ୍ଠ ତାହା ବିଚକ୍ଷଣ ସମାଲୋଚକମାନେ ମଧ୍ୟ ଭିନ୍ନ ଭିନ୍ନ କରି ପ୍ରମାଣିତ କରିଦେଇ ପାରିବେନି 'ଦାସ ନାଏକ' ଓ 'ପ୍ରଣୟିନୀ' କାବ୍ୟ ଦୁଇଟିରେ।

କାବ୍ୟଶିଳ୍ପୀ ଭାବରେ ନୀଳକଣ୍ଠ ଯେପରି ପାଠକର ହୃଦୟକୁ ଉଦବେଳିତ କରିଦେଇପାରନ୍ତି, ଗଦ୍ୟଶିଳ୍ପୀ ରୂପରେ ସେହିପରି ଚେତନା ଉଦ୍ରେକ-କ୍ଷମ ଭୂମିକା ଗ୍ରହଣ କରନ୍ତି ନିର୍ଭୀକ ଭାବରେ। ନୀଳକଣ୍ଠଙ୍କ ପ୍ରବନ୍ଧ ପାଠ କଲେ ଜାତୀୟତାବୋଧର ଭିତ୍ତିଭୂମି ସୁଦୃଢ଼ ହୋଇଯିବ ଯେକୌଣସି ସ୍ୱାଭିମାନୀ ତରୁଣ ଆତ୍ମାରେ। 'ଅଛୁ ଓ ହେବୁ' ପ୍ରବନ୍ଧଟି ପାଠ କରନ୍ତେ କି ଓଡ଼ିଶାର ଛାତ୍ର ସମାଜ! ଆମେ ଯେପରି ଅଛୁ ସେଇପରି ଅପରିବର୍ତ୍ତିତ ହୋଇଥିବାରେ କି ବା ସ୍ୱାଦ କି ସାର୍ଥକତା ନିହିତ? ନୀଳକଣ୍ଠଙ୍କ ସଂସ୍କାର ଅଭିମୁଖୀ ଲେଖନୀ ସୃଷ୍ଟି କରିପାରେ 'ମୋ ନିଶ' ପରି ପ୍ରବନ୍ଧ। ସାମ୍ପ୍ରତିକ ପରିସ୍ଥିତିରେ ସଂସ୍କାର ଆଣିବା ପାଇଁ ପ୍ରେରଣାର ଏହା ଏକ ଜ୍ୟୋତିଶିଖା।

ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଲେଖି ସେ ସାହିତ୍ୟର ଇତିହାସକୁ ଉପସ୍ଥାପନ କରିବାରେ ଯେଉଁ ନୂତନ ଚାହାଣୀ ଓ ଚମକର ପରିଚୟ ଦେଇଛନ୍ତି, ତାହା ଆମ ଚଳଣି ଉପରେ ପ୍ରଭାବ ନ ପକାଇବ କିପରି? ନୀଳକଣ୍ଠ ଜାତୀୟସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି ରାଜନୈତିକ ଜୀବନରେ। ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷଙ୍କ ସଂସ୍ପର୍ଶରେ ଆସିବାର ବିରଳ ସୁଯୋଗ ପାଇଛନ୍ତି। ନିଜ ଦ୍ୱାରା ପ୍ରକାଶିତ ପତ୍ରିକାର ନାମକରଣ 'ନବଭାରତ' ରଖିବା କେତେ ତାତ୍ପର୍ଯ୍ୟ ବହନ କରେ ପ୍ରକୃତରେ! ଆଜିବି ତାହାର ନୂତନ ପ୍ରସ୍ଥ ଦୈନିକ 'ସମାଜ'ରେ ପ୍ରତି ରବିବାର ଦିନ ଲକ୍ଷାଧିକ ପାଠକଙ୍କ ସୁଦୃଷ୍ଟି ଆକର୍ଷଣ କରିପାରେ। ଆତ୍ମଜୀବନୀର ପୃଷ୍ଠା ଓଲଟାଇବା ମାତ୍ରକେ କେତେ ଅନୁଦଘାଟିତ ସତ୍ୟ ଉପରୁ ପରଦା ହଟିଯାଏ। ନୀଳକଣ୍ଠଙ୍କ ପରି ଆଉ ଦ୍ୱିତୀୟ ପ୍ରଜ୍ଞାପୁରୁଷଙ୍କ ଆବିର୍ଭାବ ସମ୍ଭବ ହୋଇ ନାହିଁ ଆଜିପର୍ଯ୍ୟନ୍ତ। ଭବିଷ୍ୟତରେ ତାଙ୍କ ଚେତନାର ଆଲୋକ ଆଉ ଥରେ ସମୁଜ୍ଜ୍ୱଳ କରିଦେଇ ପାରିବ ନାହିଁ ଓଡ଼ିଶା ମାଟିକୁ? ଏହା କ'ଣ ଅସମ୍ଭବ??

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଫଳତାରୁ ନଜର ହଟାଇବାକୁ ରଙ୍ଗ ବଦଳା ନିଷ୍ପତ୍ତି: ବିଜେଡି

ଭୁବନେଶ୍ୱର,୬।୮ (ସମିସ): ରାଜ୍ୟର ସମସ୍ତ ସରକାରୀ ଅଫିସ, ଉଭୟ ନୂଆ ଓ ପୁରୁଣାକୁ ଗେରୁଆ ରଙ୍ଗ ଦିଆଯିବ ବୋଲି ରାଜ୍ୟ ବିଜେପି ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ବିଜୁ ଜନତା ଦଳ ଏହାକୁ ଦୃଢ଼ ସମାଲୋଚନା କରିଛି। ବିଜୁ ଜନତା ଦଳ ତରଫରୁ ଜାରି ଏକ ପ୍ରେସ୍ ବାର୍ତ୍ତାରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ବିଜେପି ସରକାରଙ୍କ ୧୩ ମାସର ଶାସନ କାଳରେ ସୁଶାସନ ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାବେଳେ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ମହିଳାଙ୍କ ବିରୋଧରେ ଅପରାଧ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। କୌଣସି ବିକାଶମୂଳକ କାର୍ଯ୍ୟ ଆଗକୁ ବଢ଼ି ପାରୁନାହିଁ। ୧୩ ମାସର ଶାସନରେ ୧୩ ଥର ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ତ୍ରୁଟିଶୂନ୍ୟ ପରୀକ୍ଷା, ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ୍ କଲେଜରେ ଛାତ୍ରୀ ଆତ୍ମାହୂତି, ବଲାଙ୍ଗୀରେ ନାବାଳିକାକୁ ଜିଅନ୍ତା ଜାଳିଦେବା ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ ଓଡିଶା ପାଇଁ ଲଜ୍ଜା ଓ ନିନ୍ଦା ଆଣିଛି।

ଡଃ ମହାନ୍ତି ଆହୁରି କହିଥିଲେ ଯେ ସରକାରଙ୍କ ବିଫଳତା ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଥିବା ବେଳେ, ନିଜ ବିଫଳତା ଉପରୁ ନଜର ହଟାଇବା ପାଇଁ ସରକାର ଅଫିସ ବିଲ୍ଡିଂ ଗୁଡିକୁ ଗେରୁଆ କରଣ କରି ଜନସାଧାରଣଙ୍କ ନଜର ତାଙ୍କ ବିଫଳତା ଉପରୁ ନଜର ହଟାଇବାକୁ ଚାହୁଁଛନ୍ତି। ସରକାରଙ୍କ ବିଜ୍ଞପ୍ତିରେ ଉଭୟ ନୂଆ ଓ ପୁରୁଣା ବିଲ୍ଡିଂର ରଙ୍ଗ ପରିବର୍ତ୍ତନ ହେବ ବୋଲି କୁହାଯାଇଛି। କିନ୍ତୁ, ଓଡ଼ିଶାବାସୀ ରାଜ୍ୟ ସରକାରଙ୍କ ବିଫଳତାକୁ ଅଙ୍ଗେ ନିଭାଉଛନ୍ତି। ତେଣୁ, ରାଜ୍ୟ ସରକାରଙ୍କ ଏହି ନଜର ହଟାଅ କୌଶଳ କାମ ଦେବ ନାହିଁ। ରାଜ୍ୟ ରାଜକୋଷରୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ଅଫିସ ବିଲ୍ଡିଂଗୁଡିକର ରଙ୍ଗ ଗେରୁଆ କରିବା ଉଦ୍ୟମକୁ ରାଜ୍ୟବାସୀ କେବେ ବି ଗ୍ରହଣ କରିବେ ନାହିଁ। ବିଭିନ୍ନ କ୍ଷେତ୍ରରେ ବିଫଳତା ଶିଖରରେ ପହଞ୍ଚି ଥିବାବେଳେ, ରାଜ୍ୟ ସରକାରଙ୍କ ରଙ୍ଗ ପରିବର୍ତ୍ତନ ଉଦ୍ୟମ, ସମଗ୍ର ରୋମ ସହର ଜଳୁଥିବା ବେଳେ ଏହାର ଶାସକ ନ୍ୟୁରୋ ବଂଶୀ ବାଦନ କରୁଥିବା ସଦୃଶ୍ୟ ବୋଲି ଡଃ ମହାନ୍ତି କହିଛନ୍ତି।

- ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ବିଫଳତା ଶିଖର ଛୁଇଁଛି
- ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ମହିଳା ଅସୁରକ୍ଷିତ

## ରରୁଆଁ ଥାନା ଏଏସ୍ଆଇଙ୍କ ଲାଞ୍ଚ ନେବା ଭିଡିଓ ଭାଇରାଲ

ଶୁକୁଳି,୬।୮ (ସମିସ): ଦିନଦ୍ୱିପହରେ ଖୋଲାଖୋଲି ଲାଞ୍ଚ ନେଉଥିବା ରରୁଆଁ ଥାନାର ଜଣେ ଏଏସ୍ଆଇଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନାର ଏଏସଆଇ ମୀନକେତନ ପ୍ରଧାନ। ଜଣେ ବ୍ୟକ୍ତିଙ୍କ ବାଇକ୍ ଥାନାରୁ ଛାଡ଼ିବା ପାଇଁ ସେ ଲାଞ୍ଚ ନେଉଥିବା ବେଳେ ଅନ୍ୟ ଜଣେ ଯୁବକ ଏହାକୁ ମୋବାଇଲ କ୍ୟାମେରାରେ କଏଦ କରିଥିଲେ। ତେବେ ଏଏସଆଇ ଶ୍ରୀ ପ୍ରଧାନ ଭିଡ଼ିଓରେ ପଚାରୁଛନ୍ତି ଯେ, ଏହା ଚୋରି ଗାଡ଼ି ନୁହଁ ତ ? ପରେ ସେ ସଂପୃକ୍ତ ବ୍ୟକ୍ତିଙ୍କ ପାଖରୁ ଟଙ୍କା ନେଉଥିବା ଭିଡିଓ ରେକର୍ଡ଼ ହୋଇଛି। ଏହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତେବେ ଭାଇରାଲ୍ ଭିଡିଓ ବାବଦରେ ରରୁଆଁ ଥାନା ଅଧିକାରୀ ଅନାଦି ପଟ୍ଟାୟତଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣା ସଂପର୍କରେ ଜାଣିବା ପରେ ତାଙ୍କ ବିରୋଧରେ ଏସପିଙ୍କୁ ଅବଗତ କରିଛନ୍ତି ବୋଲି କହିଛନ୍ତି।

## ନାବାଳିକାକୁ ଦୁଷ୍କର୍ମ; ନାବାଳକ ସମେତ ୩ ଗିରଫ

କୁଆମରା, ୬।୮ (ସମିସ): ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣେ ନାବାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣଙ୍କ ବୟସ ୨୩ ଓ ୧୮ ହୋଇଥିବା ବେଳେ ଅନ୍ୟ ଜଣେ ନାବାଳକଙ୍କ ବୟସ ୧୩। ଦୁଇ ଦିନ ତଳେ ପୀଡିତାଙ୍କ ଘରେ କେହି ନ ଥିବା ବେଳେ ଅଭିଯୁକ୍ତମାନେ ବିଭିନ୍ନ ସମୟରେ ଦୁଷ୍କର୍ମ କରିଥିଲେ। ଏହି ଘଟଣା କାହାରିକୁ ନ କହିବା ପାଇଁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ପରେ ପୀଡିତାଙ୍କ ମା' ଘରକୁ ଫେରିବା ପରେ ଘଟଣା ସଂପର୍କରେ ଜାଣିବାକୁ ପାଇଥିଲେ। ଫଳରେ ପୀଡିତାଙ୍କ ମାଆ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ୩ ଜଣଙ୍କୁ ଗିରଫ କରିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

## ଆଜି କେନ୍ଦ୍ରାପଡ଼ା ଯିବ ପିସିସି ଅନୁଧ୍ୟାନ କମିଟି

ଭୁବନେଶ୍ୱର,୬।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଜଣେ + ୩ ଶେଷ ବର୍ଷ ଛାତ୍ରୀ ଆତ୍ମାହୁତି ଦେବା ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ୮ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ପିସିସି ଉପସଭାପତି ସସ୍ମିତା ବେହେରା କମିଟିର ଅଧ୍ୟକ୍ଷା ରହିଥିବା ବେଳେ ସମ୍ପାଦିକା ଡଃ ଦେବସ୍ମିତା ଶର୍ମା, ସସ୍ମିତା ପଣ୍ଡା, ପିସିସି ମୁଖପାତ୍ର ସୋନାଲି ସାହୁ, ଡଃ ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ପିସିସି ପାନେଲିଷ୍ଟ ଅମ୍ରିତା ଦାସ ଓ ମଧୁସ୍ମିତା ଆଚାର୍ଯ୍ୟ ସଦସ୍ୟା ଭାବରେ ରହିଛନ୍ତି। ଏହି ଟିମ୍ ଗୁରୁବାର ସକାଳେ ଘଟଣାସ୍ଥଳ ପରିଦର୍ଶନ କରି ଏକ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

■ ଏଫ୍ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

## ଭିସିରେ ହାଜର ହେଲେ ଗିରଫ ଅଧ୍ୟାପକ ସମୀର ସାହୁ

ବାଲେଶ୍ୱର, ୬।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ଅଧ୍ୟାପକ ସମୀର ସାହୁ ଜେଲ୍‌ରେ ଅଛନ୍ତି। ଆଜି ଦ୍ୱିତୀୟ ଥର ପାଇଁ ସମୀର ଏସଡିଜେଏମ୍‌ଙ୍କ କୋର୍ଟରେ ଭିସିରେ ହାଜର ହୋଇଥିଲେ। ଏସଡିଜେଏମ କିଶୋର କୁମାର ନାଥ ତାଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ପଚରାଉଚରା କରିବା ସହ ଖାଦ୍ୟ ଗ୍ରହଣ ସଠିକ ଭାବେ ହେଉଛି କି ନାହିଁ ପଚାରିଥିଲେ। ତେବେ ପୁଣିଥରେ ତାଙ୍କୁ ଆସନ୍ତା୧୯ ତାରିଖରେ ଭିସିରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଅନ୍ୟପଟେ ଏସଡିଜେଏମ କୋର୍ଟରେ ସମୀରଙ୍କ ଜାମିନ ଆବେଦନ ଖାରଜ ହୋଇଯିବା ପରେ ଗିରଫ ଅଧ୍ୟାପକ ଶ୍ରୀ ସାହୁ ଉପର କୋର୍ଟ ଅର୍ଥାତ ଜିଲ୍ଲା ଦୌରାଜଜ କୋର୍ଟରେ ଚଳିତ ମାସ ୧ତାରିଖରେ ଜାମିନ ଆବେଦନ କରିଥିଲେ। ଆଜି କୋର୍ଟରେ ତଳ କୋର୍ଟର ରେକର୍ଡ ଅର୍ଥାତ (ଏଲସିଆର) ଏବଂ ସିଡି କଲ ହୋଇଥିଲା। ଆସନ୍ତା ୧୨ ତାରିଖରେ ତାଙ୍କର ଜାମିନ ଆବେଦନର ଶୁଣାଣି ହେବ ବୋଲି ଜଣାଯାଇଛି।

## ଏଲ୍ଏଚ୍‌ବି କୋଚ୍ ସହ ଚାଲିବ ଭୁବନେଶ୍ୱର-ଜୁନାଗଡ଼ ରୋଡ୍ ସୁପରଫାଷ୍ଟ

ଭୁବନେଶ୍ୱର, ୬।୮(ସମିସ): ଭୁବନେଶ୍ୱର-ଜୁନାଗଡ଼ ରୋଡ ମଧ୍ୟରେ ଚାଲୁଥିବା ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସରେ ଗୋଟିଏ ଏଲ୍ଏଚ୍‌ବି କୋଚ୍ ରହିବ। ଯାହା ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା, ନିରାପତ୍ତା ଏବଂ ଆରାମ ପ୍ରଦାନ କରିବ। ଯାତ୍ରୀମାନେ ୮ ଅଗଷ୍ଟରୁ ଏହି ସୁବିଧା ପାଇ ପାରିବେ। ବର୍ତ୍ତମାନ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ୍ କୋଚ୍ ସହିତ ଚଳାଚଳ କରୁଛି। ନୂତନ ଏଲ୍ଏଚ୍‌ବି ରେକ୍ ସହିତ ଅପଗ୍ରେଡ୍ ଟ୍ରେନ୍ କମ୍ପୋଜିସନ୍‌ରେ ଦ୍ୱିତୀୟ ଏସିର ୨ଟି କୋଚ୍, ତୃତୀୟ ଏସିର ୪ଟି କୋଚ୍, ସ୍ଲିପର୍ କ୍ଲାସର ୫ଟି କୋଚ୍, ଦ୍ୱିତୀୟ ଶ୍ରେଣୀ ସିଟିଂର ୪ଟି କୋଚ୍, ଗାର୍ଡ କମ୍ ପାୱାର କାର୍‌ର ୧ ଏବଂ ୧ ଗାର୍ଡ କମ୍ ଦ୍ୱିତୀୟ ଶ୍ରେଣୀ କୋଚ୍ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ରହିବ। ଏଲ୍ଏଚ୍‌ବି କୋଚ୍ ପ୍ରଚଳନ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ଯାତ୍ରୀଙ୍କ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯାହା ଓଡ଼ିଶାର ଉପକୂଳବର୍ତ୍ତୀ ଏବଂ ଆଦିବାସୀ ଅଞ୍ଚଳ ଏବଂ ଆନ୍ଧ୍ରପ୍ରଦେଶର ପ୍ରମୁଖ ସହରଗୁଡ଼ିକୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହିତ ସଂଯୋଗ କରୁଛି ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି।

## ହୀରାକୁଦ ଜଳସ୍ତର ୬୧୩.୩୯ ଫୁଟ୍

ସମ୍ବଲପୁର,୬।୮ (ସମିସ): ହୀରାକୁଦ ଜଳଭଣ୍ଡାରର ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ହୀରାକୁଦ ଜଳସ୍ତର ୬୧୩.୩୯ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିବାବେଳେ ଅଗଷ୍ଟ ୩ ତାରିଖ ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇଥିଲା। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୧୦.୨୧ ଫୁଟ୍ ରହିଥିଲା। ଆଜି ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୩୯ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪୩,୫୭୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୫୫୧ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୧,୨୩୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪,୦୮୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨.୨୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯.୬୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୨୨,୯୦୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଲଠାରେ ୪୮,୮୦୦ କ୍ୟୁସେକ୍, ବାରମୁଲଠାରେ ୫୪,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୬୨,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଡ୍ରଗ୍ ଇନ୍‌ସପେକ୍ଟରଙ୍କ ଘରେ ଭିଜିଲାନ୍ସ

ସମ୍ବଲପୁର,୬।୮ (ସମିସ): ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ଉ। ସମ୍ବଲପୁର ଡ୍ରଗ୍ସ କଣ୍ଟ୍ରୋଲର ଅଫିସର ପ୍ରିନ୍ସିପାଲ୍ ସାଇଣ୍ଟିଫିକ ଅଫିସର ଦେବାଶିଷ ପଣ୍ଡାଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ ହୋଇଛି। ବରେଇପାଲି ଗ୍ରେଟର ସମ୍ବଲପୁରସ୍ଥିତ ଭଡ଼ା ଘରେ ଓ କାଇଁଶିର ସ୍ଥିତ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ବୁଧବାର ଭୋର ସକାଳୁ ଚଢ଼ଉ କରାଯାଇଛି। ଏହାସହ ଭୁବନେଶ୍ୱର ଚାରୋଟି ସ୍ଥାନ ବ୍ରହ୍ମପୁର ପୈତୃକ ଘର ରେଡ ମଧ୍ୟ ହୋଇଛି। ଏଥିରେ ୪ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ୪ଏସ୍ଆଇ ସାମିଲ ଅଛନ୍ତି। ବ୍ୟାଙ୍କ୍ ଆକାଉଣ୍ଟ, ମୋଟ ସମ୍ପତ୍ତି ଓ ଗାଡ଼ି ମଟର ଉପରେ ଯାଞ୍ଚ କରୁଛି ଭିଜିଲାନ୍ସ ଟିମ୍। ସେପଟେ ଘରୁ କେବଳ ୪୫ ହଜାର ଟଙ୍କା, କିଛି କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଜକୁ ଜାଳିଦେଲେ...

ଛାତ୍ରୀଙ୍କ ମୋବାଇଲ ଓ ପୋଷାକକୁ ପୁଲିସ ଜବତ କରିଛି। ଛାତ୍ରୀଙ୍କ ମୋବାଇଲ୍ ନମ୍ବରରେ ହୋଇଥିବା କଲ, ହ୍ୱାଟ୍ସଆପ୍ ମେସେଜ ପୁଲିସ ଯାଞ୍ଚ କରୁଛି । ଅନ୍ୟପକ୍ଷରେ ଏହି ଘଟଣାରେ ଅଭିଯୁକ୍ତ କୁହାଯାଉଥିବା ଯୁବକ ଫେରାର ହୋଇ ଯାଇଥିବା ମଧ୍ୟ ସୂଚନା ମିଳିଛି। ଛାତ୍ରୀ ଆତ୍ମହତ୍ୟା ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କିଶୋର ତରାଇ, ଡ ଅଲେଖ ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଜେପି ଯୁବନେତା ଜ୍ୟୋତିପ୍ରକାଶ ପ୍ରଧାନ, ଜିଲ୍ଲା ଯୁବ କଂଗ୍ରେସ ପୂର୍ବତନ ସଭାପତି ସତ୍ୟପ୍ରିୟ ସାମଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଗୋପୀନାଥ ତ୍ରିପାଠୀ ଦାବି କରିଛନ୍ତି। ଗତ ମାର୍ଚ୍ଚ ମାସରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଥାନା ପ୍ରଥମେ ଏତଲାକୁ ଗୁରୁତ୍ୱ ଦେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପୁଲିସ ବିଭାଗ ଫୁ କରିଥିବାରୁ ନିରୀହ ଛାତ୍ରୀଙ୍କ ଜୀବନ ଗଲା ବୋଲି ଅଭିଯୋଗ ହୋଇଛି।

### ଭାରତକୁ ୫୦%...

ଭାରତ ରୁଷ ଠାରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅଶୋଧିତ ତେଲ ଆମଦାନୀ କରିବାରେ ଲାଗିଛି। ତେଣୁ ଭାରତୀୟ ସାମଗ୍ରୀ ଉପରେ ଅଧିକ ଶୁଳକ ଲାଗୁ କରିବାକୁ ସେ ବାଧ୍ୟ ହେଉଛନ୍ତି। ତେବେ ଇସ୍ପାତ, ଆଲୁମିନିୟମ, ଫାର୍ମା ସାମଗ୍ରୀକୁ ଏହି ଶୁଳ୍କରୁ ବାଦ୍ ଦିଆଯାଇଛି। ତାଙ୍କର ଏହି ଘୋଷଣା ଯୋଗୁଁ ଭାରତର ମୋଟ ଘରୋଇ ଉତ୍ପାଦ ବା ଜିଡିପି ୧ ପ୍ରତିଶତ ପ୍ରଭାବିତ ହେବ ବୋଲି କୁହାଯାଉଛି। ଏହା ଆମେରିକାରେ ମୁଦ୍ରାସ୍ଫୀତିକୁ ମଧ୍ୟ ବିସ୍ଫୋରକ କରିବ ବୋଲି କୁହାଯାଉଛି। ଆମେରିକାର ଅନେକ ଅର୍ଥନୀତି ବିଶେଷଜ୍ଞ ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟର କଡ଼ା ବିରୋଧ କରି କହିଛନ୍ତି ଯେ ଭାରତ ସହିତ ଅର୍ଥନୈତିକ ସଂପର୍କ ତିକ୍ତ କରି ଟ୍ରମ୍ପ ନିଜ ଦେଶକୁ ମଧ୍ୟ କ୍ଷତିଗ୍ରସ୍ତ କରୁଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଟ୍ରମ୍ପ ଅଧିକ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଥିଲେ। ସେ କହିଥିଲେ ଯେ ଭାରତ ଆଉ ଭଲ ବାଣିଜ୍ୟ ସହଯୋଗୀ ହୋଇ ରହିନାହିଁ। ବାରଣ ସତ୍ତ୍ୱେ ରୁଷ ଠାରୁ ତେଲ କିଣିବା ଜାରି ରଖିଥିବାରୁ ୨୪ ଘଣ୍ଟା ଭିତରେ ଭାରତ ଉପରେ ଅଧିକ ଶୁଳ୍କ ଲାଗୁ କରାଯିବ। ତାଙ୍କର ଅଭିଯୋଗ ହେଲା ଯେ ୟୁକ୍ରେନରେ ଯୁଦ୍ଧ ଚଳାଇଥିବା ରୁଷ ବିରୋଧରେ କଟକଣା ସତ୍ତ୍ୱେ ତା ସହିତ ବାଣିଜ୍ୟ କାରବାର କରି ଭାରତ ପରୋକ୍ଷରେ ଯୁଦ୍ଧ ପାଇଁ ରୁଷକୁ ସହାୟତା କରୁଛି।

ଇତିମଧ୍ୟରେ ଭାରତର ବୈଦେଶିକ ବିଭାଗ ଟ୍ରମ୍ପଙ୍କ ଅଧିକ ଶୁଳ୍କ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଭାରତ ପକ୍ଷରୁ କୁହାଯାଇଛି ।।ଯେ ଅନ୍ୟ ଦେଶମାନେ ମଧ୍ୟ ରୁଷରୁ ତେଲ କିଣୁଥିବା ବେଳେ କେବଳ ଭାରତକୁ ଟାର୍ଗେଟ କରିବା ଦୁର୍ଭାଗ୍ୟଜନକ। ତେବେ ଭାରତ ଏହାର ଆର୍ଥିକ ସ୍ୱାର୍ଥ ଓ ଶକ୍ତି ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ଯେଉଁ ଦେଶରେ ସାମଗ୍ରୀ ଶସ୍ତା, ସେହି ଦେଶରୁ କିଣିବା ପ୍ରକ୍ରିୟା ଜାରି ରଖିବ।

### ୬୫ ଲକ୍ଷର ହିସାବ...

ଦେଇଥିଲେ। ଶୁଣାଣି ବେଳେ ପ୍ରଶାନ୍ତ ଭୂଷଣ ଅଭିଯୋଗ କରିଥିଲେ ଯେ ସଂଶୋଧିତ ତାଲିକାରେ ଏମିତି ୭୫ ଭାଗ ଭୋଟରଙ୍କ ନାମ ସ୍ଥାନ ପାଇଛି, ଯେଉଁମାନେ ଭୋଟର ଫର୍ମ ପୂରଣ କରିଛନ୍ତି, କିନ୍ତୁ ପ୍ରମାଣ ଲାଗି ଯେଉଁ ୧୧ଟି ପ୍ରମାଣପତ୍ରର ସର୍ତ୍ତ ରଖାଯାଇଛି, ସେଥିରୁ ଗୋଟିଏ ହେଲେ ଦସ୍ତାବିଜ ଦାଖଲ କରି ନାହାନ୍ତି। କିନ୍ତୁ ବୁଥ୍ ଅଫିସରଙ୍କ ସୁପାରିସ କ୍ରମେ ସେମାନଙ୍କ ନାମକୁ ସଂଶୋଧିତ ତାଲିକାରେ ସାମିଲ କରାଯାଇଛି। କେଉଁ ଆଧାରରେ କମିସନ ଏଭଳି ପଦକ୍ଷେପ ନେଇଛନ୍ତି? ଏହା ଏକ ଗୁରୁତର ପ୍ରସଙ୍ଗ ଏବଂ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ଏହି ଅଭିଯୋଗ ଶୁଣିବା ପରେ କୋର୍ଟ କହିଲେ ଯେ ଆସନ୍ତା ୧୨ ତାରିଖରେ ଏହି ମାମଲା ଉପରେ ଶୁଣାଣି କରାଯିବ। ସେହି ସମୟରେ ଆବେଦନକାରୀ ତଥ୍ୟ ସହିତ ଏହି ଅଭିଯୋଗ ଉପସ୍ଥାପିତ କରିପାରିବେ।

ସୂଚନାଯୋଗ୍ୟ ଯେ ନିର୍ବାଚନ କମିସନ ଜୁନ୍ ୨୪ ତାରିଖରେ ଦେଇଥିବା ଏସ୍ଆଇଆର୍ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ ହୋଇଛି। ଏହାକୁ ବିଚାର ପାଇଁ ଗ୍ରହଣ କରି ସୁପ୍ରିମ କୋର୍ଟ କମିସନଙ୍କୁ ନୋଟିସ ଜାରି କରିବା ସହିତ ଆସନ୍ତା ୧୨ ଓ ୧୩ ତାରିଖରେ ମାମଲାର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କାରିଛନ୍ତି। କୋର୍ଟ ଏହାସହିତ ସ୍ପଷ୍ଟ କରିଥିଲେ ଯେ ତାଲିକା ସଂଶୋଧନ ବେଳେ ବହୁସଂଖ୍ୟାରେ ଭୋଟର ବାଦ୍ ପଡ଼ିଲେ କୋର୍ଟ ହସ୍ତକ୍ଷେପ କରିବାକୁ ବାଧ୍ୟ ହେବେ।

ଗତ ଅଗଷ୍ଟ ପହିଲା ତାରିଖରେ ନିର୍ବାଚନ କମିସନ ବିହାର ଭୋଟରଙ୍କ ଚିଠାତାଲିକା ପ୍ରକାଶ କରିଥିଲେ। ଏଥିରେ ୭ କୋଟି ୨୪ ଲକ୍ଷ ଭୋଟର ସ୍ଥାନ ପାଇଥିବା ବେଳେ ୬୫ ଲକ୍ଷ ନାମକୁ ବାଦ୍ ଦିଆଯାଇଛି। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଯେଉଁମାନଙ୍କର ନାମ ବାଦ୍ ପଡ଼ିଛି, ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ଲୋକ ମୃତ, ୩୬ ଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଲୋକଙ୍କ ନାମ ଏକାଧିକ ରାଜ୍ୟରେ ସ୍ଥାନ ପାଇଛି। ତେବେ ସେମାନଙ୍କର ନାମ ଦିଆଯାଇ ନାହିଁ।

### ଦୁର୍ଘଟଣାରେ ଗଲା...

ତେବେ ଲକ୍ଷ୍ମୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ପୁଲିସ ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଟ୍ରଲର ଓ ବାଇକ୍‌କୁ ଜବତ କରିଛି। ଏଥିସହ ଟ୍ରଲର ଚାଳକକୁ ଅଟକ ରଖି ତଦନ୍ତ କରୁଥିବା ବେଳେ ଏନେଇ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର କହିଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନପୁରଠାରେ ଏକ ବାଇକ୍ ପଛକୁ ଟ୍ରକ୍ ଧକ୍କା ଦେବ ଫଳରେ ପରିବାରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ଼ ଜିଲ୍ଲା ବାରକୋଟ ଥାନାଞ୍ଚଳର ଟଙ୍କଧର ପାତ୍ର, ତାଙ୍କ ଦ୍ୱିତୀୟ ପତ୍ନୀ ଝିଲ୍ଲି ପ୍ରଧାନ ଓ ୧୫ ବର୍ଷର ଝିଅ ମାମୁନି ପ୍ରଧାନ। ରୁଗୁଡ଼ିହି ଟୋଲ ପ୍ଲାଜାରେ ଟ୍ରକ୍‌ଟିକୁ ଅଟକ ରଖାଯାଇଛି। ଟଙ୍କଧର (ଓଆର ୦୨ବିଜି ୧୪୬୫) ବାଇକ୍ ଯୋଗେ ଝିଅ ମାମୁନିକୁ କାଞ୍ଜିପାଣିସ୍ଥିତ ଆଶ୍ରମ ବିଦ୍ୟାଳୟରେ ଛାଡ଼ିବାକୁ ପତ୍ନୀଙ୍କ ସହ ଯାଉଥିଲେ। ଜଗମୋହନପୁର ଶିବ ମନ୍ଦିର ନିକଟରେ (ଏନଏଲ୍ ୦୧ଏସି ୨୦୧୯) କଣ୍ଟେନର ଟ୍ରକ୍‌ଟି ସଂପୃକ୍ତ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ଦ୍ୱାରା ରାସ୍ତା ଅବରୋଧ କରାଯାଇଥିଲା। ତେଲକୋଇ ଥାନା ପୁଲିସ ବୁଝାସୁଝା କରିବା ସହ ରାସ୍ତା ଅବରୋଧ ହଟାଇବାକୁ ଚେଷ୍ଟା କରିଥିଲା। ୫-୬ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲରେ ଶବ ବ୍ୟବଚ୍ଛେଦ କରାଇଛି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଜଗମୋହନପୁର ବଜାରର ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ ସହ ରାସ୍ତାରେ ଲାଇଟ୍ ବ୍ୟବସ୍ଥା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସୂଚନା ଅନୁସାରେ, ମୃତ ଟଙ୍କ ପାତ୍ରଙ୍କ ଘର ବାହାଡ଼ାପଶି ଗ୍ରାମରେ। ସେ ତାଙ୍କର ଦ୍ୱିତୀୟ ପତ୍ନୀ ଝିଲ୍ଲି ପ୍ରଧାନଙ୍କୁ ଧରି ପାଳଲହଡ଼ା ଅଞ୍ଚଳରେ ରହୁଛନ୍ତି। ଅନ୍ୟପଟେ ମୃତ ଝିଲ୍ଲି ପ୍ରଧାନ ମଧ୍ୟ ପୂର୍ବରୁ ଅନ୍ୟ ଜଣଙ୍କୁ ବିବାହ କରିଥିବା କୁହାଯାଉଛି।

### ଆଦିବାସୀ ମହିଳାଙ୍କୁ...

ଆରମ୍ଭ କରିଥିଲା। ପୁଲିସ ପୀଡ଼ିତା ଓ ଅଭିଯୁକ୍ତକୁ ଘଟଣାସ୍ଥଳକୁ ନେଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ଏଥିସହିତ ଘଟଣାରେ ଗୋଟିଏ ଟ୍ରାକ୍ଟର ଓ ଦୁଇଟି ମୋବାଇଲକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ବାରମଞ୍ଜା ଗାଁର ରଞ୍ଜନ ମୁଖି ଓ ଅନ୍ୟ ଦୁଇଜଣ ନାବାଳକଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ଛେଣ୍ଡିପଦା ବ୍ଲକ୍ ଅଞ୍ଚଳରେ ଏପରି ଲଜ୍ଜାଜନକ ଘଟଣାକୁ ବିଜେଡି ଓ କଂଗ୍ରେସ ପକ୍ଷରୁ ଘୋର୍ ନିନ୍ଦା କରାଯିବା ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।


**OFFICE OF THE PARADEEP MUNICIPALITY, PARADEEP**

**Quotation Call Notice no. 4434 / dt.05.08.2025**

The Executive Officer, Paradeep Municipality Paradeep invites sealed Quotation Call Notice from interested/ intending eligible Firms/ Fabricator Agencies/ Contractors for **"Supplying, providing and fixing of Pre-Cast RCC slab over drain at different places of Paradeep Municipality area"** DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of ₹4,000.00 (Rupees:- Four thousand) only (not refundable) and also available on office website www.paradeepmunicipality.in. from dt.07.08.2025 to dt.18.08.2025. Paper cost shall be paid as per the same method noted in DTCN downloaded online. The firms/ agencies/ febricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (iv) Cost of tender paper and (v) EMD. The sealed Quotation and other documents will be received offline on or before dt.19.08.2025 upto 1.00 PM and will be opened on the same day at 4.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

OIPR-13120/11/0063/2526 C-817

Executive Officer
Paradeep Municipality



**GOVERNMENT OF ODISHA**

**PANCHAYAT SAMITI: NARAYANPATNA**

**PR & DW DEPARTMENT, ODISHA**

**E-Mail ID – ori-narayanpatna@nic.in**

**Letter No. 2630/2025/TCN.06/2025-26 / Dated. 06.08.2025**

**NOTICE INVITING TENDER**

**Bid Identification No. 06 of 2025-26 of B.D.O. Narayanpatna**

1. Bid documents consisting of specification, the Bill of Quality, and the Tender Call Notice can be seen in the Govt. website: http://tendersorissa.gov.in/nicgep/app.
2. The Block Development Officer, Narayanpatna, Dist- Koraput, Pin-764014 (Odisha) invites Percentage rate Bids in Single cover System on behalf of Governor of Odisha in electronic tendering system for the construction works detailed in the table conforming with the terms and conditions of D.T.C.N. from the eligible civil contractors as mentioned in column (4), registered with the Odisha State Govt. and contractors of equivalent grade/class registered with Central Govt. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No | Name of the Work | Amount put to Tender (Approx. In Lakhs) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of 1 Nos of Addl. Classroom at Rangapani PS | 14,14,652.00 | "C" & "D" | 6000/- | 14200/- | 06 Months |
| 2 | Construction of 1 Nos. of Addl. Classroom at Jhodipadar PS | 8,87,232.00 | "C" & "D" | 6000/- | 9000/- | 06 Months |
| 3 | Construction of 1Nos of Addl. Classroom at Kelubadi UPS | 8,95,637.00 | "C" & "D" | 6000/- | 9000/- | 06 Months |

**03 (Three) No. of works only**

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | From **11.08.2025** at 11.00 Hours to **25.08.2025** up to 17.30 Hours |
| Bid clarification start date & closing date | **11.08.2025 to 25.08.2025** during office hours |
| Offline documents received through Speed Post/ Registered Post | **From 11.08.2025 at 17.30Hours to 30.08.2025 at 11.00 Hours** |
| Date, time and venue of opening of bid online | **(01.09.2025 at 11.00 Hours)**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participate, bidders in chamber of BDO Narayanpatna | **01.09.2025 at 11.00** Hours onwords. |
| If stipulation arises the tender will be decided through Lottery System | **(01.09.2025 at 11.30 Hours)** Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**



## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.25-KUR-TRD-OT-2025-26

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ କୋଲକାତା-ଚେନ୍ନାଇ ମେନ୍ (Main) ଲାଇନ୍‌ରେ ହରିଦାସପୁର (HDS)-ଧାନମଣ୍ଡଳ (DNM) ଷ୍ଟେସନଗୁଡ଼ିକ ମଧ୍ୟସ୍ଥ NH-200(ନୂଆ NH-53)ର କି.ମି.370/25-27 ଠାରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):15,29,188.76, EMD (ଟଙ୍କାରେ) : 30,600/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.08.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-437/Q/25-26



**AFFIDAVIT**

By virtue of an affidavit sworn before the Notary Public, Nuapada dated 04/08/2025, I REENA MAJHI of village Kureswar, PO- Kureswar, PS- Komna, Dist.: Nuapada (Odisha) PIN- 766106 do hereby declare that I have changed my name Reena Majhi, D/o- Damburudhar Majhi from Gharamani Majhi D/o- Damburudhar Majhi. Henceforth, I shall be known as Reena Majhi for all purposes.

**Reena Majhi**

**AFFIDAVIT**

By virtue of an affidavit no. 274 dtd 07/04/2025 in the court of the Executive Magistrate, Nabarangpur, I Sabetri Soura, and Debaki Soura are same person, Worngly mentioned as Debaki Soura on my AADHAR, Henceforth I shall be known as Sabetri Soura as per my aadhar bearing number 643176179768 for all purpose.

**Sd/- Sabetri Soura**

**AFFIDAVIT**

I, Priyanka Priyadarsni Panda, D/o- Muna Panda, resident of At- Bajarakbati Road, Professorpada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN- 753003, Odisha declared by this affidavit No. 1530, dtd- 01/08/2025 that now onwards I shall be known as **PRIYANKA PRIYADARSHANI PANDA** for all future purposes.

**AFFIDAVIT**

I, Sarbeswar Samantarya, S/o- Lochan Samantaray, resident of At- Krushnapur, Po- Narendrapur, Ps- Banpur, Pin- 752031, Dist- Khurda, Odisha declared by this affidavit No-615, dtd- 05/08/2025 that now onwards I shall be known as **SARBESWAR SAMANTARAY** for all future purposes.

**AFFIDAVIT**

By virtue of an affidvit no.1191, dtd. 21.06.2025 before the Notary Public, Koraput, I, Singisetty Jayashree, have changed my name from Maddi Jayashree to Singisetty Jayashree. Henceforth I shall be known as Singisety Jayashree vide Aadhaar no. 331308857113 also for all purposes.

**Sd/- Singisetty Jayashree**

**AFFIDAVIT**

I, Ranjan Kumar Samantarya, S/o- Sarbeswar Samantaray, resident of At- Krushnapur, Po-Narendrapur, Ps- Banpur, Pin- 752031, Dist- Khurda, Odisha declared by this affidavit No. 616, dtd- 05/08/2025 that now onwards I shall be known as **RANJAN KUMAR SAMANTARAY** for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 04/08/2025, I, Smt. Muktarbanu Bibi, D/o- Rahimat Khan, Vill.- Patrapandi, Po.- Thuba, Ps.- Padwa, District- Koraput declare that I have changed my name from **Muktarban Begam** to **Muktarbanu Bibi**. Henceforth, I shall be known as **Muktarbanu Bibi** for all purposes.

Sd/- **Muktarbanu Bibi**

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 06/08/2025. I, **Jyosna Bhoi,** aged about 44 years, W/o- Jalandhara Bhoi, Permanent resident of At- Sinapali, P.O. Rigdul, P.S. Titilagarh, Dist- Bolangir, (Odisha), PIN- 767033, now residing at the same place affirm that I have changed my minor daughter's name from **Lipsha Bhoi** (old name) to **Lily Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Lily Bhoi** (new name).

**JYOSNA BHOI**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 05.08.2025, I Manarama Mandal, Address At-Singtia, Po- Singtia, Ps-Badasahi, Dist- Mayurbhanj, State- Odisha, Pin- 757026 declare that I have changed my name from Manorama Mandal to Manarama Mandal. Henceforth , I shall be known as Manarama Mandal for all purpose.

**Manarama Mandal**

**AFFIDAVIT**

I Ranjan Khatua, S/o- Banshidhar Khatua, resident of village- Daruha, Po-Katisahi, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.2792/ dtd- 25/07/2025 that my actual name is Ranjan Khatua in all educational Certificates and Voter ID, that wrongly mentioned as Ranjita Khatua in Adhar. Ranjan Khatua and Ranjita Khatua is one & same person.Hence I shall be known as Ranjan Khatua for all future purpose.

**AFFIDAVIT**

By virtue of an affidavit before the Executive Magistrate, Balasore, I Shaikh Azad Alli, S/o- Sk Maphijuddin, At- Khaparapada P/S- Sahadevkunta, P.o/Dist: Balasore, Pin -756001, Odisha declared by this affidavit no- 8395 dt-22.07.2025 that now onwards I shall be known as **Shaikh Azad Alli** instead of Shaikh Ajad Alli and Sk Ajad Alli for all future purpose .

**NOTICE**

By virtue of an affidavit sworn before The Notary Public, Sunabeda dated 24/07/2025, I, Sri Narayan Hantal, S/o- Kanda Hantal, Vill.- P. Khilaput, Po.- Bheja, Ps.- Padwa, District- Koraput declare that I have changed my daughter's name from **Iswari Hantal** to **Bhumika Hantal**. Henceforth, my daughter shall be known as **Bhumika Hantal** for all purposes.

Sd/- **Narayan Hantal**

**ଘୋଷଣା**

ମୁଁ, ଜେ. ସନ୍ତୋଷ ପୃଷ୍ଟି, ପିତା-ଜେ. ମୋହନ ପୃଷ୍ଟି, ଠିକଣା:- ଏଲବି-୨୪୪,ଫେଜ-୨, ଭୀମଟାଙ୍ଗି, ଥାନା-ଏୟାରଫିଲଡ଼, ଜିଲ୍ଲା- ଖୋର୍ଦ୍ଧା ଘୋଷଣା କରୁଅଛି ଯେ, ମୋ ବାପାଙ୍କ ବୟସାଧିକ ହେତୁ ତାଙ୍କର ମାନସିକ ଭାରସାମ୍ୟ ଠିକ ରହୁନାହିଁ। ମୁଁ ଜାଣିବାକୁ ପାଉଛିଯେ ମୋ ବାପାଙ୍କ ନାମରେ ଥିବା ସମ୍ପତ୍ତି ମୌଜା- ଭୁବନେଶ୍ୱର ସହର, ୟୁନିଟ-୨୩, କପିଳପ୍ରସାଦ, ଖାତା ନଂ- ୧୨୦୬/୪୮୩, ପ୍ଲଟ ନଂ-୧୫୧୩/୩୬୨୯, ଏରିଆ ଏ.୦.୩୧ ଡେସିମିଲକୁ କିଛି ଖଳ ପ୍ରକୃତିର ଲୋକ କିଣାବିକା ଏବଂ ହାତେଇବା ପାଇଁ ଚେଷ୍ଟା କରୁଛନ୍ତି। ଏଣୁ ଯଦି କେହି ଏହି ସମ୍ପତ୍ତିକୁ କିଣାବିକା କରନ୍ତି ସେଥିପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ ଏବଂ ସମ୍ପୃକ୍ତ ବ୍ୟକ୍ତି ଆଇନ ଅନୁଯାୟୀ ଦଣ୍ଡିତ ହେବେ।

ଜେ. ସନ୍ତୋଷ ପୃଷ୍ଟି

### ନୟାଗଡ଼ ପୌର ପରିଷଦ

# ଟିକସ ଆଦାୟରେ ସାଂଘାତିକ କେଲେଙ୍କାରୀ

■ ସୁଇପରଙ୍କୁ ଦାୟିତ୍ୱ ଦେଇ ନେତା ମାଲେମାଲ
■ ନିଲାମ ହୋଇନି; ପୌର ପରିଷଦ ଆୟ କମୁଛି

ନୟାଗଡ଼, ୬।୮ (ସମିସ): ନୟାଗଡ଼ ପୌର ପରିଷଦ ପାଲଟିଛି କିଛି ବ୍ୟକ୍ତିଙ୍କ ପାଇଁ ଲେଉଟିଆ କିଆରି। ସଫେଇଠାରୁ ଆରମ୍ଭ କରି ଠିକାଦାରୀ ପର୍ଯ୍ୟନ୍ତ ସବୁଥିରେ ଭାଗିଦାରୀ ଚାଲିବା ଦ୍ୱାରା ପୌର ପରିଷଦ ଆୟ ବଢ଼ିବା ପରିବର୍ତ୍ତେ କମିବାରେ ଲାଗିଛି। ନୟାଗଡ଼ ସହରରେ ଥିବା ସମସ୍ତ ଉଠା ଦୋକାନ ଗୁଡ଼ିକରୁ ଦୈନିକ ଟିକସ ଆଦାୟରେ ସାଂଘାତିକ କେଲେଙ୍କାରୀ କରାଯାଉଥିବା ଅଭିଯୋଗ ହେଉଛି। ଯେତିକି ଟିକସ ଆଦାୟ କରାଯାଉଛି ତାହାର ସିଂହ ଭାଗ କିଛି ନେତାଙ୍କ ପକେଟକୁ ଯାଉଥିବା ବେଳେ ଅଳ୍ପ ଅର୍ଥ ପୌର ପରିଷଦ ଖାତାକୁ ଯାଉଛି। ନୟାଗଡ଼ ସହରରେ ଶହ ଶହ ଉଠା ଦୋକାନ ଗୁଡ଼ିକରୁ ଦୈନିକ ଟିକସ ଆଦାୟ କରାଯିବା ପାଇଁ ପୂର୍ବରୁ ନିଲାମ କରାଯାଉଥିଲା। ବାର୍ଷିକ ଲକ୍ଷାଧିକ ଟଙ୍କା ଆୟ ହେଉଥିଲା। ୨୦୨୩ ମସିହାରୁ ଏହି ନିଲାମ ପ୍ରକ୍ରିୟାକୁ ପୌର ପରିଷଦ ବନ୍ଦ କରିଛି। ଏହା ବଦଳରେ ପୌର ପରିଷଦ ଜଣେ ଟ୍ୟାକ୍ସ କଲେକ୍ଟର ଏବଂ ଦୁଇ ଜଣ ସୁଇପରଙ୍କୁ ଦାୟିତ୍ୱ ଦିଆଯାଇଛି। ଟ୍ୟାକ୍ସ କଲେକ୍ଟର ପ୍ରଫୁଲ ମହାପାତ୍ରଙ୍କ ସହ ସୁଇପର ସନ୍ତୋଷ ଗୁରୁ ଓ ରାମଚନ୍ଦ୍ର ବେହେରାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଯେତିକି ପରିମାଣର ଟିକସ ଆଦାୟ କରାଯାଉଛି, ଟିକସ ବାବଦ ରସିଦ ଉଠା ଦୋକାନୀକୁ ପ୍ରଦାନ କରାଯାଉନାହିଁ। ଯାହା ଫଳରେ ଟିକସ ଆଦାୟର ୭୦ ପ୍ରତିଶତ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଏହି ଅର୍ଥରୁ କିଛି ନେତାଙ୍କ ପକେଟ ଗରମ ହେଉଥିବା ବେଳେ କିଛି ନେତାଙ୍କ ଭାଇଗିରି ପାଇଁ ମଧ୍ୟ ଖର୍ଚ୍ଚ କରାଯାଉଛି। ୩ ଜଣ କର୍ମଚାରୀ ଯେତିକି ବେତନ ପାଉଛନ୍ତି, ସେହି ତୁଳନାରେ ଟିକସ ଆଦାୟ ହୋଇପାରୁନଥିବା ଅଭିଯୋଗ ହେଉଛି। ତଥାପି ପୌର ପରିଷଦ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଅର୍ଥଶ୍ରାଦ୍ଧ କରୁଥିବା ଆଲୋଚନା ହେଉଛି। ପୌର ନିର୍ବାହୀ ଅଧିକାରୀ ଏହାର ତଦନ୍ତ କଲେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

## ବାଚସ୍ପତିଙ୍କୁ ଭେଟିଲେ ଓଏସ୍ଏଫ୍ଡି ଜିଲ୍ଲା ଶାଖା କର୍ମକର୍ତ୍ତା



ନୟାଗଡ଼, ୬।୮ (ସମିସ): ରଣପୁର ବିଧାୟିକା ତଥା ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କୁ ଓଏସଇଏଫ୍ଡି ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ସାକ୍ଷାତ କରି ବିଭିନ୍ନ ଦାବି ନେଇ ଆଲୋଚନା କରିଛନ୍ତି। ଶାଖାର ସଭାପତି ତୃପ୍ତିମୟୀ ପ୍ରଧାନ, ସମ୍ପାଦିକା ଶୁଭସ୍ମିତା ମିଶ୍ର, ରାଜ୍ୟ କୋଷାଧକ୍ଷ ଅଭିଷେକ ଆଚାର୍ଯ୍ୟ, କାର୍ଯ୍ୟକାରିଣୀ ସଦସ୍ୟ ହିତେଶ କୁମାର ମହନ୍ତ ପ୍ରମୁଖ ବାଚସ୍ପତିଙ୍କୁ ସାକ୍ଷାତ କରି ଓଡ଼ିଶାର ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତରେ ଆଲୋଚନା କରିବା ସହ ଅଧିକ ପୋଷ୍ଟ ଓ ସ୍ଥାୟୀ ନିଯୁକ୍ତି ନିମନ୍ତେ ବିଶଦ ଆଲୋଚନା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ପ୍ରତ୍ୟେକ କ୍ଲଷ୍ଟରରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହେବେ, ୨୦୨୫-୨୦୨୭ ଶିକ୍ଷାବର୍ଷ ମଧ୍ୟରେ ୪୧୬୦ ପୋଷ୍ଟ ନିଯୁକ୍ତି ଦିଆଯିବ। କିନ୍ତୁ ସୁପ୍ରିମକୋର୍ଟଙ୍କ ସାରଣୀ ଅନୁସାରେ ଓଡ଼ିଶାକୁ ପ୍ରାରମ୍ଭିକ ସ୍ତରରେ ୧୨୨୬୮ ସ୍ଥାୟୀ ପଦବୀର ଆବଶ୍ୟକତା ଅଛି। ସଂଘର ଦାବି ରହିଛି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏକାକାଳୀନ ସମସ୍ତ ପଦ ପୂରଣ କରାଗଲେ ନୟାଗଡ଼ ଜିଲ୍ଲା ତଥା ଓଡ଼ିଶାର ସମସ୍ତ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଉତ୍ତମ ଶିକ୍ଷା ପାଇପାରିବେ। ଏହାକୁ ବାଚସ୍ପତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରିବା ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ସଂକ୍ଷେପରେ.....

### ସାପ କାମୁଡ଼ାରେ ମହିଳା ମୃତ

ନୟାଗଡ଼, ୬।୮ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଗୋଡ଼ିମଡ଼ା ଗାଁରେ ଗତକାଲି ରାତିରେ ସାପ କାମୁଡ଼ିବା କାରଣରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରଜବନ୍ଧୁ ପ୍ରଧାନଙ୍କ ସ୍ତ୍ରୀ ସବିତା ପ୍ରଧାନ। ଗତକାଲି ସେ ରାତିରେ ଶୋଇଥିଲେ। ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀ ଧର୍ମେନ୍ଦ୍ର ଶିଆଳ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

### ଦୁର୍ଘଟଣାରେ ଯୁବତୀ ମୃତ

ନୟାଗଡ଼, ୬।୮ (ସମିସ): ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଅନ୍ତର୍ଗତ ରାଇପଡ଼?। ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତ ଯୁବତୀ ହେଲେ ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅଞ୍ଚଳର ବର୍ଷା ଭୋଇ। ଗୁରୁତର ଯୁବକ ହେଲେ ତଳମଣିନାଗ ସାହିର ଚନ୍ଦନ ସ୍ୱାଇଁ। ଉଭୟ ନିଜ କର୍ମ କ୍ଷେତ୍ରରୁ ବାଇକ ଯୋଗେ ଉଭୟ ରଣପୁର ଅଭିମୂଖେ ଆସୁଥିଲେ। ଅସାବଧାନତା ବଶତଃ ବାଇକ ରାସ୍ତା ପାଶ୍ୱର୍ ଗଛରେ ମାଡ଼ ହେବା କାରଣରୁ ଯୁବତୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଚାନ୍ଦପୁର ଡାକ୍ତରଖାନା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଚାନ୍ଦପୁର ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

କଣ୍ଟିଲୋ, ୬।୮ (ସମିସ): ନୟାଗଡ଼ ଜିଲ୍ଲା କଣ୍ଟିଲୋ ପାଣୁସାହୁପାଟଣା ସାହିର ଜଣେ ଯୁବକ ପାରିବାରିକ କଳହକୁ କେନ୍ଦ୍ର କରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ହେଲେ ବୃନ୍ଦାବନ ମହାପାତ୍ରଙ୍କ ବଡ଼ ପୁଅ ପ୍ରକାଶ ମହାପାତ୍ର। ଗତକାଲି ପାରିବାରିକ କଳହକୁ କେନ୍ଦ୍ର କରି ସେ ବିଷପାନ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଣ୍ଟିଲୋ ଓ ଖଣ୍ଡପଫା ନିଆଯାଇଥିଲା। ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

### ଦୁର୍ଘଟଣାରେ ଯୁବତୀ ମୃତ; ଜଣେ ଗୁରୁତର

ରଣପୁର, ୬।୮ (ସମିସ): ନୟାଗଡ଼ ଜିଲ୍ଲା ଚାନ୍ଦପୁର ରଣପୁର ରାସ୍ତାର ରାଇପଡ଼ା ଛକ ନିକଟରେ ରାସ୍ତାର ୩୦ ଫୁଟ ତଳକୁ ଏକ ବାଇକ୍ ଖସିଯିବାରୁ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଖସିବା ପରେ ଶାଗୁଆନ ଗଛରେ ପିଟି ହୋଇ ବାଇକ୍ ଭାଙ୍ଗି ରୁଜି ଚୁରମାର ହେଇଯାଇଛି। ଘଟଣାସ୍ଥଳରେ ବାଇକ୍‌ରେ ଥିବା ଜଣେ ଯୁବତୀଙ୍କ ମୃତ ହେଇଥିବା ବେଳେ ଚାଳକଙ୍କ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ଚାନ୍ଦପୁର ବସନ୍ତ ମଞ୍ଜରୀ ମେଡିକାଲ ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ବଡ଼ମେଡିକାଲକୁ ସ୍ଥାନାନ୍ତରଣ କରଛନ୍ତି। ଯୁବକ ଜଣଙ୍କ ରଣପୁର ମଣିନାଗ ସାହି ଚନ୍ଦନ ସ୍ୱାଇଁ (୨୫) ବୋଲି ଜଣାପଡ଼ିଛି। ସେ ଏକ ନୂଆ ବାଇକରେ ଚାନ୍ଦପୁର ରଣପୁର ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ମୃତ ଯୁବତୀ ଜଣକ ନିକଟସ୍ଥ ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥବା ବେଳେ ଗୁରୁତର ଯୁବକ ଚନ୍ଦନ ସ୍ୱାଇଁ ଚାନ୍ଦପୁରରେ ଏକ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ଖବର ପାଇ ଚାନ୍ଦପୁର ପୁଲିସ ମୃତ ଯୁବତୀଙ୍କ ଶବ ଜବତ କରିବା ଶହ ବାଇକ୍‌କୁ ଜବତ କରି ତଦନ୍ତ କରୁଛି।

### ନୀଳମାଧବ ପୀଠରେ ଝୁଲଣ ଉତ୍ସବ

କଣ୍ଟିଲୋ, ୬।୮ (ସମିସ): ନୀଳମାଧବ ପୀଠରେ ଶ୍ରାବଣ ଶୁକ୍ଳ ଦଶମୀଠାରୁ ଝୁଲଣ ଉତ୍ସବ ଆରମ୍ଭ ହୋଇଛି। ଶ୍ରୀ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହିତ ଲକ୍ଷ୍ମୀ, ସରସ୍ୱତୀ ଦକ୍ଷିଣ ଦ୍ୱାର ସ୍ଥିତ ରାଧା ମୋହନ ମଠକୁ ବିଜେ ହୋଇଥିଲେ। ସେଠାରେ ପରମ୍ପରାନୁଯାୟୀ ପୂଜାର୍ଚ୍ଚନା ପରେ ଶ୍ରୀଜୀଉ ସୁସଜ୍ଜିତ ଝୁଲଣ କୁଞ୍ଜରେ ଅଧିଷ୍ଠିତ ହେବା ପରେ ଝୁଲଣ ନୀତି ହୋଇଥିଲା। ଏହି ଅବସରରେ ମଠ ପରିସରରେ ଭଜନ, ସଂକୀର୍ତ୍ତନ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ନୀଳମାଧବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଥିଲା।

■ ଜୀବନବିନ୍ଦୁ ରକ୍ତ ଦାନ ଶିବିର

## ୬୩ ୟୁନିଟ୍ ସଂଗ୍ରହ



ଓଡ଼ଗାଁ, ୬।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି କୁମ୍ଭିଆପଲ୍ଲୀଠାରେ ଅବସ୍ଥିତ ପିମିଟି କଲେଜ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୬୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସହଯୋଗରେ ଅନୁଷ୍ଠିତ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଭୁପ୍ରସାଦ ସାହୁ, ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ନୟାଗଡ଼ ଜିଲ୍ଲା ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା। ବର୍ତ୍ତମାନ ସମୟରେ ରକ୍ତର ଆବଶ୍ୟକତା ଅନୁପାତରେ କମ୍ ପରିମାଣର ରହୁଥିବାରୁ ରୋଗିମାନଙ୍କୁ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି ସମୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତ ଦାତାଙ୍କ ଠାରୁ ସଂଗୃହିତ ରକ୍ତ ଅନେକ ଜୀବନ ବଞ୍ଚିବାରେ ସହାୟକ ହୋଇପାରିବ।

### ଓଡ଼ଗାଁରେ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର

# ୭ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ




ଓଡ଼ଗାଁ, ୬।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ୬ ଗୋଟି ପ୍ରାଥମିକ ବିଦ୍ୟାଳୟରେ ୬ ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକ ଏବଂ ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୯ ଗୋଟି ଶ୍ରେଣୀ ପାଇଁ ଜଣିଏ ଶିକ୍ଷକ ସହିତ ଅନ୍ୟ ୫ ବିଦ୍ୟାଳୟରେ ସର୍ବନିମ୍ନ ୫ ପରିବର୍ତ୍ତେ ୩ ଜଣ ଲେଖାଏଁ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରନ୍ତି। ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ହେଲା ଧଖୋଲା ପ୍ରାଥମିକ ବିଦ୍ୟାଳୟ, ଲିଙ୍ଗରାଜ ପ୍ରସାଦ ପ୍ରାଥମିକ ବିଦ୍ୟାଳୟ, ଗୁଣ୍ଡୁରିବାରି ପ୍ରାଥମିକ ବିଦ୍ୟାଳୟ, ମହୁଲିଆ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁପଲ୍ଲି ପ୍ରାଥମିକ ବିଦ୍ୟାଳୟ, ବୁଢାବୁଢିଆଣି ପ୍ରାଥମିକ ବିଦ୍ୟାଳୟ ସେହିପରି ଉଦ୍ଧବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରଙ୍ଗଣୀପାଟଣା ଯେଉଁଠି ଜଣେ ଶିକ୍ଷକ ଅଛନ୍ତି। ବିନାୟକପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆମ୍ବ୍ରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯଦୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେଶପନିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗିରିଡ଼ିପଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ ଜଣ ଲେଖାଏଁ ଶିକ୍ଷକ ଅଛନ୍ତି। ଏହିଭଳି ଅନେକ ବିଦ୍ୟାଳୟରେ ପିଲାଙ୍କ ଅନୁପାତରେ ଶିକ୍ଷକ ଅନୁପାତ କମ୍ ଦେଖିବାକୁ ମିଳୁଛି। ଶିକ୍ଷା ହେଉଛି ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର। କୌଣସି ବି ଜଣେ ଶିଶୁ ଯେପରି ବଞ୍ଚିତ ନ ହୁଅନ୍ତି, ତାହାକୁ ଦୃଷ୍ଟିରେ ରଖି ସରକାରଙ୍କ ଦ୍ୱାରା ଅନେକ କାର୍ଯ୍ୟକ୍ରମ କରାଯାଉଛି। ପ୍ରତ୍ୟେକ ଶିଶୁଙ୍କ ନାମ ଲେଖାଇବା ପାଇଁ ବ୍ୟବସ୍ଥା କରାଯାଉଛି। ତେବେ ଶିଶୁମାନେ ପ୍ରାଥମିକ ଶିକ୍ଷା ପାଇବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ ଦେଖିବାକୁ ମିଳୁଛି। କୋମଳମତି ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ଆଡ଼କୁ ଆକୃଷ୍ଟ କରିବା ପାଇଁ ଏକ ସୁନ୍ଦର ଆକର୍ଷଣୀୟ ପରିବେଶର ଏକାନ୍ତ ଆବଶ୍ୟକ ରହିଛି। ଯାହା ଶିଶୁ ମାନଙ୍କୁ ବିଦ୍ୟାଳୟ ମଧ୍ୟରେ ବାନ୍ଧି ରଖିପାରିବ। ଏଥିସହିତ ଅନେକ ମୌଳିକ ସମସ୍ୟା ମଧ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗୁଡ଼ିକ ଚାଲିଛି। କେଉଁ ବିଦ୍ୟାଳୟରେ ଶ୍ରେଣୀ ଗୃହ ନାହିଁ ତ କେଉଁଠି ଶୌଚାଳୟ ନାହିଁ, କେଉଁଠି ଖେଳ ପଡ଼ିଆ ନାହିଁ ତ କେଉଁଠି ନିରାପଦ ପରିବେଶ ଅଭାବ ସହିତ ଆନୁପାତିକ ଶିକ୍ଷକଙ୍କ ଅଭାବ ରହିଛି। ଏପରି ସ୍ଥଳେ ବର୍ତ୍ତମାନର ଗୁଣା।କ ତଥା ମୂଲ୍ୟବୋଧ ଭିତ୍ତିକ ନୂତନ ଶିକ୍ଷା ନୀତିର ପ୍ରୟୋଗ ବିଧି ବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ଉପରୋକ୍ତ ସମସ୍ୟା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀମାନେ ମତ ବ୍ୟକ୍ତ କରିଛନ୍ତି।

# ଅଧପନ୍ତରିଆ ପିଇଓ କ୍ୱାର୍ଟର



ଗଣିଆ, ୬।୮ (ସମିସ): ଗଣିଆ ବ୍ଲକର ସବୁଠାରୁ ଅପହଞ୍ଚ, ଅନୁନ୍ନତ ପଞ୍ଚାୟତ ହେଉଛି ବଡସିଲିଙ୍ଗା। ଏହି ପଞ୍ଚାୟତର ଅନେକ ଗ୍ରାମକୁ ସ୍ଥାୟୀ ରାସ୍ତା ନଥିବାରୁ ଯାତାୟାତରେ ବାଧା ଉପୁଜିବା ସହିତ ଅପହଞ୍ଚ ଇଲାକା ହୋଇଥିବାରୁ ବିଭାଗୀୟ ଅଧିକାରୀଙ୍କ ପାଦ ପଡେନାହିଁ। ଫଳରେ ଏଠାରେ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଇଁ ଶଗଡ଼ଭଙ୍ଗା ଛକରେ ଏକ କ୍ୱାର୍ଟର ନିର୍ମାଣ କରାଯାଇଥିବା ବେଳେ ତାହା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଦୀର୍ଘ ଦିନ ହେବ ଉକ୍ତ କ୍ୱାର୍ଟର ଏଭଳି ଅବସ୍ଥାରେ ଥିଲେ ମଧ୍ୟ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଅପହଞ୍ଚ ଇଲାକା ହୋଇଥିବାରୁ ପଞ୍ଚାୟତର ଲୋକେ ଅନେକ ଯୋଜନା ସମ୍ପର୍କରେ ଜାଣି ପାରୁନାହାନ୍ତି ଅଥବା ସୁଫଳ ପାଇ ପାରୁ ନାହାନ୍ତି। ଅଧିକାରୀ ଜଣକ ଯଦି ସେଠାରେ ରୁହନ୍ତେ ତେବେ ଜନସାଧାରଣ ଉପକୃତ ହୋଇପାରନ୍ତେ। କିନ୍ତୁ କ୍ୱାର୍ଟରର କୌଣସି ବ୍ୟବସ୍ଥା ନଥିବାରୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଠକିବାକୁ ସୁଯୋଗ ମିଳୁଛି। ପଞ୍ଚାୟତକୁ ଅନେକ ଯୋଜନା ମାଧ୍ୟମରେ ଅର୍ଥ ଆସୁଥିଲେ ମଧ୍ୟ କାହିଁକି କ୍ୱାର୍ଟରଟି ଦୀର୍ଘଦିନ ହେବ ଅଧାପନ୍ତରିଆ ହୋଇ ପଡ଼ି ରହିଛି ଜଣାପଡୁନାହିଁ। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଉକ୍ତ ଗୃହ ଏବେ ଭୂତକୋଠି ପାଲଟିବା ସହିତ ମଦୁଆ ଆଡ୍ଡାସ୍ଥଳୀ ପାଲଟିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ କ୍ୱାର୍ଟରଟିକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

### ବ୍ରାଉନସୁଗର ଜବତ; ଜଣେ ଗିରଫ

ନୟାଗଡ଼/ରଣପୁର, ୬।୮ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜସୁନାଖଳା ପୁଲିସ ୨୮ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଣପୁର ଥାନା ଡିହଗାଁର ନିମାଇଁ ଚରଣ ସ୍ୱାଇଁଙ୍କ ପୁଅ ରାଜେନ୍ଦ୍ର କୁମାର ସ୍ୱାଇଁ। ସେ ରେଳ ଷ୍ଟେସନ ନିକଟସ୍ଥ କାଙ୍କଳୀ ମନ୍ଦିରଠାରେ ବ୍ରାଉନସୁଗର କାରବାର କରୁଥିବା ନେଇ ପୁଲିସକୁ ଖବର ମିଳିଥିଲା। ରାଜସୁନାଖଳା ଫାଣ୍ଡି ଅଧିକାରୀ ପ୍ରୀତିପ୍ରକାଶ ମହାନ୍ତି ସଦଳବଳେ ଚଢ଼ଉ କରି ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲେ। ତାଙ୍କ ନିକଟରୁ ୨୮ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିବା ସୂଚନା ମିଳିଛି। ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

### ଲୋକକଳାରେ ସାପ କାମୁଡ଼ା ସଚେତନତା



ଶରଣକୁଳ, ୬।୮ (ସମିସ): ଓଡଗାଁ ବ୍ଲକ କଳାକାର ସଙ୍ଘ ପକ୍ଷରୁ ସାପ କାମୁଡା ଜନିତ ଘଟୁଥିବା ଦୁର୍ଘଟଣା ଉପରେ ଉପରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଶରଣକୁଳ ନିକଟସ୍ଥ ପାହାଡତଳ ଗାଁ ଶିମିଳି ଓ ଭାଲିଆଡିହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଗାୟକ କଳାନିଧି ମନୋଜ କୁମାର ମିଶ୍ରଙ୍କ ସହିତ ଦୀନବନ୍ଧୁ ପୃଷ୍ଟି, ଫକୀର ସେନାପତି, ରାମଚନ୍ଦ୍ର ମହାରଣା, ମନମୋହନ ବିଶ୍ୱାଳ, ପଦ୍ମଲୋଚନ ମଲ୍ଲ ପ୍ରମୁଖ କଳାକାରମାନେ ପାଲା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବର୍ଷା ସମୟରେ ପାହାଡ଼ ତଳି ଅଞ୍ଚଳରେ ବିଷଧର ସାପ ମାନଙ୍କର ପ୍ରାଦୁର୍ଭାବ ଅଧିକ ଥିବାରୁ ଗ୍ରାମାଞ୍ଚଳ ଲୋକମାନେ ଅସାବଧାନତା ହେତୁ ସର୍ପାଘାତରେ ମୃତ୍ୟୁବରଣ କରିଥାନ୍ତି। ଏହାକୁ ଏଡାଇବା ସହିତ ସର୍ପାଘାତରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ଗୁଣିଆ, ଗାଁ ବଇଦ ଓ ଝଡ଼ାଫୁଙ୍କା କରୁଥିବା ବ୍ୟକ୍ତିମାନଙ୍କ ନିକଟକୁ ନନେଇ ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ନେବା ପାଇଁ ପାଲା ମାଧ୍ୟମରେ ଏହି କଳାକାରମାନେ ଲୋକ ମାନଙ୍କୁ ସଚେତନ କରାଇଥିଲେ।

### ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ଦେହାନ୍ତ

କଣ୍ଟିଲୋ, ୬।୮ (ସମିସ): କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା ଗ୍ରାମର ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଭିମସେନ କାଣ୍ଡିଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଅବସର ପରେ ଭୁବନେଶ୍ୱର କଳିଙ୍ଗ ନଗରରେ ତାଙ୍କ ପୁଅଙ୍କ ପାଖରେ ରହୁଥିଲେ। ମାତ୍ର ଗାଁ ପ୍ରତି ମମତା ତୁଟି ନଥିଲା। ରିଟାୟାର କ୍ଲବ, ବରିଷ୍ଠ ନାଗରିକ ମଞ୍ଚ, ମୋ ସ୍କୁଲ ଅଭିଯାନ ଆଦି ସଂଗଠନରେ ପ୍ରତ୍ୟେକ୍ଷ ଭାବେ ଜଡିତ ଥିଲେ। ଜଣେ ଅମାୟିକ, ବନ୍ଧୁବତ୍ସଳ, ବ୍ୟକ୍ତି ଭାବେ ପରିଚିତ ସ୍ୱର୍ଗତ କାଣ୍ଡିଙ୍କ ମୃତ୍ୟୁରେ ଗ୍ରାମରେ ଶୋକ ପ୍ରକାଶ ପାଇଛି। ଶେଷ କୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ନାରାୟଣ ମୁଖାଗ୍ନି ଅର୍ପଣ କରିଥିଲେ।

### ମା' ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀ

# ମହିଳାଙ୍କୁ ରୋଜଗାର ଦେଇଛି 'ଚାନ୍ଦୁଆ'





ଖଣ୍ଡପଡ଼ା, ୬।୮ (ସମିସ)

ଦିନେ ଘରର ଚାରିକାନ୍ଥ ଡେଇଁ ବାହାରକୁ ଯିବାକୁ ମହିଳାଙ୍କୁ ବାରଣ କରାଯାଉଥିଲା। ଆଉ ଏବେ ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବାସହ ରୋଜଗାର ସୃଷ୍ଟି ଦିଗରେ ଉଦ୍ୟମ କରୁଛନ୍ତି। ଏସବୁ ସମ୍ଭବ ହୋଇପାରିଛି ମିଶନଶକ୍ତି ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଶିଖରପୁର ଗ୍ରାମର ମା' ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀ ହାତ ତିଆରି ଚାନ୍ଦୁଆ ଭଳି ହସ୍ତତନ୍ତ ଶିଳ୍ପ ଦ୍ୱାରା ଅନେକ ଲୋକଙ୍କୁ ରୋଜଗାର ଦେଇପାରିଛନ୍ତି। ଚିରାଚରିତ ବ୍ୟବସାୟରୁ ବାହାରି କିଛି ନୂଆ କରିବାର ଆଗ୍ରହ ସେମାନଙ୍କୁ ଦେଇଛି ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ। ପ୍ରଥମେ ୨୦୧୬ ମସିହାରୁ ୧୦ଜଣରୁ ଆରମ୍ଭ ହୋଇଥିବା ଏହି ଶିଳ୍ପ ମାଧ୍ୟମରେ ଏବେ ଯୋଡି ହୋଇଛନ୍ତି ୨୦ରୁ ଊର୍ଦ୍ଧ୍ୱ ମହିଳା। ପିଲାଙ୍କ ପାଇଁ ଭଳିକି ଭଳି ରଙ୍ଗବେରଙ୍ଗ କଣ୍ଢେଇ ସହ ଚାନ୍ଦୁଆ, ଚିଠି ବାକ୍ସ, ଫାଇଲ କଭର, ଆସନ, ସୋଫା କୁସନ, ଟିଭି କଭର, ଡୋର ସ୍କ୍ରିନ, ଭ୍ୟାନିଟ୍ ବ୍ୟାଗ ଆଦି ସାମଗ୍ରୀ ତିଆରି କରି ଚମତ୍କୃତ କରିବା ସହ ଜିଲ୍ଲାରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଏହି ବ୍ୟବସାୟ ଦ୍ୱାରା ପ୍ରତିଟି ସଦସ୍ୟା ମାସକୁ ବେଶ ଦୁଇ ପଇସା ରୋଜଗାର ମଧ୍ୟ କରିପାରୁଥିବା ନେଇ ଗୋଷ୍ଠୀର ସଭାପତି ଉର୍ମିଳା ସ୍ୱାଇଁ କହିଛନ୍ତି। ପ୍ରତିଦିନ ଘର କାମରୁ କିଛି ସମୟ ବାହାରକରି ଏହି ଶିଳ୍ପପ୍ରତି ସମୟ ଦେବାଦ୍ୱାରା ନିଜେ ସ୍ୱାବଲମ୍ବୀ ହୋଇ ଗ୍ରାହକଙ୍କ ଚାହିଦା ମେଣ୍ଟାଇବା ସହ ପରିବାର ପ୍ରତିପୋଷଣ ପାଇଁ ସକ୍ଷମ ହୋଇପାରିଛନ୍ତି। ଏଥିସହିତ ପାର୍ବଣ ସମୟରେ ତଥା ବିଭିନ୍ନ ମେଳା ଓ ମହୋତ୍ସବରେ ଏହି ହାତତିଆରି ସାମଗ୍ରୀର ଚାହିଦା ଯୋଗୁଁ ଭଲ ବ୍ୟବସାୟ ହେଉଥିବା ନେଇ ଗୋଷ୍ଠୀ ସମ୍ପାଦିକା ରଞ୍ଜୁବାଳା ନାୟକ କହିଛନ୍ତି। ମିଶନ ଶକ୍ତିରୁ ଋଣ ସହ ଜିଲ୍ଲା ଶିଳ୍ପ କେନ୍ଦ୍ରର ତାଲିମ ସହାୟତାରେ ଏହି ଶିଳ୍ପକୁ ବେଶ ଆଗକୁ ନେଇଛନ୍ତି ମା' ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ। ଆଗକୁ ଏହି ଶିଳ୍ପକୁ ସ୍ୱତନ୍ତ୍ର ମାନ୍ୟତା ସହ ଅଧିକ ଆର୍ଥିକ ପ୍ରୋତ୍ସାହନ ମିଳିପାରିଲେ ସେମାନେ ବହୁ ଆଗକୁ ଯାଇପାରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ତେବେ ଗୋଷ୍ଠୀ ର ମହିଳା ମାନଙ୍କ ମଧ୍ୟରେ ଚାନ୍ଦୁଆ ପ୍ରସ୍ତୁତି କରିବାର ଦକ୍ଷତା ଥିଲେ ମଧ୍ୟ ସେମାନଙ୍କ ପାଇଁ ଉପଯୁକ୍ତ ଘର ର ଅଭାବ ଥିବା କହିଛନ୍ତି। ଯଦି ସେମାନଙ୍କ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଉପଯୁକ୍ତ ଗୃହ ନିର୍ମାଣ ପାଇଁ ଜାଗା ସହ ଆର୍ଥିକ ସହାୟତା ମିଳନ୍ତା ସେମାନେ ଅଧିକ ପରିମାଣ ର ବିଭିନ୍ନ ଘରସଜା ସାମଗ୍ରୀ ପ୍ରସ୍ତୁତ କରି ପାରନ୍ତେ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ମା' ଶାରଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ପଠାଣି ସାମନ୍ତ ଉତ୍ପାଦକ ଗୋଷ୍ଠୀ ଏକ ୩୦ ଜଣିଆ ସଦସ୍ୟା ମିଶି ବିଭିନ୍ନ ଅଦରକାରୀ ବସ୍ତୁରେ ବିଭିନ୍ନ ଘର ସଜା ସାମଗ୍ରୀ ପ୍ରସ୍ତୁତ କରି ବଜାରରେ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରୁଥିବା ଜଣାପଡ଼ିଛି।

## ଚିଲିକାରେ ବେଆଇନ ଜେଟି ନିର୍ମାଣ ଘଟଣା

# ସିଆରଜେଡ୍ ନିୟମ ଉଲଂଘନ; ଜେଟି ଭାଙ୍ଗିବାକୁ ନିର୍ଦ୍ଦେଶ



ବାଲୁଗାଁ,୬।୮ (ସମିସ): ବଡ଼କୂଳ ଗଡ଼ଦ୍ୱାର ଓ ଆସୁରିପାଟଣା ଗ୍ରାମସ୍ଥିତ ଚିଲିକା ତଟ ଅଞ୍ଚଳରେ ବିକାଶ ଇକୋ ରିସୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ ନାମକ ଏକ ଘରୋଇ କମ୍ପାନୀ ବିନା ସରକାରୀ ଅନୁମତିରେ ବେଆଇନ ଭାବେ କଂକ୍ରିଟ ଜେଟି ନିର୍ମାଣ କରିଥିଲା। ଏହାକୁ ବିରୋଧ କରି ମା' କାଳିଜାଇ ମୋଟର ବୋଟ ୱାର୍କର୍ସ ୟୁନିୟନ ଓ ବଡ଼କୂଳ ପାରମ୍ପାରିକ ମତ୍ସ୍ୟଜୀବୀଙ୍କ ସହ ରାଜ୍ୟ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ପ୍ରଥମେ ସ୍ଥାନୀୟ ତହସିଲଦାର ପରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ନିରବଦ୍ରଷ୍ଟା ସାଜିବା ପ୍ରତିବାଦରେ ସଂଘ ଜାତୀୟ ସବୁଜ ପ୍ରାଧିକରଣ ତଥା ଏନ୍‌ଜିଟିର ଦ୍ୱାରସ୍ଥ ହୋଇ ଏକ ରିଟ୍ ପିଟିଶନ ଦାଖଲ କରିଥିଲା। ଏନ୍‌ଜିଟି ଏହି ଅଭିଯୋଗକୁ ଗ୍ରହଣ କରି ଅଗଷ୍ଟ ପହିଲାରେ ରାୟ ଶୁଣାଇଛନ୍ତି। ଏନ୍‌ଜିଟି ରାୟ ଅନୁଯାୟୀ, ବିକାଶ ଇକୋ ରିସୋର୍ଟସ୍‌ର ଏହି ବେଆଇନ ଜେଟି ନିର୍ମାଣକୁ ତୁରନ୍ତ ବନ୍ଦ କରିବା ସହ କଂକ୍ରିଟ ଜେଟିକୁ ଭାଙ୍ଗି ଏହାର ପୂର୍ବ ସ୍ଥିତିକୁ ଫେରାଇ ଆଣିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ତଥା ସିଆରଜେଡ୍ ନିୟମ ଉଲଂଘନ ଓ ଚିଲିକା ହ୍ରଦକୁ ମଇଳା ନିଷ୍କାସନ ଦ୍ୱାରା ପରିବେଶକୁ କ୍ଷତି ପହଞ୍ଚାଇବା ସହ ପରିବେଶ ନିୟମ ଉଲଂଘନ ପାଇଁ ପରିବେଶ ସୁରକ୍ଷା ତଥା ଇପିଆକ୍ଟ ଅନୁଯାୟୀ ଫୌଜଦାରି ମାମଲା ଦାୟର କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ଗ୍ରୀନ ଟ୍ରିବୁନାଲ। ସେହିପରି ଉଭୟ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ତଥା ସିଡିଏ ଓ ବିକାଶ ଇକୋ ରିସୋର୍ଟ ପ୍ରାଇଭେଟ୍ ଲିମିଟେଡ୍‌କୁ ଆସନ୍ତା ୪ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ ନୋଟିସ ଜାରି କରିଛନ୍ତି। ସୂଚନାନୁଯାୟୀ, ବଡ଼କୂଳ ପାରମ୍ପାରିକ ମତ୍ସ୍ୟଜୀବୀ ସାହିର ଜେନାମଣି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଲିଃ ଖୋର୍ଦ୍ଧା ଜିଲ୍ଲାର ବଡ଼କୂଳ ନିକଟସ୍ଥ ଗଡ଼ଦ୍ୱାର ଓ ଆସୁରିପଟଣା ଗ୍ରାମରେ ଚିଲିକା ହ୍ରଦର ୧୨୫ଏକର ଅଞ୍ଚଳ ମତ୍ସ୍ୟ ସୈରାତକୁ ସରକାରଙ୍କ ଠାରୁ ଅନୁମତି ପାଇ ଦୀର୍ଘବର୍ଷ ହେବ ମାଛ ମାରି ଆସୁଥିବା ବେଳେ ୨୦୧୭ରେ ସରକାର ଏହାକୁ ସ୍ଥଗିତ ରଖିଥିଲେ। ଉକ୍ତ ଅଞ୍ଚଳ ମାଛ, ଜାଆଁଳ ଓ କଙ୍କଡ଼ାଙ୍କର ଚାରଣ ଭୂମି ହୋଇଥିବା ବେଳେ ସେହି ସ୍ଥାନରେ ମତ୍ସ୍ୟଜୀବୀ ଜାଲ, ଖନ୍ଦା ବସାଇ ମାଛମାରି ଜୀବିକା ନିର୍ବାହକରି ଆସୁଥିଲେ। ତେଣୁ ମତ୍ସ୍ୟଜୀବୀମାନେ ମାଛ ଧରିବା ଓ ପର୍ଯ୍ୟଟନ ପାଇଁ ଡଙ୍ଗା ଉପରେ ନିର୍ଭରଶୀଳ ହୋଇଥିବାରୁ ଉକ୍ତ ସ୍ଥାନରେ ଏକ ଜେଟି ନିର୍ମାଣ ପାଇଁ ଦାବିକରି ଆସୁଥିଲେ। ମାତ୍ର ବିକାଶ ଇକୋ ରିସୋର୍ଟସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ଘରୋଇ କମ୍ପାନୀ ଚିଲିକା ହ୍ରଦରେ 'ଗରୁଡ' ନାମକ ଏକ ବିଳାସପୂର୍ଣ୍ଣ ବୋଟ ପକାଇ ବ୍ୟବସାୟ କରୁଥିବା ବେଳେ ଚିଲିକା ଜଳରାଶିରେ ଏକ ଫ୍ଲୋଟିଙ୍ଗ୍ ଜେଟି ନିର୍ମାଣ ଲାଗି ସରକାରଙ୍କୁ ଆବେଦନ କରିଥିଲା। ହେଲେ କୌଣସି ସରକାରୀ ଅନୁମତି ନପାଇ ମନଇଛା କିପରି ଓ

**ଇପି ଆକ୍ଟରେ ଫୌଜଦାରୀ ମାମଲା ଦାୟର ପାଇଁ ଏନ୍‌ଜିଟିର ନିର୍ଦ୍ଦେଶ**

କେଉଁ ସାହାସରେ ଚିଲିକା କୂଳର ଉକ୍ତ ସ୍ଥାନରୁ ବେଆଇନ ଭାବେ ମାଟି ଖୋଳି ଫ୍ଲୋଟିଙ୍ଗ୍ ଜେଟି ବଦଳରେ ସେଠାରେ କଂକ୍ରିଟ ଜେଟି ନିର୍ମାଣ କରିପାରିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେଉଁ ସ୍ଥାନରେ ଏହି ଜେଟି ନିର୍ମାଣ କରାଯାଉଛି ସେହି ସ୍ଥାନ, ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପ୍ରସ୍ତୁତି ସିଆରଜେଡ୍ ଅଞ୍ଚଳରେ ରହିଛି। ସିଆରଜେଡ୍ ବିଜ୍ଞପ୍ତିର କାର୍ଯ୍ୟକାରୀ ଓ ତଦାରଖ କରିବା ସହ ଏହାର ଉଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାସ୍ତରୀୟ କମିଟିର ଅଧ୍ୟକ୍ଷ ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ରହିଛନ୍ତି। ସିଆରଜେଡ୍ ନିୟମ ଉଲଂଘନକୁ ବିରୋଧ କରି ମତ୍ସ୍ୟଜୀବୀ ଓ ମଟରବୋଟ ସଂଘ ଗତ ଏପ୍ରିଲ ୨୪ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଜେଟି ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ଦାବି କରିଥିଲେ। ଏଥିସହିତ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ମଧ୍ୟ ଏନେଇ ସଂଘ ପକ୍ଷରୁ ଅବଗତ କରାଯାଇ ଥିଲା। ହେଲେ ମଧ୍ୟ ଜେଟି ନିର୍ମାଣ କାର୍ଯ୍ୟ ବନ୍ଦ ହୋଇ ନଥିଲା। ଏହି ବେଆଇନ ଜେଟି ନିର୍ମାଣ ପାଇଁ ସମ୍ପୃକ୍ତ ସଂସ୍ଥା ବିରୋଧରେ ଜିଲ୍ଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଥିବା ସଂଘ ଅଭିଯୋଗ କରିଛି। ତେବେ ଏହି ବେଆଇନ ଜେଟି ନିର୍ମାଣ ସମ୍ପର୍କରେ ଚିଲିକା ତହସିଲଦାର କାହ୍ନୁଚରଣ ଘଡେଇ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଜେଟି ନିର୍ମାଣ ନିମନ୍ତେ ସେମାନଙ୍କ ପାଖରେ କୌଣସି ଚିଠି କିମ୍ବା ସୂଚନା ନଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସିଡିଏ କର୍ତ୍ତୃପକ୍ଷ, ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ କିମ୍ବା ଚିଲିକା ବିଧାୟକ ତଥା ଆଇନମନ୍ତ୍ରୀଙ୍କ ଖୋଦ ନିଜ ନିର୍ବାଚନମଣ୍ଡଳୀର ଚିଲିକାର ତଟଦେଶରେ ଏପରି ଏକ ବେଆଇନ ଜେଟି ନିର୍ମାଣ ଚାଲିଛି। ହେଲେ କିପରି ସେମାନେ ଜାଣିପାରିଲେ ନାହିଁ, ନା ସବୁ ଜାଣି ନଜାଣିବାର ଅଭିନୟ କରୁଛନ୍ତି ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଘରୋଇ କମ୍ପାନୀ ବିକାଶ ଚିଲିକା କୂଳରେ ଜେଟି ନିର୍ମାଣ କରି ହୋଟେଲ ଶିଳ୍ପକରି ମତ୍ସ୍ୟଜୀବୀମାନଙ୍କ ଜୀବନଜୀବିକା ବିପନ୍ନ କରିବାକୁ ବସିଥିବା ବେଳେ ଏହାକୁ ଗୁରୁତ୍ୱର ସହ ନେଇ ବର୍ତ୍ତମାନ ଏନ୍‌ଜିଟିର ଛାଟ ସମ୍ପୃକ୍ତ ଘରୋଇ ସଂସ୍ଥାର ବେଆଇନ ଜେଟି ନିର୍ମାଣ ଉପରେ ବାଜିଛି। ଉକ୍ତ ନିର୍ମାଣାଧୀନ ଜେଟିକୁ ଭାଙ୍ଗିବା ସହ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛି ଏନ୍‌ଜିଟି।

## ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦାବିକଲା ବିସିଜେଡି



ଖୋର୍ଦ୍ଧା,୬।୮ (ସମିସ): ଦିନକୁ ଦିନ ରାଜ୍ୟରେ ନାବାଳିକା, ଛାତ୍ରୀ ଓ ମହିଳାଙ୍କ ଉପରେ ଆକ୍ରମଣ ହେଉଛି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଅଭିଯୋଗ ହେଉଛି। ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଘଟଣା, ବଳଙ୍ଗା ପୀଡ଼ିତା ଠାରୁ ଆରମ୍ଭକରି ପ୍ରତ୍ୟେକ ଦିନ ଘଟୁଥିବା ନାରୀ ନିର୍ଯାତନା ଘଟଣାର ନିରପେକ୍ଷ ଓ ତ୍ୱରିତ ତଦନ୍ତ କରିବା, ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଦୋଷୀମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷାସ୍ଥଳଗୁଡ଼ିକରେ ଛାତ୍ରୀମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ନେବା, କ୍ରିୟାଶୀଳ ଓ ପ୍ରଭାବଶାଳୀ ମେକାନିଜମ୍ ଗଠନ କରିବା ପାଇଁ ଦାବି କରିଛି ବିଜୁ ଛାତ୍ର ଜନତା ଦଳ। ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ-ଛାତ୍ର ପ୍ରତିବାଦ ଡାକରା ପରିପ୍ରେକ୍ଷୀରେରେ ଆଜି ବିଜୁ ଛାତ୍ର ଜନତା ଦଳର ଖୋର୍ଦ୍ଧା ଜିଲ୍ଲା ସଭାପତି ସ୍ୱାଧୀନ ପଣ୍ଡା, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଅମିୟ କୁମାର ମହାନ୍ତି, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ବିରଞ୍ଚି ଜେନାଙ୍କ ସଂଯୋଜନାରେ ଖୋର୍ଦ୍ଧା ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରାଣନାଥ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏକାଠି ହୋଇ ଶାନ୍ତିପୂର୍ଣ୍ଣ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରି ଏସପି ଅଫିସ ଠାରେ ପହଞ୍ଚିଥିଲେ। ସେଠାରେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସପିଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ଅନାଦି ସେଠୀ ଦାବିପତ୍ର ଗ୍ରହଣ କରିଥିଲେ।

## ବାଇକ୍ ଧକ୍କାରେ ଚାଷୀଙ୍କ ମୃତ୍ୟୁ

ଖୋର୍ଦ୍ଧା,୬।୮ (ସମିସ): ସଦରଥାନା ଅଧୀନ ସାଆନ୍ତା ରାସ୍ତାରେ ବାଇକ୍ ଧକ୍କାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତଗ୍ରାମର ଚନ୍ଦ୍ରଶେଖର ସାମନ୍ତରାୟ (୩୫)। ପୁଲିସ ସୂଚନା ଅନୁସାରେ, ଚନ୍ଦ୍ରଶେଖର ବିଲରୁ କାମ ସାରି ପାୱାରଟିଲର ଧରି ସାଆନ୍ତା ମେନରୋଡରେ ଘରକୁ ଫେରୁଥିଲେ। ଏହିସମୟରେ ପଛପାଖରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ (ନଂ-ଓଡି-୦୨ବିୱାଇ-୩୬୮୨) ତାଙ୍କୁ ଧକ୍କା ଦେଇଥିଲା। ଚନ୍ଦ୍ରଶେଖରଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ବିକ୍ରମଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁକରି ଘଟଣାସ୍ଥଳରୁ ପାୱାରଟିଲର ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ଜିଲ୍ଲା ପ୍ରେସ୍ କ୍ଲବ୍ ପକ୍ଷରୁ ଚାରାରୋପଣ

# ଗଛରେ ରାକ୍ଷୀ ବାନ୍ଧି ସେବାଯତ୍ନ ପାଇଁ ନେଲେ ଶପଥ



ଖୋର୍ଦ୍ଧା,୬।୮ (ସମିସ): ଜିଲ୍ଲା ପ୍ରେସ୍ କ୍ଲବ ଖୋର୍ଦ୍ଧା ଓ ଜାନକୀ ବଲ୍ଲଭ ସ୍ମୃତି କମିଟି ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ପରିସରରେ ଚାରାରୋପଣ କରାଯାଇଛି। ପ୍ରେସ୍ କ୍ଲବ୍‌ର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ, ଗୁରୁପ୍ରସାଦ ପଟ୍ଟନାୟକ, କ୍ୟାପଟେନ ମନ୍ମଥ ରାଉତରାୟ, ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ପ୍ରେସ କ୍ଲବ ସଭାପତି ଶ୍ରୀ ସାମନ୍ତରାୟ ଜିଲ୍ଲା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଚାରାରୋପଣରେ ସମସ୍ତଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ତେବେ ଖୋର୍ଦ୍ଧାରୁ ଅନତି ଦୂର ବିଂଝଗିରିରେ ହଜାର ହଜାର ଚାରାକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ବିକାଶ ପାଇଁ ଉଚ୍ଛେଦ କରିବା ପ୍ରକ୍ରିୟାକୁ ଘୋର ବିରୋଧ କରିବାକୁ କ୍ୟାପଟେନ ଶ୍ରୀ ରାଉତରାୟ ଆହ୍ୱାନ ଦେଇଥିଲେ। ବିକାଶ କରାଯାଉ, ମାତ୍ର ସବୁଜବନାନୀ ନଷ୍ଟ ନକରିବାକୁ ସେ କହିବା ସହ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରାମ ଶଙ୍କର, ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାସ, ପ୍ରେସ କ୍ଲବର ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଓଡିଶା ସାମ୍ବାଦିକ ୟୁନିଅନ(ଓୟୁଜେ) ଖୋର୍ଦ୍ଧା ଜିଲ୍ଲା ସଭାପତି ତପନ କୁମାର ନାୟକ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ(ଓୟୁଡବ୍ଲୁଜେ) ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ଉତ୍କଳ ସାମ୍ବାଦିକ ସଙ୍ଘ(ୟୁଜେଏ) ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରି ହର ଖାଡ଼ଙ୍ଗା, ଜାନକୀ ବଲ୍ଲଭ ସ୍ମୃତି କମିଟି ଟ୍ରଷ୍ଟର ସମ୍ପାଦକ ସଞ୍ଜୟ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ଶିଶିର ପରିଡାଙ୍କ ସମେତ ଜିଲ୍ଲା ପ୍ରେସ କ୍ଲବ ଓ ସ୍ମୃତି କମିଟିର ସଦସ୍ୟ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ଅତିଥି ଏବଂ ଜିଲ୍ଲା ପ୍ରେସ୍ କ୍ଲବ୍‌ର ସଦସ୍ୟମାନେ ଉଦ୍ୟାନ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ପ୍ରତିଟି ବୃକ୍ଷରେ ରାକ୍ଷୀ ବନ୍ଧାଯାଇ ତାହାର ସେବା, ଯତ୍ନ, ସୁରକ୍ଷା ପାଇଁ ସମସ୍ତ ସାମ୍ବାଦିକ ଶପଥ ନେଇଥିଲେ।

## ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଦ୍ୱାରା ସଫେଇ ଅଭିଯାନ

ଜଟଣୀ,୬।୮ (ସମିସ): ସ୍ୱଚ୍ଛ ଭାରତ ଅଭିଯାନରେ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ଦ୍ୱାରା ବ୍ୟାପକ ସଫେଇ ପଦକ୍ଷେପ ହାତକୁ ନିଆଯାଇଛି। ଦେଶବ୍ୟାପୀ ସ୍ୱଚ୍ଛ ରେଳ ତଥା ସ୍ୱଚ୍ଛ ଭାରତ ଅଭିଯାନ ଅଧୀନ ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଏହାର କ୍ଷେତ୍ରାଧିକାରରେ ବ୍ୟାପକ ସଫେଇ ଅଭିଯାନ ଆରମ୍ଭ କରିଛି। ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା, ସଚେତନତା ଏବଂ ସହଭାଗୀ ଦାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ। ରେଳ କର୍ମଚାରୀ, ହିତାଧିକାରୀ ଏବଂ ସଫେଇ କର୍ମଚାରୀଙ୍କ ପାଇଁ କର୍ମଶାଳା ଆୟୋଜନ କରାଯାଇଥିଲା। ଅଧିବେଶନରେ ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବ୍ୟାପକ ସଫେଇ ଏବଂ ପ୍ରତିରୋଧକ ପଦକ୍ଷେପର ଗୁରୁତ୍ୱ ସମ୍ବନ୍ଧରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରମୁଖ ଅଞ୍ଚଳଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ମଧ୍ୟରେ ଷ୍ଟେସନ୍ ପରିସର, କାର୍ଯ୍ୟାଳୟ ପ୍ରତିଷ୍ଠାନ, ରେଳ ଟ୍ରାକ୍, ପ୍ଲାଟଫର୍ମ ଏବଂ ଚଳପ୍ରଚଳ (ସର୍କୁଲେଟିଂ) ଅଞ୍ଚଳ, ରେଳ କଲୋନି ଇତ୍ୟାଦିକୁ ନେଇ ଏକ ବଡ଼ ଧରଣର ସଫେଇ ଅଭିଯାନ କରାଯାଉଛି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ, ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ମେଗା ସଫେଇ ଅଭିଯାନରେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିବା ସହ ସ୍ୱଚ୍ଛତା ଏକ ମିଳିତ କର୍ତ୍ତବ୍ୟ ବୋଲି ଗୁରୁତ୍ୱାରୋପ କରିଛନ୍ତି।

## ସମାଜସେବୀ ନିମେଇ ଶ୍ରୀଚନ୍ଦନଙ୍କ ପରଲୋକ



ଖୋର୍ଦ୍ଧା,୬।୮ (ସମିସ): ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ଉପଦେଷ୍ଟା କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟକାରିଣୀ ସଦସ୍ୟ ତଥା ନିଜିଗଡ଼ ତାପଙ୍ଗ ପଞ୍ଚାୟତର ସମାଜସେବୀ ନିମେଇ ଶ୍ରୀଚନ୍ଦନ(୮୧)ଙ୍କର ହୃଦଘାତରେ ପରଲୋକ ଘଟିଛି। ଶେଷ ଦର୍ଶନ ପାଇଁ କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସଂଗଠନର ମୁଖ୍ୟ ସଂଚାଳକ ଇଂ. ଶିଶିର କୁମାର ନାୟକ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ରମଜାନ୍ ଖାଁ, ସମ୍ପାଦକ ସଂଗ୍ରାମ କେଶରୀ ଜଗଦ୍ଦେବ, ଛତିପୁରର ସମାଜସେବୀ ଭାଗିରଥି ମଙ୍ଗରାଜ, ପୂର୍ବତନ ସରପଞ୍ଚ ବିଜୟକୁମାର ଜେନା, ପୂର୍ବତନ ସମିତି ସଭ୍ୟ ଆମୋଦ କୁମାର ହରିଚନ୍ଦନ, ସମାଜସେବୀ ଗୋଦାବରୀ ଛୋଟରାୟ, ଗୋଦାବରୀଶ ବଳିଆରସିଂହ, ସୁଧାକର ସାମନ୍ତରାୟ, ହେମନ୍ତ କୁମାର ଶ୍ରୀଚନ୍ଦନ, ମନୋଜ କୁମାର ବୈରିଗଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟେଷ୍ଠପୁତ୍ର ଅଜୟ କୁମାର ଶ୍ରୀଚନ୍ଦନ ଗ୍ରାମ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

**• ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା**

## ଏସ୍‌ସିବିରୁ ପ୍ରେମିକକୁ ଗିରଫକଲା ଜଟଣୀ ପୁଲିସ

ଜଟଣୀ,୬।୮ (ସମିସ): ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଟଙ୍କା ଓ ସୁନା ନେଇ ବାହା ହେବାକୁ ମନା କଲା ଠକ ପ୍ରେମିକ। ଜଟଣୀ ଥାନାରେ ଅଭିଯୋଗ ପରେ କଟକ ବଡ଼ ମେଡିକାଲରୁ ପ୍ରତାରିତ ପ୍ରେମିକ ଭାସ୍କର ସେଠୀକୁ ଗିରଫ କରିଛି ଜଟଣୀ ପୁଲିସ।

ପୁଲିସ ସୂଚନା ମୁତାବକ, ଜଟଣୀ ଥାନା ଅଞ୍ଚଳର ଜନୈକା ଯୁବତୀ ଅଭିଯୋଗ କରିଥିଲେ କି, କଟକ ତେଲେଙ୍ଗାବଜାର ଅଞ୍ଚଳର ଜନାର୍ଦ୍ଦନ ସେଠୀଙ୍କ ପୁଅ ଭାସ୍କର ଯିଏ କଟକ ବଡ଼ ମେଡିକାଲ ମାନସିକ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରନ୍ତି ତାଙ୍କ ସହ ୨୦୨୨ରେ ବିବାହ ପ୍ରସ୍ତାବ ଲାଗିଥିଲା। କିନ୍ତୁ କୌଣସି କାରଣବଶତଃ ବିବାହ ଭାଙ୍ଗି ଯାଇଥିଲା। କିନ୍ତୁ ଭାସ୍କର ଏବଂ ସମ୍ପୃକ୍ତ ଯୁବତୀ ମୋବାଇଲରେ କଥା ହେଉଥିଲେ। ଭାସ୍କର ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ପୀଡ଼ିତାଙ୍କଠାରୁ ୫୦ ହଜାର ଟଙ୍କା ଓ ସୁନା ଅଳଙ୍କାର ଇତ୍ୟାଦି ନେଇ ଯାଇଥିଲେ। ମାତ୍ର ପୀଡ଼ିତା ବିବାହ କଥା କହିଲେ ବାରମ୍ବାର ଏଡ଼ାଇ ଯାଉଥିଲେ। ପୀଡିତା ଜୁଲାଇ ୨୬ରେ କଟକ ବଡ଼ ମେଡିକାଲକୁ ଯାଇ ବିବାହ କଥା କହିବାରୁ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିଥିଲେ। ଯେଉଁଥିପାଇଁ ପୀଡ଼ିତା ସେଠାରେ ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅଭିଯୁକ୍ତ ଭାସ୍କର ସେଠୀ ପୀଡ଼ିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରି ସେଠାରୁ ଖସି ପଳାଇଥିଲେ। ପୀଡ଼ିତା ପୁନର୍ବାର ଭାସ୍କର ଘରକୁ ଯାଇଥିଲେ ଏବଂ ସେଠାରେ ମଧ୍ୟ ଅଭିଯୁକ୍ତ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ନିରାଶ ହୋଇ ଜଟଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ ଯୁବତୀ। ପୁଲିସ କଟକ ମେଡ଼ିକାଲରୁ ପ୍ରତାରିତ ପ୍ରେମିକ ଭାସ୍କରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବୋମାମାଡ଼ ଘଟଣାରେ ଥାନାରେ ଦୁଇଟି ଅଭିଯୋଗ

ଜଟଣୀ,୬।୮ (ସମିସ): ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ମସଜିଦ୍ ଛକରେ ଗତକାଲି ରାତିରେ ବୋମାମାଡ଼ ଘଟଣାକୁ ନେଇ ଥାନାରେ ଦୁଇଟି ଲିଖିତ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ଆଧାରରେ ତଦନ୍ତ କରୁଥିବା ବେଳେ ଆଜି ଘଟଣାର ସଂପୂର୍ଣ୍ଣ ଦୃଶ୍ୟ କଏଦ ହୋଇଥିବା ସିସିଟିଭି ଫୁଟେଜ୍ ଏବଂ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ବେଣାପଞ୍ଜରୀ ମସଜିଦ୍ ଛକ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ କିଛି ଦିନ ହେଲା ବିବାଦକୁ ନେଇ ବୋମାମାଡ଼ କରାଯାଉଛି। ତେବେ ବୋମାମାଡ଼ କରିଥିବା ଅଭିଯୁକ୍ତମାନେ ସମସ୍ତେ ଜେଲ୍ ଫେରନ୍ତା ବୋଲି ଜଣାପଡ଼ିଛି। ଗତ ଜୁଲାଇ ୨୬ତାରିଖ ରାତିରେ ଗୋଟିଏ ଗୋଷ୍ଠୀର ସଦସ୍ୟ ଅପରପକ୍ଷର ସଦସ୍ୟଙ୍କ ଉପରେ ବୋମାମାଡ଼ କରିଥିଲେ। ଏଥିରେ ଜଣେ ନାବାଳକ ଆହତ ହୋଇଥିଲେ। ଘଟଣାକୁ ନେଇ ପୁଣି ଗତକାଲି ରାତିରେ ଗୋଟିଏ ଗୋଷ୍ଠୀର ଜଣେ ସଦସ୍ୟ ଗାଁ ଭିତରେ ପସି ବୋମାମାଡ଼ କରିଛି। ଏଥିରେ ୩ ଆହତ ହୋଇଛନ୍ତି। ଆହତଙ୍କ ପରିବାର ଲୋକ ଥାନାରେ ଦୁଇଟି ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରି ସିସିଟିଭି ଫୁଟେଜ୍ ଓ ଅଭିଯୁକ୍ତକୁ ଚିହ୍ନଟ କରିଛି ପୁଲିସ।

## ୨୯ ଗାଡ଼ିକୁ ୨.୫୫ ଲକ୍ଷ ଜରିମାନା; ୫ ଲାଇସେନ୍ସ ରଦ୍ଦ

ଟାଙ୍ଗୀ,୬।୮ (ସମିସ): ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ଟାଙ୍ଗୀ ଓ ବାଲୁଗାଁ ଥାନା ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ୨୯ଟି ଭିସିଆର ବଳରେ ୨ ଲକ୍ଷ ୫୫ ହଜାର ୧୦୬ ଟଙ୍କା ଜରିମାନା କରାଯାଇଛି। ମାଲ ପରିବହନ ଗାଡିରେ ଯାତ୍ରୀ ପରିବହନ କରାଯାଉଥିବା ଧରାପଡିବା ପରେ ୫ ଜଣ ଡ୍ରାଇଭରଙ୍କ ଲାଇସେନ୍ସ ୩ ମାସ ପାଇଁ ସସପେଣ୍ଡ କରାଯାଇଥିବା ଜଣାପଡିଛି। ଟ୍ରାଫିକ୍ ଏସ୍‌ଆଇ ତୃପ୍ତିରେଖା ଜେନା ସଦଳବଳ ଆଜି ଏହି ଅଞ୍ଚଳରେ ଚଢ଼ଉ କରି ସମୁଦାୟ ୨୯ଟି ଭେଇକିଲ ଚେକ ରିପୋର୍ଟ(ଭିସିଆର) କରି ୨ ଲକ୍ଷ ୫୬ ହଜାର ୧୦୬ ଟଙ୍କା ଜରିମାନା କରିଛନ୍ତି। ଏପରିକି ୫ ଜଣ ଡ୍ରାଇଭରଙ୍କ ଲାଇସେନ୍ସ ୩ ମାସ ପାଇଁ ସସପେଣ୍ଡ କରିଛନ୍ତି।

ଗତ ମାସ ୨୨ ତାରିଖରେ ଟାଙ୍ଗୀ ଅଞ୍ଚଳରେ ଚଢ଼ାଉ କରାଯାଇ ୪୨ଟି ଗାଡ଼ି କାଗଜପତ୍ର ତନଖି କରାଯାଇ ୨ ଲକ୍ଷ ୭୧ ହଜାର ୫୦୦ ଓ ସେହି ମାସ ୨୪ ତାରିଖରେ ନିରାକାରପୁର ଅଞ୍ଚଳରେ ଚଢ଼ଉ କରି ୩୫ଟି ଚାଲାଣ ବଳରେ ୨ ଲକ୍ଷ ୭୪ ହଜାର ୫ ଶହ ଟଙ୍କା ଚାଲାଣ କରାଯାଇଥିଲା। ତେବେ ଚାନ୍ଦପୁର ଅଞ୍ଚଳରୁ ପ୍ରତିଦିନ ଯାତ୍ରୀ ପରିବହନ କରୁଥିବା ଅଟୋରିକ୍ସା ପନିପରିବା ବସ୍ତା ଭୂଷଣ୍ଡପୁର, କାଲୁପଡାଘାଟ, ନାଚୁଣୀ,ବଡଲାବନ୍ଧ ସମେତ ବିଭିନ୍ନ ଅଞ୍ଚଳକୁ ପରିବହନ କରାଯାଉଥିଲେ ମଧ୍ୟ ଚାନ୍ଦପୁର ପୁଲିସ କି ନୟାଗଡ ଆଞ୍ଚଳିକ ପରିବହନ ବିଭାଗରର ଦୃଷ୍ଟିର ଆଢୁଆଳରେ ଥିବା ଜଣାପଡିଛି। ତେବେ ଏହି ଚଢ଼ଉ ଜାରି ରହିବ ବୋଲି ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକ ଓ ଟିଏସ୍‌ଆଇ ତୃପ୍ତିରେଖା ଜେନା ସୂଚନା ଦେଇଛନ୍ତି।

## ବାଣପୁର ବ୍ଲକ୍‌ରେ ନୂତନ ବିଡିଓଙ୍କ ଯୋଗଦାନ



ବାଣପୁର,୬।୮ (ସମିସ): ବାଣପୁର ବ୍ଲକ୍ ଉନ୍ନୟନ ଅଧିକାରିଣୀ ଶୀତଲ ଅଗ୍ରୱାଲଙ୍କର ନିକଟରେ ବୋଲଗଡ ବ୍ଲକକୁ ବଦଳି ହୋଇଯିବା ପରେ ତାଙ୍କ ସ୍ଥାନରେ ବାଣପୁରର ନୂତନ ବ୍ଲକ ଉନ୍ନୟନ ଅଧିକାରୀ ଭାବେ ଓଏଏସ ବିକାଶ କୁମାର ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଥିଲା। ତଦନୁଯାୟୀ ନୂତନ ବିଡ଼ିଓ ଶ୍ରୀ ମହାନ୍ତି ବାଣପୁର ବ୍ଲକରେ ଯୋଗଦେଇ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଜଗତସିଂହପୁର ବାଲିକୁଦା ବ୍ଲକରେ କାର୍ଯ୍ୟରତ ଥିଲେ। ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରାଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ଦାୟିତ୍ୱ ଗ୍ରହଣ ପରେ ନୂତନ ବିଡିଓ ଶ୍ରୀ ମହାନ୍ତି ବାଣପୁର ବ୍ଲକରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ବାଣପୁର ବ୍ଲକକୁ ଏକ ଉନ୍ନତମାନର ବ୍ଲକ ଭାବରେ ଗଢି ତୋଳିବା ସହ ଗରିବ ଲୋକଙ୍କର କଲ୍ୟାଣ ମୂଳକ ଯୋଜନାଗୁଡିକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଟାଙ୍ଗୀ,୬।୮ (ସମିସ): ଟାଙ୍ଗୀ ବ୍ଲକ ଅଧୀନ କୁହୁଡି ତାଳଡିହସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୮୦ ବିଜ୍ଞାନ ପ୍ରକଳ୍ପକୁ ନେଇ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଗୁରୁଜୀ ପ୍ରଭଞ୍ଜନ ଦାସଙ୍କ ସଭାପତିତ୍ୱରେ ଉତ୍ସବରେ



ଅବସରପ୍ରାପ୍ତ ସହକାରୀ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରକୁମାର ନାୟକ ମୁଖ୍ୟଅତିଥି ତଥା ଉଦଘାଟକ ଭାବରେ ଯୋଗ ଦେଇ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଦ୍ୟାମନ୍ଦିରର ସମ୍ପାଦକ ତଥା ପୂର୍ବତନ ସେନାନୀ ଶତ୍ରୁଘ୍ନ ପ୍ରଧାନ ଯୋଗଦେଇ ଆସନ୍ତା ବର୍ଷ ଏହି ବିଦ୍ୟାମନ୍ଦିରରେ ଜାତୀୟସ୍ତରର ବିଜ୍ଞାନମେଳା ଅନୁଷ୍ଠିତ ହେବ ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବରେ କୋଷାଧ୍ୟକ୍ଷ ପ୍ରଶାନ୍ତ ସାମନ୍ତରାୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଯୋଗୀନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ପଲ୍ଲବିନି ମହାରଣା ଧନ୍ୟବାଦ ପ୍ରଦାନ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଗତିକା ପ୍ରଧାନ ନିରୁପମା ଷଡ଼ଙ୍ଗୀ ବିଜ୍ଞାନ ମେଳାକୁ ପରିଚାଳନା କରିଥିଲେ। ଶିଶୁ ବର୍ଗରେ ପାଞ୍ଚ ଜଣ, ବାଳବର୍ଗରେ ପାଞ୍ଚ ଜଣ ଏବଂ କିଶୋର ବର୍ଗରେ ପାଞ୍ଚଜଣ ଏହିପରି ପନ୍ଦର ଜଣଙ୍କ ସମେତ ବିଭିନ୍ନ ବିଭାଗରୁ ୧୭ଟି ମୋଟ ୩୨ଟି ପ୍ରକଳ୍ପ ସଂକୁଳସ୍ତରୀୟ ପାଇଁ ମନୋନୀତ ହୋଇଛି। ବିଚାରକ ଭାବରେ ଶିକ୍ଷକ ସୁକୁମାର ଦାସ, ହେମନ୍ତ ଜେନା ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ ଏବଂ କଳ୍ପନା ରାଉତରାୟ ଯୋଗଦେଇଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୬୬୨ବର୍ଗ କଲେଜ ସଂଘର ବିକ୍ଷୋଭ



ଖୋର୍ଦ୍ଧା,୬।୮ (ସମିସ): ୬୬୨ବର୍ଗ କଲେଜ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଚାକିରୀ ସର୍ତ୍ତାବଳୀ ସହ ପେନସନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଇଛି। ପରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପେନସନ ଦାବିରେ ସ୍ଥାନୀୟ ଗୀତା ଭବନରୁ ଶହ ଶହ ଅଧ୍ୟାପକ, କର୍ମଚାରୀ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ଜିଲ୍ଲା ସଭାପତି ଡ. ତପନ କୁମାର ଜେନାଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ସତାପ ଉଦିନ ଅହମଦ, ରାଜ୍ୟ କୋଷାଧ୍ୟକ୍ଷ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷକ ଓ କର୍ମଚାରୀମାରଣ ନୀତିର ଦୃଢ଼ ପ୍ରତିବାଦ କରିଥିଲେ। ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ଦୀର୍ଘ ୩୦ବର୍ଷରୁ ଅଧିକ କାଳ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟ କଲାପରେ ଅବସର ସମୟରେ ଖାଲି ହାତରେ ବିଦାୟ ନେଉଛନ୍ତି। ନା ଅଛି ଗ୍ରାଚ୍ୟୁଇଟି, ପେନସନ ନା କୌଣସି ଅବସରକାଳୀନ ସୁବିଧା। ଅବସର ପରେ ଶହ ଶହ କର୍ମଚାରୀ କଷ୍ଟରେ କାଳାତିପାତ କରୁଛନ୍ତି। ସେମାନଙ୍କ ପାଇଁ କୌଣସି ଅବସରକାଳୀନ ସୁବିଧା ସରକାର ଏ ପର୍ଯ୍ୟନ୍ତ ଘୋଷଣା ସରକାର କଲେନାହିଁ। ବହୁ ଆନ୍ଦୋଳନ ପରେ ବିଗତ ସରକାର ୧୦ଲକ୍ଷ ଟଙ୍କା ଦେବେ ବୋଲି ୨୦୨୪ମସିହା ମାର୍ଚ୍ଚରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ନୂଆ ସରକାର ନା ତାକୁ କାର୍ଯ୍ୟକାରୀ କଲେ ନା ପୁରୁଣା ପେନସନ କାର୍ଯ୍ୟକାରୀ କଲେ। ଏସମ୍ପର୍କରେ ସରକାର ଏ ପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ଆଲୋଚନା ସଂଘ ସହ କଲେନାହିଁ। ଏହି ବର୍ଗର କଲେଜରୁ

**• ଦାବିର ବିଚାର ନ କଲେ ୧୬ରେ ଲୋୟର ପିଏମ୍‌ଜିରେ ମହାସମାବେଶ**

ଏତେ ସଂଖ୍ୟାରେ କର୍ମଚାରୀ ଅବସର ନେଉଛନ୍ତି ଯେ ଆଗାମୀ ୨୦୨୭ ମସିହା ସୁଦ୍ଧା ପ୍ରାୟ ୯୦ଭାଗ କର୍ମଚାରୀ ଅବସର ନେଇଯିବେ। ସାରା ଓଡ଼ିଶାରେ ଏହି ବର୍ଗ କଲେଜରେ ପାଠ ପଢୁଥିବା ପ୍ରାୟ ୫ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ କିପରି ପାଠ ପଢିବେ ଓ ଅନୁଷ୍ଠାନର ଭବିଷ୍ୟତ କଣ ହେବ ସେଥିପ୍ରତି ସରକାରଙ୍କ କୌଣସି ନିଘା ନାହିଁ। ଚାକିରୀ ସର୍ତ୍ତାବଳୀ ସହ ପେନସନ ଘୋଷଣା କଲେ ଏହି ପଦବୀ ଗୁଡିକ ସ୍ଥାୟୀ ହେବା ସହିତ ଛାତ୍ରଛାତ୍ରୀ ଓ ଅନୁଷ୍ଠାନ ମାନଙ୍କର ଭବିଷ୍ୟତ ରକ୍ଷା ହୋଇପାରନ୍ତା। ଏହି ସଂକ୍ରାନ୍ତୀୟ କେସ ବିଚାର କରି ଉଚ୍ଚ ନ୍ୟାୟାଳୟ ପେନସନ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାର ଏହି ମାମଲାକୁ ଯୁଗ୍ମ ବେଞ୍ଚକୁ ନେଇ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି ବୋଲି ସଂଘର ନେତାମାନେ କହିଥିଲେ। ଯଦି ସରକାର ଏହାର ସୁବିଚାର ନ କରନ୍ତି ତେବେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜିରେ ମହାସମାବେଶ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜିଲ୍ଲା ସମ୍ପାଦକ ଅକ୍ଷୟ କୁମାର ଶତପଥୀ, ସଂଗଠନ ସମ୍ପାଦକ ପ୍ରଶାନ୍ତ ଦାସ, ବିକାଶ ସ୍ୱାଇଁ, କଲ୍ୟାଣ ପଣ୍ଡା, ସୁଧୀର ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୭୨ ● ପାଉଣ୍ଡ ୧୧୭.୧୭
- ୟୁରୋ ୧୦୨.୯୮ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)
- ସୁନା: ୧,୦୨,୪୮୦ (ନୂଆଦିଲ୍ଲୀ)
- ରୁପା : ୧,୧୩,୪୮୫ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୪୩.୯୯
- ନିଫ୍ଟି ୨୪,୫୭୪.୨୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# କର୍ତ୍ତବ୍ୟ ଭବନ ଲୋକାର୍ପିତ



ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର କର୍ତ୍ତବ୍ୟ ପଥରେ କର୍ତ୍ତବ୍ୟ ଭବନ-୦୩ ସୌଧର ଉଦ୍‌ଘାଟନ କରିଛନ୍ତି। ମୋଦୀ ଏହାକୁ ଜନସେବା ପ୍ରତି ଅତୁଟ ସଂକଳ୍ପ ଓ ନିରନ୍ତର ପ୍ରୟାସର ପ୍ରତୀକ ବୋଲି କହିଛନ୍ତି। ଏହି ନୂଆ ଭିତ୍ତିଭୂମି ଦ୍ୱାରା ବର୍ଷକୁ ସରକାରଙ୍କ ୧୫୦୦ କୋଟି ଟଙ୍କା ସଞ୍ଚୟ କରିବ। ଅନେକ ମନ୍ତ୍ରାଳୟ ଭଡ଼ା କୋଠାରେ ଚାଲୁଛି। ତେଣୁ ଭଡ଼ା ବାବଦକୁ ଏହି ଅର୍ଥ ଦିଆଯାଉଛି। ମୋଦୀ ଏହି ଭବନ

**୭ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସମେତ ୨୪ କନଫରେନ୍ସ ରୁମ୍ ରହିଛି**

ମଧ୍ୟରେ ଚାରା ରୋପଣ ମଧ୍ୟ କରିଛନ୍ତି। ୨୦୧୯ରେ ଆରମ୍ଭ ହୋଇଥିବା ସେଣ୍ଟ୍ରାଲ ଭିଷ୍ଟାର ପ୍ରକଳ୍ପର ଏହା ଅଂଶବିଶେଷ। କମନ ସେଣ୍ଟ୍ରାଲ ସେକ୍ରେଟାରୀଏଟ୍ (ସିଏସ୍‌ଏସ୍)ର ୧୦ଟି ସୌଧ ମଧ୍ୟରୁ ଏହା ପ୍ରଥମ। କର୍ତ୍ତବ୍ୟ ଭବନ-୦୩କୁ ପ୍ରଥମେ ଉଦ୍‌ଘାଟନ କରାଯାଇଥିଲା। ଦିଲ୍ଲୀର ଭିନ୍ନ ଭିନ୍ନ ସ୍ଥାନରେ ରହିଥିବା ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକ ଏକାଠି କରି ଏଗୁଡ଼ିକ ମଧ୍ୟରେ ଉନ୍ନତ ସମନ୍ୱୟ ରକ୍ଷା କରିଯିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏହାର ଡିଜାଇନ୍ କରାଯାଇଛି। ୧.୫ ଲକ୍ଷ ବର୍ଗ କିମି ପରିମିତ ସ୍ଥାନରେ ଏହା ନିର୍ମିତ ହୋଇଛି। ଏହି ଅତ୍ୟାଧୁନିକ କୋଠାରେ ଗ୍ରାଉଣ୍ଡ ଫ୍ଲୋର ସମେତ ମୋଟି ୭ଟି ଫ୍ଲୋର ରହିଛି। ଏହି ଅତ୍ୟାଧୁନିକ ସୌଧରେ ଗୃହ ମନ୍ତ୍ରଣାଳୟ, ବିଦେଶ ମନ୍ତ୍ରଣାଳୟ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ, କାର୍ମିକ ଓ ପ୍ରଶାସନ ବିଭାଗ (ଡିଓଡିପି), ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସମେତ ପ୍ରଧାନ ବୈଜ୍ଞାନିକ ଉପଦେଷ୍ଟା ଓ ଇଣ୍ଟେଲିଜେନ୍ସ ବ୍ୟୁରୋର କାର୍ଯ୍ୟାଳୟ ରହିଛି। ଏହି ସୌଧରେ ୨୪ଟି କନଫରେନ୍ସ ରୁମ୍ ରହିଛି ଓ ଏଥିରେ ୪୫ଜଣ ବସିବାର ସୁବିଧା ରହିଛି। ଏଠାରେ ୬୦୦ଟି କାର ପାର୍କିଂ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ଏଥିରେ ଶିଶୁ ଗୃହ, ଯୋଗ ରୁମ୍, ମେଡିକାଲ ରୁମ୍, କାଫେ, କିଚେନ ଓ ହଲ୍ ରହିଛି।

## ୧୫ ଅଗଷ୍ଟରେ 'ନୋ ଫୋନ୍ ଆୱାର' ଅଭିଯାନ

ଭୁବନେଶ୍ୱର,୬।୮ (ସମିସ): ସ୍ୱାଧୀନତା ଦିବସ (୭୮ତମ)ରେ ଭାରତର ଅଗ୍ରଣୀ ଘରୋଇ ଉପକରଣ ବ୍ରାଣ୍ଡ କେନଷ୍ଟାର ଲୋକଙ୍କୁ ସଚେତନ କରାଇବା ପାଇଁ 'ନୋ ଫୋନ ଆୱାର' ଅଭିଯାନ ଆରମ୍ଭ କରିଛି। ଏହା ଅଧିନରେ ଲୋକଙ୍କୁ ସଚେତନ କରାଯିବ। ସମସ୍ତ ନାଗରିକଙ୍କୁ ଅଗଷ୍ଟ ୧୫ ତାରିଖ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ନିଜର ଫୋନ ଏକ ଘଣ୍ଟା ପାଇଁ ସ୍ୱିଚ ଅଫ କରିବାକୁ ଅନୁରୋଧ କରାଯିବ। ଏହା ବଦଳରେ ସାଙ୍ଗସାଥୀ, ପରିବାର ତଥା ଅତି ଆଦର କରୁଥିବା ମଣିଷଙ୍କ ସହ ସମୟ ବିତାଇବାକୁ କୁହାଯିବ। ଏହି ଅଭିଯାନ ଜରିଆରେ କେନଷ୍ଟାର ସମସ୍ତ ଭାରତୀୟଙ୍କୁ ସମଗ୍ର ପୃଥିବୀରେ ରହିଥିବା ଡ଼ିଜିଟାଲ ପ୍ରତିବନ୍ଧକ ଠାରୁ ନିଜକୁ ଦୂରେଇ ରଖି ନିଜର ସ୍ୱାଧୀନତାକୁ ପୁନରୁଦ୍ଧାର କରିବେ। ଏହାକୁ ନେଇ କେନଷ୍ଟାରର ସିଇଓ ସୁନୀଲ ଜୈନ କହିଛନ୍ତି ଯେ ସ୍ୱାଧୀନତା ଅବସରରେ ଲୋକଙ୍କୁ ନିଜର ମୂଳ ଭାବନା ସହ ଯୋଡିବା ପାଇଁ ଏହି ପ୍ରୟାସ କରାଯାଉଛି। ଭର୍ଚୁଆଲ ଦୁନିଆରୁ ନିଜକୁ ଦୂରେଇ ରଖି ପ୍ରକୃତ ସଂଯୋଗକୁ ଏକଘଣ୍ଟା ପର୍ଯ୍ୟନ୍ତ ଧରି ରଖିବା ପାଇଁ ଏହି ବିଶେଷ ପ୍ରୟାସ। ଏଥିରେ ସାମିଲ ହେବା ପାଇଁ କେନଷ୍ଟାର ୱେବସାଇଟକୁ ଯାଇ ଡିଜିଟାଲ ଶପଥ ପତ୍ରରେ ଲୋକେ ସ୍ୱାକ୍ଷର କରିପାରିବେ।




## ମହିଳା ସଶକ୍ତୀକରଣ ପାଇଁ ଜିନ୍ଦଲ ଫାଉଣ୍ଡେସନର 'ଯଶସ୍ୱୀ' କାର୍ଯ୍ୟକ୍ରମ

ଭୁବନେଶ୍ୱର,୬।୮ (ସମିସ): ସାମାଜିକ-ଅର୍ଥନୈତିକ ଦୁର୍ବଳ ବର୍ଗର ବାଳିକା ଓ ମହିଳାଙ୍କ ସଶକ୍ତୀକରଣ ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ଯଶସ୍ୱୀ' କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ଆରମ୍ଭ ହୋଇଛି। ଏହି ସଂସ୍କରଣରେ ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ୫୦୦୦ ମହିଳା ଓ ବାଳିକାଙ୍କୁ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ମାଧ୍ୟମରେ ମନୋନୀତ ପ୍ରାର୍ଥୀଙ୍କୁ ସେମାନେ ଚୟନ କରିଥିବା ଶିକ୍ଷାନୁଷ୍ଠାନରେ ଧନ୍ଦାମୂଳକ ଶିକ୍ଷା, ଉଚ୍ଚଶିକ୍ଷା ଓ ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏ ସମ୍ପର୍କରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ସଶକ୍ତ ମହିଳା ହିଁ ଏକ ବିକଶିତ ସମାଜର ମେରୁଦଣ୍ଡ । ଯେଉଁ ଯୁବତୀମାନେ ସମାଜରେ କିଛି ପରିବର୍ତ୍ତନ ଆଣିବାର ଦକ୍ଷତା ରଖିଛନ୍ତି ଆମେ 'ଯଶସ୍ୱୀ' କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ଉତ୍ତମ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛୁ। ଏହି କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଶିକ୍ଷା ଓ ଦକ୍ଷତା ତାଲିମ ଦ୍ୱାରା ୧୧ହଜାରରୁ ଅଧିକ ମହିଳା ଓ ବାଳିକାଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆସିଥିବାରୁ ଆମେ ବହୁତ ଖୁସି। ଚଳିତ ବର୍ଷ ଶିକ୍ଷା ଓ ଦକ୍ଷତା ବିକାଶ ଦ୍ୱାରା ଆମେ ଅଧିକ ମହିଳା ଓ ବାଳିକାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛୁ"। ଏହି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡର ଯେଉଁ ପ୍ରତିଭାବାନ ବାଳିକା ବା ମହିଳାଙ୍କ ବୟସ ୧୬-୩୦ରୁ ହୋଇଥିବ ଏବଂ ସେମାନଙ୍କ ପାରିବାରିକ ବାର୍ଷିକ ଆୟ ୨ଲକ୍ଷରୁ କମ ହୋଇଥିବ, ସେମାନଙ୍କୁ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦିଆଯିବ। ଏହି ଆର୍ଥିକ ସହାୟତାରୁ ସେମାନଙ୍କ କୋର୍ସ ଫି ଖର୍ଚ୍ଚ ଭରଣା ହେବା ସହିତ ସେମାନଙ୍କ ଜୀବନର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଲକ୍ଷ୍ୟ ପୂରଣ ହୋଇପାରିବ। ମେଧା ଓ ଆର୍ଥିକ ପରିସ୍ଥିତି ଆଧାରରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରାର୍ଥୀଙ୍କୁ ଚୟନ କରାଯିବ। ଏହା ସହିତ ଶିକ୍ଷାନୁଷ୍ଠାନ ବା ଦକ୍ଷତା ବିକାଶ କେନ୍ଦ୍ରରେ ନାମଲେଖାର ପ୍ରମାଣପତ୍ର ମଧ୍ୟ ଜରୁରୀ। ଆଗ୍ରହୀ ପ୍ରାର୍ଥୀ ଅଗଷ୍ଟ ୧୬ ତାରିଖ ସୁଦ୍ଧା ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ କରିପାରିବେ। ୱେବସାଇଟରେ ସମସ୍ତ ତଥ୍ୟ ମିଳିପାରିବ।



## ଅରୁନ୍ଧତୀ ଜୁଏଲର୍ସ ସମ୍ମାନିତ




ଭୁବନେଶ୍ୱର, ୬।୮ (ସମିସ): ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ଜାତୀୟ ସ୍ତରରେ ଗୌରବବର୍ଦ୍ଧନ କରୁଥିବା ଓଡ଼ିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସକୁ ଡି ବିର୍ସ ଡାଏମଣ୍ଡ ଏବଂ 'ଜେମ ଆଣ୍ଡ ଜ୍ୱେଲାରୀ ଏକ୍ସପୋର୍ଟ ପ୍ରମୋସନ କାଉନସିଲ ଅଫ ଇଣ୍ଡିଆ' ଦ୍ୱାରା ମୁମ୍ବାଇ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶାର ଏକମାତ୍ର ନ୍ୟାଚୁରାଲ ଡାଏମଣ୍ଡ ଜୁଏଲାରୀ ରିଟେଲର ଭାବେ ସମ୍ମାନିତ କରାଯାଇଛି। ଦୀର୍ଘ ୨୫ ବର୍ଷ ଧରି ନିରନ୍ତର ସେବା ଯୋଗାଇ ଆସୁଥିବା ଅରୁନ୍ଧତୀ ଜୁଏଲର୍ସ, ଏହି କ୍ରମରେ ହୀରାଗହଣା କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ଶୁଦ୍ଧତାଭରା ହୀରା ଯୋଗାଇ ଦେବା ସହ ସାରା ରାଜ୍ୟରେ ଅରୁନ୍ଧତୀର ସମସ୍ତ ଶାଖାରେ ପ୍ରଥମ ଥର ପାଇଁ ନ୍ୟାଚୁରାଲ ଡାଏମଣ୍ଡ ଟେଷ୍ଟିଂ ମେସିନ ଉପଲବ୍ଧ କରାଇଛି। ଏହା ମାଧ୍ୟମରେ ଗ୍ରାହକ ପ୍ରକୃତ ହୀରା ବିଷୟରେ ଜାଣି ପାରିବେ। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ପ୍ରତିଟି ଓଡ଼ିଆ ଉପଭୋକ୍ତା ଅରୁନ୍ଧତୀକୁ ନିଜ ହୃଦୟରେ ସ୍ଥାନ ଦେଇ ଏଭଳି ସମ୍ମାନର ଅଧିକାରୀ କରାଇଥିବାରୁ ସମଗ୍ର ଓଡ଼ିଶାବାସୀଙ୍କୁ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

**ଶୁଳ୍କ ଅନିଶ୍ଚିତତା କାରଣରୁ ଆର୍‌ବିଆଇର ନିଷ୍ପତ୍ତି**

# ସୁଧ ହାର ଅପରିବର୍ତ୍ତିତ



ମୁମ୍ବାଇ, ୬।୮ (ଏଜେନ୍ସି): ଆମେରିକାର ଶୁଳ୍କ ଧମକ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ସାଧାରଣ ଜନତାକୁ କୌଣସି ଆଶ୍ୱସ୍ତି ଦେଇନାହିଁ। ସୁଧ ହାର (ରେପୋ ରେଟ୍)ରେ କୌଣସି ପରିବର୍ତ୍ତନ କରିନାହିଁ। ଏହାକୁ ପୂର୍ବ ଭଳି ୫.୫ ପ୍ରତିଶତରେ ଅପରିବର୍ତ୍ତିତ ରଖାଯାଇଛି। ଗତ ତିନି ତାରିଖରୁ ଆଜି ପର୍ଯ୍ୟନ୍ତ ଚାଲିଥିବା ଆର୍‌ବିଆଇର ମୁଦ୍ରା ନୀତି କମିଟି (ଏମପିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷ ହେବା ପରେ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ଘୋଷଣା କରିଛନ୍ତି। ଶୁଳ୍କକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ଯୋଗୁଁ କମିଟିର ସଦସ୍ୟମାନେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଅନ୍ୟ ପ୍ରମୁଖ ହାର ଷ୍ଟାଣ୍ଡିଂ ଡିପୋଜିଟ୍ ଫାସିଲିଟି (୫.୨୫%), ମାର୍ଜିନାଲ ଷ୍ଟାଣ୍ଡିଂ ଫାସିଲିଟି ଏବଂ ବ୍ୟାଙ୍କ ରେଟ ୫.୭୫ ପ୍ରତିଶତରେ ସ୍ଥିର ରଖା ଯାଇଥିବା ସେ ସୂଚନା ଦେଇଛନ୍ତି। ରେପୋ ରେଟ ଅପରିବର୍ତ୍ତିତ ରହିଥିବାରୁ ଋଣ ହାର ହ୍ରାସ ପାଇବ ନାହିଁ କି ସୁଧ ହାର ବଢ଼ିବ ନାହିଁ। ଇଏମ୍‌ଆଇ ମଧ୍ୟ ମହଙ୍ଗା ହେବ ନାହିଁ। ଏହା ପୂର୍ବରୁ ଆର୍‌ବିଆଇ ଜୁନ୍‌ରେ ସୁଧହାରକୁ ୦.୫୦ ପ୍ରତିଶତ ହ୍ରାସ କରି ୫.୫ ପ୍ରତିଶତ କରିଥିଲା।

ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ ଅର୍ଥନୀତି' ମନ୍ତବ୍ୟକୁ ନେଇ ଆର୍‌ବିଆଇ ଗଭର୍ଣ୍ଣର କଡ଼ା ଜବାବ ଦେଇଛନ୍ତି। ଭାରତୀୟ ଅର୍ଥନୀତି ବହୁତ ଭଲ କରୁଛି। ବିଶ୍ୱ ବିକାଶକୁ ଆମରିକାଠାରୁ ଢେର ଅଧିକ ଯୋଗଦାନ ଦେଉଛି। ଭାରତ ୧୮ ପ୍ରତିଶତ ଯୋଗଦାନ ଦେଉଥିବାବେଳେ ଆମେରିକାର ମାତ୍ର ୧୧ ପ୍ରତିଶତ ବା ତାହାଠାରୁ କମ୍ ରହିଛି। ଆଗାମୀ ଦିନରେ ବିଶ୍ୱ ବିକାଶକୁ ଭାରତର ଯୋଗଦାନ ମଧ୍ୟ ବଢ଼ିବାକୁ ଯାଉଛି। ମୌସୁମୀ ଋତୁ ଠିକ୍‌ରେ ଚାଲିଥିବାବେଳେ ଆଗକୁ ପାର୍ବଣ ଋତୁ ଆସୁଛି। ଏହା ଭାରତର ଆର୍ଥିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବ। ବିଶ୍ୱସ୍ତରରେ ଆହ୍ୱାନ ସୃଷ୍ଟି ହୋଇଥିଲେ ହେଁ ସରକାର ଏବଂ ଆର୍‌ବିଆଇର ନୀତି ଭାରତୀୟ ଅର୍ଥବ୍ୟବସ୍ଥାକୁ ଭଲ ସଙ୍କେତ ଦେଉଛି। ଭୂ-ରାଜନୈତିକ ସ୍ଥିତିରେ ଲାଗିଥିବା ଅନିଶ୍ଚିତତା ମଧ୍ୟ ସାମାନ୍ୟ ହ୍ରାସ ପାଇଛି। ତେଣୁ ଜିଡିପି ଅଭିବୃଦ୍ଧି ହାର ଚଳିତ ଆର୍ଥିକ ବର୍ଷରେ ୬.୫ ପ୍ରତିଶତ ରହିବ

- ଟ୍ରମ୍ପଙ୍କ 'ମୃତ ଅର୍ଥନୀତି'କୁ ମାଲହୋତ୍ରାଙ୍କ ଜବାବ
- ବିଶ୍ୱ ବିକାଶରେ ଭାରତର ଯୋଗଦାନ ଆମେରିକାଠୁ ଅଧିକ
- ମାଗଣା ହେବନାହିଁ ୟୁପିଆଇ ସେବା

ବୋଲି ସେ କହିଛନ୍ତି। ସେହିପରି ନିକଟରେ ଟ୍ରମ୍ପ ଘୋଷଣା କରିଥିବା ଶୁଳ୍କ,ବେପାରକୁ ନେଇ ଚାଲିଥିବା ମୂଲଚାଲ, ଦୀର୍ଘଦିନ ଧରି ଚାଲିଥିବା ଭୂରାଜନୈତିକ ଉତ୍ତେଜନା, ବିଶ୍ୱ ଆର୍ଥିକ ବଜାରରେ ଲାଗି ରହିଥିବା ଅସ୍ଥିରତା ଆଦି ଘଟଣା ଭାରତୀୟ ଅର୍ଥନୀତିର ଅଗ୍ରଗତିକୁ ପ୍ରଭାବିତ କରିପାରେ ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି। ଏହା ସତ୍ତ୍ୱେ ଭାରତର ଘରୋଇ ଅର୍ଥନୀତି ମଜବୁତ ହେବାରେ ଲାଗିଛି।

ଆଗାମୀ ଦିନରେ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ସେବା ଉପରେ ଦେୟ ଦେବାକୁ ପଡ଼ିପାରେ ବୋଲି ଆର୍‌ବିଆଇ ଗଭର୍ଣ୍ଣର ସୂଚନା ଦେଇଛନ୍ତି। ଏହି ବ୍ୟବସ୍ଥା ଚଳାଇବାକୁ ଖର୍ଚ୍ଚ ହେଉଛି। ତେଣୁ ଏହି ଖର୍ଚ୍ଚ କାହାକୁ ନା କାହାକୁ ତ ଉଠାଇବାକୁ ପଡ଼ିବ। ୟୁପିଆଇ ସବୁବେଳ ପାଇଁ ମାଗଣା ରହିବା କଥା କେବେ କହିନାହାନ୍ତି ବୋଲି ମାଲହୋତ୍ରା ଉଲ୍ଲେଖ କରିଛନ୍ତି। ଏହି ବ୍ୟବସ୍ଥାକୁ ସ୍ଥାୟୀ କରିବାକୁ ହେବ। ସରକାର ହୁଅନ୍ତୁ ଅବା ବ୍ୟାଙ୍କ କିମ୍ବା ବ୍ୟବସାୟୀ ଆଉ ଯିଏ ବି ଦେୟ ପୈଠ କଲେ କୌଣସି ଫରକ ପଡେ ନାହିଁ। ସେବାର ଖର୍ଚ୍ଚ ବହନ ନ କଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାକୁ ଚଳାଇ ହେବ ନାହିଁ।

# ଋଷ ସହ ଆମେରିକା ଓ ୟୁରୋପୀୟ ସଂଘର କାରବାର ଭାରତଠୁ ଅଧିକ



ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଋଷ ସହ ଭାରତର ତୈଳ କାରବାରକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି। ୟୁକ୍ରେନ ଯୁଦ୍ଧକୁ ଭାରତ ବଳ ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି। କିନ୍ତୁ ଖୋଦ ଆମେରିକା ଏବଂ ଏହାର ସହଯୋଗୀ ୟୁରୋପୀୟ ସଂଘ (ଇୟୁ) ଋଷ୍ ଠାରୁ ଲକ୍ଷ ଲକ୍ଷ କୋଟି ଟଙ୍କାର ପ୍ରାକୃତିକ ଗ୍ୟାସ, ୟୁରାନିୟମ ସହିତ ଅନ୍ୟାନ୍ୟ ସାମଗ୍ରୀ କିଣୁଛନ୍ତି। ମାତ୍ର ଭାରତ ଏହି ପ୍ରସଙ୍ଗ ଉଠାଇବାରୁ ଟ୍ରମ୍ପ ଚିଡ଼ିଙ୍କି ଯାଉଛନ୍ତି। କିଛି ଜାଣି ନ ଥିବା କହି ଏଡ଼ାଇ ଚାଲିଛନ୍ତି। ଏଥିରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୋମୁହାଁ ନୀତି ସ୍ପଷ୍ଟ ବାରି ହୋଇ ପଡୁଛି। ଏଭଳି ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ୨୦୨୪ରେ ଋଷ୍ ସହ ୟୁରୋପୀୟ ସଂଘର ଦ୍ୱିପାକ୍ଷିକ କାରବାର ୬୭.୫ ବିଲିୟନ ୟୁରୋ ଅର୍ଥାତ୍ ପ୍ରାୟ ୬ ଲକ୍ଷ ୯୦ ହଜାର କୋଟି ଟଙ୍କା ଥିଲା। ୨୦୨୩ରେ ଏହା ୧୭.୨ ବିଲିୟନ ୟୁରୋ ଅର୍ଥାତ୍ ପ୍ରାୟ ୧୭୬ କୋଟି ଟଙ୍କା ରହିଥିଲା। ଏହା ସେହି ବର୍ଷ କିମ୍ବା ତା ପରେ ଋଷ ସହ ଭାରତ କରିଥିବା ମୋଟ ବ୍ୟବସାୟଠାରୁ ଅଧିକ। ଇୟୁ ୨୦୨୪ରେ ଋଷ୍‌ଠାରୁ ରେକର୍ଡ ୧୬.୫ ମିଲିୟନ ଟନ୍‌ର ଏଲଏନଜି ଆମଦାନୀ କରିଥିଲା। ୨୦୨୨ରେ ଏହା ୧୫.୨୧ ମିଲିୟନ ଟନ୍ ଥିଲା। ଋଷ-ୟୁରୋପ କାରବାର କେବଳ ଶକ୍ତି କ୍ଷେତ୍ରରେ ସୀମିତ ନାହିଁ। ସାର, ଖଣି ଉତ୍ପାଦ, ରାସାୟନିକ, ଲୁହା, ଷ୍ଟିଲ ଏବଂ ଅନ୍ୟ ମେସିନ ଓ ପରିବହନ ସାମଗ୍ରୀ ଉତ୍ପାଦନ କରିଥିଲା ବୋଲି ଭାରତ ପକ୍ଷରୁ କୁହାଯାଇଛି।

୨୦୨୨ରେ ୟୁକ୍ରେନ ଆକ୍ରମଣ କରିବା ପରେ ଇୟୁ ବିପୁଳ ତୈଳ ଏବଂ ଗ୍ୟାସ ଋଷ୍‌ଠାରୁ କ୍ରୟ କରିଥିଲା। ମାତ୍ର ଏବେ ବି ଏହି ୨୭ ରାଷ୍ଟ୍ର ଗୋଷ୍ଠୀ ଚୁପଚାପ ଋଷଠୁ ଏହି ସବୁ ଉତ୍ପାଦ କିଣୁଛନ୍ତି। ମାତ୍ର କଟକଣା ଯୋଗୁଁ ଏହି କାରବାର ହ୍ରାସ ପାଇ

- ଋଷଠୁ ଲକ୍ଷ ଲକ୍ଷ କୋଟିର ସାମଗ୍ରୀ କିଣୁଛି ଆମେରିକା, ୟୁରୋପୀୟ ସଂଘ
- ୨୦୨୪ ଋଷ ସହ ଇୟୁର କାରବାର ଥିଲା ୬.୯୦ ଲକ୍ଷ କୋଟି

ଚାଲିଛି। ୨୦୨୨ର ଏବଂ ଚଳିତ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ ଋଷ୍‌ରୁ ଆମଦାନୀ ୮୬ ପ୍ରତିଶତ ହ୍ରାସ ପାଇଛି। ୨୦୨୫ର ପ୍ରଥମ ତ୍ରୈମାସିକରେ ଇୟୁ ୧.୧୧ ବିଲିୟନ ଡଲାରର ସାମଗ୍ରୀ ଆମଦାନୀ କରିଥିଲା। ୨୦୨୨ ଜାନୁଆରୀରୁ ଏ ପର୍ଯ୍ୟନ୍ତ ଇୟୁ ୨୯୭ ବିଲିୟନ ୟୁରୋର କାରବାର କଲାଣି।

ଅନ୍ୟପଟେ ଚଳିତ ବର୍ଷର ପ୍ରଥମ ୬ ମାସରେ ଋଷଠାରୁ ଆମେରିକା ୨.୫୦ ବିଲିୟନ ଡଲାରର ସାମଗ୍ରୀ ଆଣିଛି। ୪ ବର୍ଷ ତଳେ ଏହା ୧୪.୧୪ ବିଲିୟନ ଡଲାର ଥିଲା। ୨୦୨୨ ଜାନୁଆରୀରୁ ଏ ପର୍ଯ୍ୟନ୍ତ ଆମେରିକା ଋଷଠାରୁ ୨୪.୫୨ ବିଲିୟନ ଡଲାରର କାରବାର କଲାଣି। ଗତ ବର୍ଷ ଆମେରିକା ଋଷରୁ ୧.୨୭ ବିଲିୟନ ଡଲାରର ସାର, ୬୨୪ ନିୟୁତ ଡଲାରର ୟୁରାନିୟମ ଓ ପ୍ଲୁଟୋନିୟମ, ୮୭୮ ନିୟୁତ ଡଲାରର ପାଲାଡିୟମ କାରବାର କରିଥିଲା। ତେବେ ମସ୍କୋ ସହ ଭାରତର କାରବାର ଗତ ବର୍ଷ ୬୫.୭ ବିଲିୟନ ଡଲାରର ଥିଲା।

## ରାଜ୍ୟ ଖବର

**■ ଅପହୃତ ନାବାଳିକାଙ୍କୁ ଉଦ୍ଧାର ପାଇଁ ପୁଲିସ ଲାଞ୍ଚ ମାଗିବା ଅଭିଯୋଗ**

### ଭଦ୍ରକ ଏସ୍‌ପି ଓ ଧାମନଗର ଆଇଆଇସିଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୬।୮ (ସମିସ): ଜଣୈକା ଅପହୃତ ନାବାଳିକା ଝିଅକୁ ଉଦ୍ଧାର କରିବା ପାଇଁ ସମ୍ପୃକ୍ତ ନାବାଳିକାଙ୍କ ପିତାଙ୍କୁ ପୁଲିସ ଟଙ୍କା ଦାବି କରିଥିବା ଭଳି ସଂଗୀନ ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଯଦି ଏପରି ଅଭିଯୋଗ ସତ୍ୟ, ତେବେ ଏହା ସମଗ୍ର ପୁଲିସ ପ୍ରଶାସନ ଉପରେ କଳଙ୍କ ଲଗାଇବା ଭଳି ଅଧିକାରୀଙ୍କ ନିରପେକ୍ଷତା ଉପରେ ସନ୍ଦେହ ସୃଷ୍ଟି କରେ ବୋଲି ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଏପରି ଅଭିଯୋଗକୁ ଦୃଷ୍ଟି ରଖି ଭଦ୍ରକ ଜିଲ୍ଲା ଏସ୍‌ପି, ଧାମନଗର ଥାନା ଆଇଆଇସି ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସମ୍ପୃକ୍ତ ଅପହୃତ ନାବାଳିକାଙ୍କ ପିତାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ପ୍ରକାଶଥାଉକି, ଗତ ୨୦୨୫ ଜୁନ୍ ୧୮ରେ ଅପହରଣ ହୋଇଥିବା ନାବାଳିକା ଝିଅକୁ ଉଦ୍ଧାର ପାଇଁ ପିତାଙ୍କ ପକ୍ଷରୁ ଏକ ଫୌଜଦାରୀ ରିଟ୍ ଆବେଦନ ରୁଜୁ ହୋଇଥିଲା। ଗତ ଶୁଣାଣିରେ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ ବିଷୟରେ କୋର୍ଟକୁ ଅବଗତ କରିଥିଲେ। ଅଦାଲତ ମଧ୍ୟ ପୁଲିସକୁ ନାବାଳିକା ପୀଡ଼ିତାକୁ ଖୋଜିବାରେ କୌଣସି କସରତ ନ ଛାଡିବାକୁ କହିଥିଲେ। ହେଲେ ମାମଲା ଶୁଣାଣି ବେଳେ ପୁଲିସ ନାବାଳିକାଙ୍କୁ ଠାବ କରିସାରିଛନ୍ତି ହେଲେ ଉଦ୍ଧାର କରିବା ପାଇଁ ଆବେଦନକାରୀଙ୍କଠାରୁ ଟଙ୍କା ଦାବି କରିଥିବା ଅଭିଯୋଗ ଆଣିଥିଲେ ଆବେଦନକାରୀଙ୍କ ଆଇନଜୀବୀ। ଟଙ୍କା ନ ଦେଲେ ଉଦ୍ଧାର ଓ ତଦନ୍ତର ଗତିକୁ ମନ୍ଥର କରାଯିବ ବୋଲି ପୁଲିସ ପକ୍ଷରୁ ଆବେଦନକାରୀଙ୍କୁ ଚେତାବନୀ ଦିଆଯାଇଥିଲା। ପୁଲିସ ବିଭାଗ ବିରୁଦ୍ଧରେ ଏପରି ଅଭିଯୋଗ ପାଇଁ ଅଦାଲତ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୧କୁ ଧାର୍ଯ୍ୟ ହୋଇଛି।

**■ ଆମପାଣି ଆବାସିକ ସ୍କୁଲ ନାଁରେ ସାଙ୍ଘାତିକ ଅଭିଯୋଗ**

### ଅସୁସ୍ଥ ଛାତ୍ରକୁ ଓପାସରେ ରଖିଲେ ଶିକ୍ଷକ



କୋକସରା,୬।୮ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣିସ୍ଥିତ ଆବାସିକ ବିଦ୍ୟାଳୟ ନାଁରେ ଜଣେ ଅଭିଭାବକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ଛାତ୍ର ମଙ୍ଗଳବାର ରାତିରୁ ଅସୁସ୍ଥତା ଅନୁଭବ କରିବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହେଲେ ଛାତ୍ରଙ୍କ ଘର ଲୋକଙ୍କୁ ଜଣାଇବା ସହ ମେଡିକାଲ ନେବା ବଦଳରେ ଦାୟିତ୍ୱରେ ଥିବା ଶିକ୍ଷକ ଧମକ ଦେଇ ଓପାରେ ରଖିଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ଛାତ୍ରଙ୍କ ଅଭିଭାବକ କୋକସରା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମତେ ଛାତ୍ର ଅରୁଣ ବିଷି ଆମପାଣି ଆଶ୍ରମ ସ୍କୁଲର ଅନ୍ତେବାସୀ ଛାତ୍ର ଅଟନ୍ତି। ସେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରି ଆସୁଛନ୍ତି। ତାଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଜ୍ୱର ହେବା ଓ ସ୍ୱାସ୍ଥ୍ୟ ଭଲ ନଥିବା କଥା ଦାୟିତ୍ୱରେ ଥିବା ଶିକ୍ଷକ ପ୍ରହ୍ଲାଦ ସାହୁଙ୍କୁ ଜଣାଇ ଥିଲେ। କିନ୍ତୁ ଶିକ୍ଷକ ଜଣକ ମେଡିକାଲ ନେବା ପରିବର୍ତ୍ତେ ରାତିରେ ହିଁ ବାହାରି ଯିବାକୁ ଛାତ୍ରକୁ ଧମକ ଦେବା ସହିତ ଉପାସରେ ରଖିଥିବା ଅଭିଯୋଗ ହୋଇଛି। ଛାତ୍ର ଜଣକଙ୍କ ସକାଳୁ ଜଣେ ସେବକଙ୍କ ଫୋନ୍ ମାଗି ଘରକୁ ଯୋଗାଯୋଗ କରି ଉକ୍ତ ବିଷୟରେ ଅବଗତ କରିଥିଲେ। ଏହାପରେ ଛାତ୍ରଙ୍କ ବିଧବା ମା' ଭବାନୀ ବିଶି ତାଙ୍କୁ ଆଣିବାକୁ ଯାଇ ପୁଅର ସ୍ୱାସ୍ଥ୍ୟବସ୍ଥା ଓ ଉପାସରେ ରହିବା କଥା ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁଙ୍କୁ ଜଣେଇଥିଲେ। ହେଲେ ପ୍ରଧାନଶିକ୍ଷକ ଜଣକ ରାଗ ତମ ତମ୍ ହୋଇ ଅଭିଭାବିକା ଜଣକୁ ଅସଭ୍ୟ ବ୍ୟବହାର ଦେଇ ଘଉଡ଼ାଇ ଦେଇଥିବା ଅଭିଭାବିକା ଜଣକ ଅଭିଯୋଗ କରିଛନ୍ତି। ଏନେଇ ଅଭିଭାବିକା ଜଣକ କୋକସରା ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏହାପରେ ବିଡ଼ିଓ ସିମାଞ୍ଚଳ ମାଝୀ ବିଭାଗୀୟ ଅଧିକାରୀଙ୍କୁ ଜଣେଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିବା ଜଣାପଡିଛି ଏ ବିଷୟରେ କୋକସରା ବିଇଓଙ୍କୁ ଅବଗତ କରିବାରୁ ଡବ୍ଲ୍ୟୁଇଓ ଏବଂ ଡିଡବ୍ଲ୍ୟୁଙ୍କୁ ଅବଗତ କରାଇବା ସହ ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ରିସିଭ୍ ନକରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ରେକର୍ଡସ୍ତରରେ ସୁନା ମୂଲ୍ୟ

ଭୁବନେଶ୍ୱର,୬।୮ (ସମିସ): ସୁନା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହା ବୁଧବାର ସର୍ବକାଳୀନ ସ୍ତରରେ ପହଞ୍ଚି ଯାଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୭୬ ଟଙ୍କା ବୃଦ୍ଧି ପାଇ ୧,୦୦,୪୫୨ ଟଙ୍କାରେ ପହଞ୍ଚିଯାଇଛି। ପୂର୍ବରୁ ସୁନା ମୂଲ୍ୟ ୧,୦୦,୦୭୬ ଟଙ୍କା ଥିଲା। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ୨୪,୫୧୦ ଟଙ୍କା ମହଙ୍ଗା ହେଲାଣି। ସେହିପରି ରୁପା ମୂଲ୍ୟ କେଜି ପିଛା ୧,୦୬୩ ଟଙ୍କା ବୃଦ୍ଧି ପାଇ ୧,୧୩,୪୮୫ ଟଙ୍କା ହୋଇଛି। ପୂର୍ବରୁ ରୁପା ୧,୧୨,୪୨୨ ଟଙ୍କା ଥିଲା। ଭୁବନେଶ୍ୱରରେ ଆଜି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୯୩ ହଜାର ୮୦୦ ଟଙ୍କା ରହିଛି।

### ୨୧ ଇନ୍ସପେକ୍ଟର, ୩ ଏଏସ୍‌ଆଇଙ୍କ ବଦଳି

କଟକ,୬।୮ (ସମିସ): ଖାଲି ପଦବୀ, ପ୍ରଶାସନିକ ଆବଶ୍ୟକତା, ବ୍ୟକ୍ତିଗତ ପ୍ରତିନିଧିତ୍ୱ ଏବଂ ସରକାରୀ ସେବାର ଆଗ୍ରହକୁ ଦୃଷ୍ଟିରେ ରଖି ଆଜି ୨୧ ପୁଲିସ ଇନ୍ସପେକ୍ଟର ଓ ୩ ଏଏସଆଇଙ୍କୁ ବିଭିନ୍ନ ଜିଲ୍ଲା ଓ ପ୍ରତିଷ୍ଠାନକୁ ବଦଳି କରାଯାଇଛି। ଏହିକ୍ରମରେ ଇନ୍ସପେକ୍ଟର ଶେଷଦେବ ଭୋଇ, ସୁଶାନ୍ତ ବେହେରା, ସୁଦୀପ କୁମାର ମହାପାତ୍ର, ବିଜୟ ସାହୁ, କୃପା ବାଗ, ବାଲୁଙ୍କେଶ୍ୱର ନାୟକ, ରଶ୍ମୀ ରଂଜନ ପ୍ରଧାନ, ହେମନ୍ତ କୁମାର ମାଝୀ, ଅରବିନ୍ଦ ଶରଣ ମହାନ୍ତି, ସଂଘମିତ୍ରା ମହାନ୍ତି, ରାଗୁଦା ବିଜୟ କୁମାର, ସରୋଜକାନ୍ତ ସାମଲ, ଶେଷଦେବ ବେହେରା, ସରୋଜ କୁମାର ନାୟକ, ସୁନୀଲ କୁମାର ସୋରେନ, ଅରୁଣ ବଳିଆରସିଂହ, ବୀରବର ଭଗତ, ପ୍ରଶାନ୍ତ ଭୂପତି, ବିଜୟ କୁମାର ବେକ୍, ପ୍ରଦୀପ୍ତ କୁମାର କାନୁନ୍‌ଗୋ ଓ ନିରୋଜ କୁମାର ସାମଲଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ସେହିଭଳି ଏଏସ୍‌ଆଇ ମହେନ୍ଦ୍ର ତାଣ୍ଡି, ଜିତେନ୍ଦ୍ର ସାମଲ ଓ ମିରଜା ମୋଇନ ବାଗଙ୍କୁ ମଧ୍ୟ ବଦଳି କରାଯାଇଥିବା ନେଇ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

# "କଳାକାର ପାଇଁ ପ୍ରତ୍ୟେକଟି ଚରିତ୍ର ଗୁରୁତ୍ୱପୂର୍ଣ୍ଣ"

## ଲିଲି ନାୟକ



ପିଲାଦିନେ ସେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିବା ସହ ଭଲ ନାଚୁଥିଲେ। ଭବିଷ୍ୟତରେ ଭଲ ନୃତ୍ୟଶିଳ୍ପୀ ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ଶିଶୁ କଳାକାର ଭାବେ ସେ ଅଭିନୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପାଠ ପଢ଼ାକୁ ଗୁରୁତ୍ୱ ଦେଇ ସେ ରଙ୍ଗିନ ଦୁନିଆରୁ କିଛି ବର୍ଷ ପାଇଁ ଦୂରେଇ ଯାଇଥିଲେ। ତେବେ ଗ୍ଲାମର ଦୁନିଆରେ ସଫଳତା ହାତେଇବା ନିଶା ତାଙ୍କୁ ଅଧିକ ଦିନ ଅଟକାଇ ପାରିନଥିଲା। ସେ ପୁଣି ମ୍ୟୁଜିକ୍ ଭିଡିଓରୁ କ୍ୟାରିୟର ଆରମ୍ଭ କରିଥିଲେ। 'ତୁ କିଏ ମୋର' ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡ଼ିଓ। ସେ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ 'ଗୁଆଘିଅ' ଗୀତ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସୋରର ଲିଲି ନାୟକ। ବଡ଼ ପରଦାରେ ଅଭିନୟ କରିବାକୁ ନିଜକୁ ପ୍ରସ୍ତୁତ କରୁଥିବା ଲିଲିଙ୍କଠାରୁ ଜାଣିବା ତାଙ୍କ ଅଭିନୟ ଯାତ୍ରା ସମ୍ପର୍କରେ।

**ରଙ୍ଗିନ ଦୁନିଆକୁ କେମିତି ଆସିଲେ?**

● ନାଚିବା ମୋର ଈଶ୍ୱରପ୍ରଦତ୍ତ ଗୁଣ ଥିଲା। ମା' କହୁଥିଲେ ମାତ୍ର ଚାରିବର୍ଷ ବୟସରୁ ମୁଁ ଟିଭି ଦେଖି ଦେଖି ନାଚିବା ଆରମ୍ଭ କରିଥିଲି। ସେବେଠୁ ମୋ ମା' ମୋତେ ଷ୍ଟେଜ୍ ପ୍ରୋଗ୍ରାମକୁ ନେଇ ଯାଉଥିଲେ। ସ୍କୁଲସ୍ତରୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚରେ ନୃତ୍ୟ ପରିବେଷଣ କରିଛି। ଧୀରେ ଧୀରେ ନୃତ୍ୟ ପ୍ରତି ମୋର ଅହେତୁକ ଦୁର୍ବଳତା ହେଲା। ନୃତ୍ୟ ପାଇଁ ମୁଁ କେବେ ବି ତାଲିମ ନେଇନି। ବାପା ମା' ଚାହିଁଥିଲେ ମୁଁ ରଙ୍ଗିନ ପରଦାରେ କାମ କରେ। ପରବର୍ତ୍ତୀ ସମୟରେ ଗ୍ଲାମର ଦୁନିଆକୁ ଆସିବା ଲକ୍ଷ୍ୟରେ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା। ବର୍ତ୍ତମାନ ସୁଦ୍ଧା ମୁଁ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଛି। ତନ୍ମଧ୍ୟରୁ 'ଗୁଆଘିଅ' ଗୀତଟି ମାତ୍ର ୧୧ ଘଣ୍ଟାରେ ୧୦୦ ମିଲିୟନ କ୍ରସ୍ କରିଥିଲା। 'ଗୁଆ ଘିଅ' ମ୍ୟୁଜିକ୍ ଭିଡିଓ ପାଇଁ ପୂରା ଟିମ୍‌କୁ ଶ୍ରେୟ ମିଳିଛି।

**ହିଟ୍ ହୋଇଥିବା ମ୍ୟୁଜିକ୍ ଭିଡିଓ?**

● 'ଗୁଆ ଘିଅ', 'ତୁମୋ ଓଦା ଆଖି', 'ରାଣୀ ତୁ', 'ବାରମାସୀ', 'ସାଙ୍ଗ ହୋ', 'ଗୋଟା ପାନ', 'ମଦରେ ମଦ ତୁ ସହର', 'ଏ କି ଋତୁ', 'ନୂଆ ନୂଆ ପ୍ରେମ', 'ହୃଦୟଟା ତୋ ପାଖେ ରହିଯାଉଛି', 'ପ୍ରେମ ଗଳି', 'ପ୍ରେମଶିଳଖା', 'ତୋ ପ୍ରେମରେ ଦିୱାନ' ଆଦି ଅନେକ ମ୍ୟୁଜିକ୍ ହିଟ୍ ହୋଇଛି।

**କ୍ୟାମେରାକୁ କେମିତି ସାମ୍ନା କରନ୍ତି?**

● ମଞ୍ଚରେ ଯେତେ ନୃତ୍ୟ ପରିବେଷଣ କଲେ ବି, ଏବେ ଯେଉଁ ପ୍ରୋଜେକ୍ଟରେ କାମ କଲେ, ମୋ ଭିତରେ ଭୟ ଥାଏ। ମୋତେ ପୁଣି ଏକ ନୂଆ କାମ କରିବା ଭଳି ଅନୁଭବ ହୁଏ। ମୁଁ କେବେ ଭାବେନି ମୁଁ ସବୁ ଜାଣିଛି। ତେଣୁ ଭୟ ରହିଲେ ସେ କାମକୁ ସେତିକି ଜୋସ୍‌ରେ କରିବା ଦ୍ୱାରା କାମ ଭଲ ହୁଏ। ଏଥିପାଇଁ ଅଧିକ ପରିଶ୍ରମ ମଧ୍ୟ କରିଥାଏ। ମୁଁ ଭାବେ ଏହି ଭୟ ପ୍ରତ୍ୟେକ କଳାକାରଙ୍କ ଭିତରେ ରହିବା ଦରକାର।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ସବୁତକ ମୁଁ ମୋ ମା'ଙ୍କୁ ଦେଇଥିଲି।

**ବଡ଼ ପରଦା ପାଇଁ କିଛି ଯୋଜନା ଅଛି କି?**

● ମ୍ୟୁଜିକ୍ ଭିଡିଓ କରିବା ସମୟରେ ମୋତେ ବିଭିନ୍ନ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଛି। ହେଲେ କିଛି ବ୍ୟକ୍ତିଗତ କାରଣ ଯୋଗୁଁ ମୁଁ ଧାରାବାହିକ କରିନି। ତେବେ ଆଗକୁ ବଡ଼ ପରଦାରେ ଭଲ ଚରିତ୍ର ମିଳିଲେ ମୁଁ ନିଶ୍ଚୟ ଅଭିନୟ କରିବି। ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ନିଜକୁ ପ୍ରସ୍ତୁତ କରୁଛି। ଦର୍ପଣ ସାମ୍ନାରେ ସ୍କ୍ରିପ୍ଟ ଦେଖି ସଂଳାପ କହିବା, ନିଜର ଭଏସ୍ ମଡ୍ୟୁଲେସନ କେମିତି ହେବ ଆଦି ଉପରେ କାମ କରୁଛି। ଏଯାବତ୍ କୌଣସି ଥିଏଟର୍ ଯାଇନି।

**ଆପଣଙ୍କ ଡ୍ରିମ୍ ରୋଲ୍?**

● ମୁଁ ଭାବେ ଜଣେ କଳାକାର ପାଇଁ ପ୍ରତ୍ୟେକଟି ସିନ୍ ଗୁରୁତ୍ୱପୂର୍ଣ୍ଣ। ଯେ କୌଣସି ଚରିତ୍ର ମିଳିଲେ ମୁଁ ଏହାକୁ ନିଖୁଣ ଭାବେ ଫୁଟାଇବାକୁ ଚାହିଁବି। ତେବେ ଚ୍ୟାଲେଞ୍ଜିଂ ଚରିତ୍ରକୁ ଗ୍ରହଣ କରିବାକୁ ବିଶେଷ ପ୍ରାଧାନ୍ୟ ଦେବି।




**ଡ୍ୟାନ୍ସକୁ ବାଦ୍ ଦେଲେ, କେଉଁଥିରେ ଆପଣଙ୍କ ରୁଚି ରହିଛି?**

● ଚିତ୍ର ଆଙ୍କେ। ଭଲ ଭଲ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରେ। ମୋ ପସନ୍ଦର ନାୟକ ଓ ନାୟିକାଙ୍କ ଅଭିନୀତ ସିନେମା ଦେଖିବାକୁ ଭଲ ପାଏ।

**ନିଜକୁ କେମିତି ଫିଟ୍ ରଖନ୍ତି?**

● ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର। ସେଥିପାଇଁ ମୁଁ ଯୋଗ, ୱାର୍କଆଉଟ୍, ଡ୍ୟାନ୍ସ କରେ। ■

# 'ଲଢ଼େଇ'ରେ ଅଭିଲିପ୍ସା



ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଢ଼େଇ'ରେ ଲୋହିତାକ୍ଷଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ଅଭିଲିପ୍ସା। ଅଭିଲିପ୍ସାଙ୍କର ଏହା ହେଉଛି ପ୍ରଥମ ଫିଲ୍ମ। ନିଜର ପ୍ରଥମ ଫିଲ୍ମକୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି। ଏଥିରେ ତାଙ୍କୁ ସୁଯୋଗ କେମିତି ମିଳିଲା ପ୍ରଶ୍ନର ଉତ୍ତରରେ ଅଭିଲିପ୍ସା କୁହନ୍ତି, "ନିର୍ଦ୍ଦେଶକ ଅଶୋକ ପତି ଇନ୍‌ଷ୍ଟାଗ୍ରାମରେ ମୋର କିଛି ରିଲ୍ସ ଓ ମ୍ୟୁଜିକ ଭିଡିଓ ଦେଖିଥିଲେ। ତା'ପରେ ଅଭିନେତା ମନ୍ମୟ ଦେ'ଙ୍କ ଜରିଆରେ ମୋ ସହିତ ଯୋଗାଯୋଗ କରିଥିଲେ। ଏହି ଭୂମିକା ପାଇଁ ମୋତେ ଅଡିସନ୍ ଓ ଲୁକ୍ ଟେଷ୍ଟ ଦେବାକୁ ପଡ଼ିଥିଲା। ଶେଷରେ ମୁଁ ମନୋନୀତ ହୋଇଥିଲି।" ପ୍ରଥମେ ଏହାକୁ ସେ ସହଜରେ ଗ୍ରହଣ କରି ପାରି ନଥିଲେ। ତାଙ୍କ ପାଇଁ ଏହା ବେଶ୍ ଅବିଶ୍ୱସନୀୟ ଥିଲା। ସବୁ କିଛି ଚୂଡ଼ାନ୍ତ ହେବା ପରେ ସେ ନିଜ ଭଉଣୀକୁ ପ୍ରଥମେ ଏହି କଥା ଜଣାଇ ଥିବା କହନ୍ତି। ବାପା ଓ ମା'ଙ୍କ ସମର୍ଥନ ନ ଥିଲେ ସେ ଏତେ ବାଟ ଆସିପାରି ନଥାନ୍ତେ ବୋଲି କହିଛନ୍ତି। ଚଳଚ୍ଚିତ୍ର ପାଇଁ ସମସ୍ତ ଶ୍ରେୟ ସେ ନିର୍ଦ୍ଦେଶକ ଅଶୋକ ପତି ଓ ପ୍ରଯୋଜକ ଦେବାଶିଷ ପଟ୍ଟନାୟକଙ୍କୁ ଦେଇଛନ୍ତି। ଏଥିରେ ଅଭିଲିପ୍ସାଙ୍କୁ ଜଣେ ଗାଉଁଲି ଝିଅର ଚରିତ୍ରରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଚଳଚ୍ଚିତ୍ରରେ ସୁଯୋଗ ମିଳିବା ପୂର୍ବରୁ ଅଭିଲିପ୍ସା 'ଅଳ୍ପ ଟିକେ ପ୍ରେମ', 'ପାଟ ଓଢଣୀ', 'କର୍ଫ୍ୟୁ', 'ନିଜଠୁ ନିଜର' ଓ 'ଯେବେ ନିଜର କଲା ତୋ ନଜର' ଆଦି ଅନ୍ୟାନ୍ୟ ମ୍ୟୁଜିକ ଭିଡିଓରେ ଅଭିନୟ କରିଛନ୍ତି। ■

# 'ସନ୍ଧ୍ୟା' ଚରିତ୍ରରେ ଲିପି



ଦର୍ଶକଙ୍କ ଆଗରେ... ଦଶହରାରେ ଆସିବାକୁ ଯାଉଛି ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ର ଏହା ହେଉଛି ଷଷ୍ଠ ଅବଦାନ। ତେବେ ଦୀର୍ଘଦିନ ବ୍ୟବଧାନ ପରେ ଲିପିଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିବ। ଏହି ସିନେମାରେ ଲିପି 'ସନ୍ଧ୍ୟା' ଚରିତ୍ରରେ ନଜର ଆସିବେ। ଜୀବନରେ ଜିତିବା ପାଇଁ କଠିନ ସଂଘର୍ଷ କରୁଥିବ। ଜଣେ ଦୃଢ଼ ନାରୀଭାବେ ଏଥିରେ ତାଙ୍କୁ ଦେଖିବାକୁ ମିଳିବ। ଏହିପରି ଭାବେ ସେ ଏକ ଦମ୍‌ଦାର ଚରିତ୍ରରେ ଦର୍ଶକଙ୍କ ମନ ଜିଣିବେ। ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳି ଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ୍ ନାୟକ। ଅନ୍ୟପକ୍ଷରେ ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି। ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅର୍ଦ୍ଧେନ୍ଦୁ ଓ ଏଲିନା। ■

# ଅଗଷ୍ଟ ୯ରୁ 'କିଚେନ ହଙ୍ଗାମା'






ଅଗଷ୍ଟ ୯ ତାରିଖରେ ତରଙ୍ଗ ଚ୍ୟାନେଲରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ଶୁଭାରମ୍ଭ ହେବ ନୂଆ ରିଆଲିଟି ଶୋ' 'କିଚେନ ହଙ୍ଗାମା'। ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଏହା ପ୍ରସାରିତ ହେବ। ତେବେ ଏହି ଶୋ' ଅନ୍ୟ ରିଆଲିଟି ଶୋ'ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ କଳାକାର ସେମାନଙ୍କର ଅଭିନୟ କି ନାଚ କିମ୍ବା ଗୀତ ନୁହେଁ, ବରଂ ରୋଷେଇ କଳା କୌଶଳ ଦେଖାଇବେ। ତେଣୁ ଏହି ଶୋ'ରେ ଟେଲିଭିଜନର ଲୋକପ୍ରିୟ କଳାକାରଙ୍କ ମଧ୍ୟରେ ଏକ ଦମ୍‌ଦାର ରୋଷେଇ ପ୍ରତିଯୋଗିତା ଦେଖିବାକୁ ମିଳିବ। ଏଥିରେ ଯୋଡ଼ି ହୋଇ ପ୍ରତ୍ୟେକ କଳାକାର ରୋଷେଇ କରିବେ। ସେହିପରି ଏଥିରେ ବିଚାରକ ଭାବେ ନଜର ଆସିବେ ମାଷ୍ଟର ସେଫ୍ ଅବିନାଶ। ଶୋ'କୁ ସଂଚାଳନ କରିବେ ଚାନ୍ଦିନୀ। କେବଳ ରୋଷେଇ ନୁହେଁ, ନାଚ, ଗୀତ ମାଧ୍ୟମରେ ଏହି ଶୋ' ଦର୍ଶକଙ୍କର ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି। ■

# 'ବିନ୍ଦୁସାଗର'ରେ ବଲିଉଡ୍ ପ୍ରଯୋଜକ



ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁ ସାଗର'। ବଲିଉଡ୍‌ର ଲୋକପ୍ରିୟ ପ୍ରଯୋଜକ ଶିଳାଦିତ୍ୟ ବୋରା ତାଙ୍କର ପ୍ଲାଟୁନ୍ ୱାନ୍ ଫିଲ୍ମସ ସହିତ ଏହି ଫିଲ୍ମ ମାଧ୍ୟମରେ ଓଡ଼ିଶାରେ ଡେବ୍ୟୁ କରିବେ। ତେବେ ଶିଳାଦିତ୍ୟ 'ନ୍ୟୁଟନ', 'ପିକାସୋ' ଫିଲ୍ମ ପାଇଁ ସୁପରିଚିତ। ସେ କହିଛନ୍ତି, ଓଡ଼ିଆ ଫିଲ୍ମ ଏବେ ଦର୍ଶକଙ୍କ ପାଇଁ ଚମତ୍କାର ବିଷୟ ବସ୍ତୁ ଉପସ୍ଥାପନ କରିଥିଲେ ବି ଏହା ବିଶ୍ୱବ୍ୟାପୀ ଦର୍ଶକଙ୍କ ପାଖରେ ସମ୍ପୂର୍ଣ୍ଣ ଉନ୍ମୋଚିତ ହୋଇପାରି ନାହିଁ। ତେଣୁ ଖୁବ୍‌ଶୀଘ୍ର ଓଡ଼ିଆ ଚଳଚ୍ଚିତ୍ର ଏକ ନୂଆ ଶିଖରରେ ପହଞ୍ଚିବାକୁ ଯାଉଛି। ଏହି ଫିଲ୍ମ କିଭଳି ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଆକର୍ଷିତ କରିବ, ତାହା ଉପରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ତାଙ୍କ ମତରେ, ଏହି ଫିଲ୍ମ ପୁରାତନ ମୂଲ୍ୟବୋଧକୁ ପ୍ରମାଣିତ କରିବ। ସିନେମାର ନିର୍ଦ୍ଦେଶନାରେ ଅଭିଷେକ ସ୍ୱାଇଁ ଅଛନ୍ତି। ଅନ୍ୟପଟେ ଓଡ଼ିଶା ଓ ଲଣ୍ଡନରେ ସୁଟିଂ ହୋଇଥିବା ଏହି ଫ୍ୟାମିଲି ଡ୍ରାମା ପ୍ରେମ ଓ ପରମ୍ପରାର ଏକ କାହାଣୀ ଉପରେ ପର୍ଯ୍ୟବସିତ। ■

# ଅଧା କେଶ ଓ ନିଶ କାଟି ସେଟ୍‌ରେ ଅଭିନେତା

ପରଦା ପଛର କାହାଣୀ



ବଲିଉଡ୍‌ରେ ଅନେକ କଳାକାର ନିଜର ପ୍ରତିଭା ତଥା କଠିନ ପରିଶ୍ରମ ବଳରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ କିଶୋର କୁମାର। ସେ ଜଣେ ଭଲ ଗାୟକ ଓ ଅଭିନେତା ଭାବେ ପ୍ରସିଦ୍ଧ। ତାଙ୍କର ଅଭିନୟ ଓ ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦିଏ। ୧୯୪୬ ମସିହାରେ 'ଶିକାରୀ' ଫିଲ୍ମ ମାଧ୍ୟମରେ ଅଭିନୟ ଜଗତରେ ପାଦ ଥାପିଥିବା କିଶୋର କୁମାର କୌତୁକିଆ ଓ ସ୍ପଷ୍ଟବାଦୀ ଥିଲେ। ତାଙ୍କୁ ନେଇ ଅନେକ ରୋଚକ କଥା ରହିଛି। ତେବେ ନିକଟରେ ତାଙ୍କ ସହ ଜଡ଼ିତ ଏକ ରୋଚକୀୟ ଘଟଣା ସାମ୍ନାକୁ ଆସିଛି। ଥରେ ସେ ପ୍ରଯୋଜକଙ୍କ ଉପରେ ରାଗିଯାଇ, ଅଧା କେଶ ଓ ନିଶ କାଟି ସେଟ୍‌ରେ ପହଞ୍ଚିଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ ତାଙ୍କ ଧର୍ମପତ୍ନୀ ଲୀନା ଚନ୍ଦାବରକର କହିଛନ୍ତି। ତାଙ୍କ କହିବାନୁଯାୟୀ, ଥରେ କିଶୋର କୁମାର କୌଣସି ଏକ ଫିଲ୍ମର ସୁଟିଂ କରୁଥିଲେ। କିନ୍ତୁ ପ୍ରଯୋଜକ ତାଙ୍କୁ ସେଥିରେ ଅଧା ଟଙ୍କା ଦେଇଥିଲେ। ଫିଲ୍ମ ପୂରା ହେଲା ପରେ ସେ କିଶୋରଙ୍କୁ ବାକି ଟଙ୍କା ଦେବା ପାଇଁ କହିଥିଲେ। ଏ କଥାକୁ ନେଇ କିଶୋର ଖୁବ୍ ରାଗି ଯାଇଥିଲେ। ଏହାର ଜବାବ ସେ ନିଜ ଷ୍ଟାଇଲ୍‌ରେ ଦେବାକୁ ସ୍ଥିର କରିଥିଲେ। ତା' ପରଦିନ ସେ ଅଧା କେଶ ଓ ଅଧା ନିଶ ନିଶ କାଟି ଫିଲ୍ମ ସେଟ୍‌କୁ ପହଞ୍ଚିଥିଲେ। ଏହାର କାରଣ ପଚାରିବାରୁ ସେ କହିଥିଲେ, "ଅଧା ଟଙ୍କା ମିଳିଛି। ତେଣୁ ଗେଟ୍‌ଅପ୍ ମଧ୍ୟ ଅଧା ରହିବ। ଯେତେବେଳେ ପୂରା ଟଙ୍କା ମିଳିବ, ସେତେବେଳେ ପୁରା ଗେଟ୍‌ଅପ୍ ରହିବ।" ■

## ହେବନି ଆରଟିଆଇ ପରିସରଭୁକ୍ତ | ବିସିସିଆଇକୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୬।୮ (ଏଜେନ୍ସି): ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇକୁ ବଡ଼ ଆଶ୍ୱସ୍ତି ମିଳିଛି। ବିସିସିଆଇ ରାଇଟ୍ ଟୁ ଇନ୍‌ଫର୍ମେସନ (ଆରଆଇଟି) ପରିସର ଭୁକ୍ତି ହେବ ନାହିଁ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍‌ରେ ସଂଶୋଧନ କରିଛି। ଯେଉଁ କ୍ରୀଡ଼ା ସଂସ୍ଥା ବା ଫେଡେରେସନ ସରକାରୀ ସହାୟତା ନେଉଛନ୍ତି, ସେଗୁଡିକ ଉପରେ କେବଳ ଏହି ବିଧେୟକ ଲାଗୁ ହେବ। ବିସିସିଆଇ କ୍ରୀଡ଼ା ମନ୍ତ୍ରଣାଳୟଠାରୁ କୌଣସି ଅନୁଦାନ ନେଇ ନଥାଏ। ତେଣୁ ବିସିସିଆଇ ପୂର୍ବ ଭଳି ସ୍ୱତନ୍ତ୍ର ହୋଇ ରହିବା ନିଶ୍ଚିତ ହୋଇଛି। ଏଥିସହ ଦୀର୍ଘ ଦିନ ଧରି ଏ ନେଇ ଚାଲିଥିବା ଚର୍ଚ୍ଚାର ଅନ୍ତ ଘଟିଛି। ପୂର୍ବରୁ ମଧ୍ୟ ସରକାର ଏହି ବିଲ୍ ଆଣିବାକୁ ଏକାଧିକ ବାର ପ୍ରୟାସ କରିଥିଲେ। କିନ୍ତୁ ବିଭିନ୍ନ ସଂଗଠନ ବିସିସିଆଇକୁ ଆରଟିଆଇ ପରିସରଭୁକ୍ତ କରିବାକୁ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରିଆସିଛନ୍ତି। କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ଜୁଲାଇ ୨୩ରେ ଲୋକସଭାରେ ନ୍ୟାସନାଲ ସ୍ପୋର୍ଟ୍ସ ବିଲ୍ ଆଗତ କରିଥିଲେ। ଦେଶରେ କ୍ରୀଡ଼ାର ସାମୂହିକ ବିକାଶ ପାଇଁ ଏହି ବିଲ୍‌ର ପ୍ରାସଙ୍ଗିକତା ରହିଛି ବୋଲି ସବୁ ଦଳ ହୃଦୟଙ୍ଗମ କରିଥିଲେ। ଏହି ବିଲ୍ ଅନୁସାରେ ନ୍ୟାସନାଲ ସ୍ପୋର୍ଟ୍ସ ବୋର୍ଡ, ନ୍ୟସାନଲ କ୍ରୀଡ଼ା ନିର୍ବାଚନ ପ୍ୟାନେଲ ଓ ନ୍ୟାସନାଲ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲ ଗଠନ କରାଯିବା ନେଇ ପଦକ୍ଷେପ ନିଆଯିବ। ସଂସଦରେ ଅବଶ୍ୟ ଏହି ବିଲ୍‌କୁ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି (ଜେପିସି)କୁ ପଠାଇବାକୁ ମଧ୍ୟ ଦାବି ହୋଇଥିଲା।

## ଉଷୁରେ ନୂପୁରଙ୍କୁ ସ୍ୱର୍ଣ୍ଣ; ପାୟଲଙ୍କୁ କାଂସ୍ୟ




ଭୁବନେଶ୍ୱର, ୬।୮ (ସମିସ): ଦୁଇ ଓଡ଼ିଆ ଉଷୁ ଖେଳାଳି ନୂପୁର ପଟ୍ଟନାୟକ ଓ ପାୟଲ ପଟ୍ଟନାୟକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଜର୍ଜିଆ ଓପନ୍ ଇଣ୍ଟର ନ୍ୟାସନାଲ ଉଷୁ ଚାମ୍ପିଅନସିପ୍‌ରେ ନୂପୁର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ଉଷୁର ତାଓଲୁ ନାନ୍ ଷ୍ଟାଇଲ୍ ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ଏହି ପ୍ରତିଯୋଗିତାରେ ପାୟଲ ୱିଙ୍ଗ୍ ଚୁନ୍ ଇଭେଣ୍ଟରେ ୩ୟ ହୋଇ କାଂସ୍ୟ ପଦକ ଜିତିଛନ୍ତି।

■ ବିଶ୍ୱ ମିନି ଗଲ୍ଫ ଚାମ୍ପିଅନସିପ୍

## ଭାରତୀୟ ଦଳରେ ବିକାଶ



ଭୁବନେଶ୍ୱର, ୬।୮ (ସମିସ): ଜର୍ମାନୀର ନେହିମ୍ ହଷ୍ଟନ ସହରରେ ଚଳିତ ମାସ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱ ମିନି ଗଲ୍ଫ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ବିକାଶ ଚନ୍ଦ୍ର ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଦେଶ ତଥା ରାଜ୍ୟ ପାଇଁ ପଦକ ଜିତିବା ଲାଗି ବିକାଶ ଆଶାବାଦୀ ରହିଛନ୍ତି। ବିଗତ ୮ ବର୍ଷ ଧରି ବିକାଶ ରାଜ୍ୟରେ ମିନିଗଲ୍ଫ କ୍ରୀଡ଼ାର ପ୍ରଚାର ଓ ପ୍ରସାର ଦିଗରେ କାମ କରିଚାଲିଛନ୍ତି। ସେ ୨୦୦୩ରେ ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୨୪ରେ ଜାତୀୟ ମିନି ଗଲ୍ଫରେ ରୌପ୍ୟ ଓ ୨୦୨୫ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ଜାତୀୟ ଜୁନିଅର ସନ୍ତରଣ ପ୍ରତିଯୋଗିତା

# ଓଡ଼ିଶାର ସାଇ ସ୍ୱରୂପଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଭୁବନେଶ୍ୱର, ୬।୮ (ସମିସ): ଅହମଦାବାଦରେ ଚାଲିଥିବା ଜାତୀୟ ଜୁନିଅର ସନ୍ତରଣ ଚାମ୍ପିଅନସିପ୍‌ରେ ବୁଧବାର ଓଡ଼ିଶାକୁ ଏକ ବଡ଼ ସଫଳତା ମିଳିଛି। ପୁରୁଷ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ସାଇ ସ୍ୱରୂପ ସ୍ୱାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହି ଦୂରତାକୁ ସାଇ ସ୍ୱରୂପ ୨ ମିନିଟ୍ ୩୨.୫୦ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିସହ ଜାତୀୟ ସନ୍ତରଣର କୌଣସି ପ୍ରତିଯୋଗିତାରେ ଓଡ଼ିଶାର ଜଣେ ସନ୍ତରଣକାରୀ ସ୍ୱର୍ଣ୍ଣ ପଦକ ଜିତିବାରେ ଏହା ପ୍ରଥମ ଘଟଣା ହୋଇଛି। ଏହି ସଫଳତା ଲାଗି ସାଇଙ୍କୁ ଓଡ଼ିଶା କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ସାଇ ସ୍ୱରୂପ ଦୁଇ ଦିନ ତଳେ ଏହି ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିଲେ। ସେ ବାଳକ ଗ୍ରୁପ୍-୨ କାଟଗୋରୀର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟକୁ ୩୧.୯୫ ସେକେଣ୍ଡରେ ଶେଷ କରି ୩ୟ ସ୍ଥାନ ହାସଲ କରିଥିଲେ। ଏଥିସହ ଓଡ଼ିଶାର ୨ୟ ପୁରୁଷ ସନ୍ତରଣକାରୀ ଭାବେ ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ତାଙ୍କ ପୂର୍ବରୁ ୧୯୯୧ରେ ରଙ୍କନିଧି ସେଟ୍ ପ୍ରଥମ ଓଡ଼ିଆ ଭାବେ କୋଲକାତାରେ ଅନୁଷ୍ଠିତ ଜାତୀୟ ସନ୍ତରଣର ସବ୍‌ଜୁନିଅର କାଟାଗୋରୀରେ କାଂସ୍ୟ ପଦକ ଜିତିଥିଲେ। ଏବେ ସାଇଙ୍କ ସ୍ୱର୍ଣ୍ଣିମ ସଫଳତା ଜାତୀୟ ସନ୍ତରଣରେ ଓଡ଼ିଶା ପାଇଁ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। କଟକ ବାରଙ୍ଗର ସୁବାସ ଚନ୍ଦ୍ର ସ୍ୱାଇଁ ଓ ରୁନୁ ସ୍ୱାଇଁଙ୍କ ସୁପୁତ୍ର ସାଇ ସ୍ୱରୂପ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ହାଇପର୍‌ଫର୍ମାନ୍ସ ଆକ୍ୱାଟିକ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି।



## ୨୦୨୭ ଦିନିକିଆ ବିଶ୍ୱକପ୍

# କୋହଲି-ରୋହିତଙ୍କୁ ନେଇ ଅନିଶ୍ଚିତତା

ନୂଆଦିଲ୍ଲୀ, ୬।୮ (ଏଜେନ୍ସି):

ଭାରତୀୟ କ୍ରିକେଟ୍‌ର ଦୁଇ ମହାନ ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଟି-୨୦ ଓ ଟେଷ୍ଟ ଫର୍ମାଟ୍‌କୁ ଅଲ୍‌ବିଦା କହିସାରିଛନ୍ତି। ଉଭୟ ଏବେ କେବଳ ଦିନିକିଆ ଫର୍ମାଟ୍ ତଥା ୫୦ ଓଭର କ୍ରିକେଟ୍‌ରେ ଖେଳ ଜାରି ରଖିଛନ୍ତି। ଦିନିକିଆ ଫର୍ମାଟ୍‌ର ପରବର୍ତ୍ତୀ ତଥା ୧୪ତମ ବିଶ୍ୱକପ୍ ୨୦୨୭ରେ ଆଫ୍ରିକା ମହାଦେଶରେ ଖେଳାଯିବ। ଏବେ କୋହଲି ଓ ରୋହିତ୍ ଏହି ବିଶ୍ୱକପ୍‌ରେ ଖେଳିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜାରି ରହିଛି। ଏକ ଜାତୀୟ ଖବର ସରବରାହ ସଂସ୍ଥାକୁ ବିସିସିଆଇର ଜଣେ କର୍ମକର୍ତ୍ତା କହିଛନ୍ତି, 'ବିରାଟ-ରୋହିତଙ୍କ ବୟସ ୨୦୨୭ ମସିହା ବେଳକୁ ପାଖାପାଖି ୪୦ ବର୍ଷ ହୋଇସାରିଥିବ। ତେଣୁ ଏହି ବିଶ୍ୱକପ୍ ଲାଗି ଏକ ସ୍ପଷ୍ଟ ଯୋଜନା କରାଯିବା ଉଚିତ୍। କାରଣ ୧୪ ବର୍ଷ ତଳେ ଆମେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲୁ। ତେଣୁ ଏହି ସମୟ ମଧ୍ୟରେ କିଛି ଯୁବ ଖେଳାଳିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି।' ଏଥିରେ ଆହୁରି ମଧ୍ୟ କୁହାଯାଇଛି, ଏହା ଉପରେ ବିସିସିଆଇ ଖୁବ୍ ଶୀଘ୍ର ଆଲୋଚନା କରିବ। ୨୦୨୭ ବିଶ୍ୱକପ୍ ଲାଗି ଆମ ନିକଟରେ ୨ ବର୍ଷରୁ ଅଧିକ ସମୟ ରହିଛି। ସୀମିତ ଓଭର କ୍ରିକେଟ୍‌ରେ ବିରାଟ ଓ ରୋହିତ୍‌ଙ୍କ ଏକ ବଡ଼ ଅବଦାନ ରହିଛି। ସେମାନେ ପ୍ରାୟ ସବୁକିଛି ହାସଲ କରିସାରିଛନ୍ତି। ତେଣୁ ଆମେ ଭାବୁ ନାହୁଁ ଯେ କେହି ସେମାନଙ୍କ ଉପରେ ଚାପ ପକାଇବ। କିନ୍ତୁ ବିଶ୍ୱକପ୍ ଚକ୍ର ଆରମ୍ଭ ହେବା ପୂର୍ବରୁ ଉଭୟଙ୍କ ସହ ବୃତ୍ତିଗତ ଆଲୋଚନା ହେବା ଉଚିତ୍। ଯେଉଁଥିରେ ଉଭୟ ମାନସିକ ଓ ଶାରୀରିକ ଭାବେ ଫିଟ୍ ରହିଛନ୍ତି କି ନାହିଁ ଦେଖାଯିବ।'



କୋହଲି ଓ ରୋହିତ୍‌ଙ୍କ ପାଇଁ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବା ରାସ୍ତା କଷ୍ଟକର ହୋଇପଡୁଛି। କାହିଁକି ନା ଉଭୟଙ୍କ ଅନୁପସ୍ଥିତିରେ ଯୁବ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଦମ୍‌ଦାର ପ୍ରଦର୍ଶନ କରି ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିଥିଲା। ଏହି ସିରିଜରେ ଭାରତ ସମସ୍ତ ୫ଟି ଯାକ ଟେଷ୍ଟରେ ଲଢ଼େଇ କରିଥିଲା। ଅଧିନାୟକ ଗିଲ୍‌ଙ୍କ ସମେତ ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଋଷଭ ପନ୍ତ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଆକାଶ ଦୀପ୍ ସେମାନଙ୍କ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ବେଶ୍ ପ୍ରଭାବିତ କରିଛନ୍ତି। ତେଣୁ ଏହି ଯୁବ ପିଢ଼ିର ଖେଳାଳି ଏବେ ଟିମ୍ ମ୍ୟାନେଜମେଣ୍ଟର ଆସ୍ଥା ଭାଜନ ହୋଇପାରିଛନ୍ତି। ଯାହା ଫଳରେ କୋହଲି ଓ ରୋହିତ୍‌ଙ୍କ ଭଳି ଦୁଇ ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଟାଣି ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ କୋହଲି ଓ ରୋହିତ୍ ଏହି ଫର୍ମାଟ୍‌ରୁ ଅବସର ନେଇଥିଲେ। ଏହାପରେ ଟେଷ୍ଟରେ ଉଭୟଙ୍କ ପ୍ରଦର୍ଶନ ଆଶାନୁରୂପକ ନ ଥିଲା। ଯେଉଁଥିପାଇଁ ଇଂଲଣ୍ଡ ଗସ୍ତ ପୂର୍ବରୁ ଉଭୟ ଟେଷ୍ଟ ଫର୍ମାଟ୍‌କୁ ମଧ୍ୟ ଅଲ୍‌ବିଦା କରିଥିଲେ। ଏବେ ଉଭୟଙ୍କୁ ମଧ୍ୟ ଦିନିକିଆ ଫର୍ମାଟ୍‌ରୁ ଧିରେ ଧିରେ ଅବ୍ୟାହତି ଦିଆଯିବ ବୋଲି କ୍ରିକେଟ୍ ବିଶେଷଜ୍ଞଙ୍କ ମହଲରେ ଆଲୋଚନା ଚାଲିଛି। ଭାରତ ଏହାର ପରବର୍ତ୍ତୀ ଦିନିକିଆ କ୍ରିକେଟ୍ ସିରିଜ ଅକ୍ଟୋବରରେ ଅଷ୍ଟ୍ରେଲିଆ ଓ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏଥିରେ ଉଭୟଙ୍କ ପ୍ରଦର୍ଶନ କେଉଁଭଳି ରହୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ବିଏଫ୍‌ଆଇ ନିର୍ବାଚନ | ଅନୁରାଗ ପୁଣିଥରେ ଅଯୋଗ୍ୟ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ପୂର୍ବତନ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ତଥା ବିଜେପି ସାଂସଦ ଅନୁରାଗ ସିଂ ଠାକୁରଙ୍କୁ ବଡ଼ ଝଟ୍‌କା ଲାଗିଛି। ପୁଣିଥରେ ସେ ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ)ର ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଅଗଷ୍ଟ ୨୧ରେ ବିଏଫ୍‌ଆଇ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ବୁଧବାର ଜାରି ଅଫିସିଆଲ୍ ଇଲେକ୍ଟୋରାଲ କଲେଜ୍‌ରୁ ତାଙ୍କ ନାମକୁ ବାଦ୍ ଦିଆଯାଇଛି। ଫଳରେ ସେ ଏହି ନିର୍ବାଚନ ଲଢ଼ିପାରିବେ ନାହିଁ। ବିଏଫ୍‌ଆଇର ଆଗାମୀ ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅଗଷ୍ଟ ୨୧ରେ ଅନୁଷ୍ଠିତ ହେବ। ଏଥିରେ ୨୦୨୫-୨୦୨୯ କାର୍ଯ୍ୟକାଳ ଲାଗି ବିଏଫ୍‌ଆଇର କର୍ମକର୍ତ୍ତା ନିର୍ବାଚନ ହେବ। ଏଥିଲାଗି ହିମାଚଳ ବକ୍ସିଂ ସଂଘ (ଏଚ୍‌ପିବିଏ) ପକ୍ଷରୁ ଏହାର ଦୁଇ ପ୍ରତିନିଧି ଭାବେ ଯୋଗଦେବା ଲାଗି ଅନୁରାଗ ଓ ସଭାପତି ରାଜେଶ ଭଣ୍ଡାରୀଙ୍କ ନାମକୁ ଚୟନ କରାଯାଇଥିଲା। କିନ୍ତୁ ଗତ ଏପ୍ରିଲରେ ବିଶ୍ୱ ବକ୍ସିଂ ମହାସଂଘ ଦ୍ୱାରା ଗଠିତ ହୋଇଥିବା ବିଏଫ୍‌ଆଇର ଅନ୍ତରୀଣ କମିଟି ବୁଧବାର ଯାଞ୍ଚ ପରେ ୬୬ ସଦସ୍ୟ ବିଶିଷ୍ଟ ଇଲେକ୍ଟୋରାଲ କଲେଜ୍ ତାଲିକା ଜାରି କରିଥିଲା। ଯେଉଁଥିରେ ଅନୁରାଗଙ୍କ ନାମକୁ ବାଦ୍ ଦିଆଯାଇଥିଲା। ଅନ୍ତରୀଣ କମିଟିର ଅଧ୍ୟକ୍ଷ ଫୈରୁଜ ମହମ୍ମଦଙ୍କ ପକ୍ଷରୁ କୁହାଯାଇଛି, ଅନୁରାଗ ଏଚ୍‌ପିବିଏ'ର ନିର୍ବାଚିତ ସଦସ୍ୟ ନୁହଁନ୍ତି। ତେଣୁ ତାଙ୍କ ନାମାଙ୍କନକୁ ପ୍ରତ୍ୟାଖାନ କରାଯାଇଛି। ପୂର୍ବରୁ ସମାନ କାରଣ ଲାଗି ମାର୍ଚ୍ଚ ୨୮ରେ ମଧ୍ୟ ଅନୁରାଗଙ୍କ ନାମକୁ ପ୍ରତ୍ୟାଖାନ କରାଯାଇଥିଲା। ବିଶ୍ୱ ବକ୍ସିଂ ଦ୍ୱାରା ଅନୁମୋଦିତ ବିଏଫ୍‌ଆଇ ସମ୍ବିଧାନର ଧାରା ୨୦ କୁ ସେ ଉଲ୍ଲଂଘନ କରୁଛନ୍ତି। ଯେଉଁଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଯେଉଁ ବ୍ୟକ୍ତି ଏଜିଏମ୍‌ରେ ଯୋଗଦେବେ ସେ କୌଣସି ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ରାଜ୍ୟ ସଂଘର ଜଣେ ନିର୍ବାଚିତ ସଦସ୍ୟ ହୋଇଥିବେ। ସେହିଭଳି ଅନ୍ୟ ଏକ ଧାରାରେ ଉଲ୍ଲେଖ ରହିଛି, ସେ କୌଣସି ସରକାରୀ କର୍ମଚାରୀ କିମ୍ବା ସରକାରୀ ପଦ ପଦବୀ ଧାରଣ କରୁ ନ ଥିବେ।



## ଜୁଲାଇର ଶ୍ରେଷ୍ଠ କ୍ରିକେଟର ଦୌଡ଼ରେ ଗିଲ୍

ଦୁବାଇ, ୬।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଜୁଲାଇ ମାସର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର ଦୌଡ଼ରେ ରହିଛନ୍ତି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ଜୁଲାଇ ମାସ ଲାଗି ଶ୍ରେଷ୍ଠ ପୁରୁଷ ଖେଳାଳିଙ୍କ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି। ଏଥିରେ ଗିଲ୍‌ଙ୍କ ବ୍ୟତୀତ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର ୱିଆନ ମଲ୍ଡର ମଧ୍ୟ ପୁରସ୍କାର ଦୌଡ଼ରେ ରହିଛନ୍ତି। ନିକଟରେ ଗିଲ୍ ପ୍ରଥମଥର ଲାଗି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ତାଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିବାରେ ସଫଳ ହୋଇଥିଲା। ଏହି ସିରିଜରେ ଗିଲ୍ ମଧ୍ୟ ବେଶ୍ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ୭୫.୪୦ ହାରରେ ୭୫୪ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୪ ଶତକ ଓ ଗୋଟିଏ ଦ୍ୱିଶତକ ରହିଥିଲା। ଏହି ପ୍ରଦର୍ଶନ ବଳରେ ଗିଲ୍ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ଭାରତୀୟ ଅଧିନାୟକ ହୋଇଥିଲେ।

## ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍ | କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ସିରାଜ

ଦୁବାଇ, ୬।୮ (ଏଜେନ୍ସି): ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ବିରାଟ ଲମ୍ଫ ମାରିଛନ୍ତି। ସେ ଏକାଥରରେ ୧୨ଟି ପାହାଚ ଉପରକୁ ଉଠି ବୋଲିଂ ତାଲିକାର ୧୫ତମ ସ୍ଥାନ ହାସଲ କରିଛନ୍ତି। ଟେଷ୍ଟ ଫର୍ମାଟ୍‌ରେ ସିରାଜଙ୍କ ଏହା କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା। ଏଥିପୂର୍ବରୁ ଗତବର୍ଷ ଜାନୁଆରୀରେ ସେ ୧୬ତମ ସ୍ଥାନ ଲାଭ କରିଥିଲେ।

ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସିରାଜ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ସିରିଜରେ ମୋଟ୍ ୧୮୫.୨ ଓଭର ବୋଲିଂ କରି ୨୩ଟି ୱିକେଟ୍ ନେଇଥିଲେ। ଯେଉଁଥି ପାଇଁ ର୍‍ୟାଙ୍କିଙ୍ଗ୍‌ରେ ସେ ୨୭ତମ ସ୍ଥାନରୁ ୧୫କୁ ଉଠିଛନ୍ତି। ଇଂଲଣ୍ଡ ବିପକ୍ଷ ନିର୍ଣ୍ଣାୟକ ୫ମ ଟେଷ୍ଟରେ ସିରାଜ ମୋଟ୍ ୯ଟି ୱିକେଟ୍ ନେଇ ଦଳକୁ ରୋମାଞ୍ଚକ ଭାବେ ୬ ରନରେ ଜିତାଇଥିଲେ। ଫଳରେ ଭାରତ ଟେଷ୍ଟ ସିରିଜକୁ ୨-୨ରେ ସମ୍ମାନର ସହ ଡ୍ର ରଖିବାରେ ସଫଳ ହୋଇଥିଲା। ଇଂଲଣ୍ଡର ଗସ୍ ଆଟକିନସନ ମଧ୍ୟ ୨ଟି ସ୍ଥାନ ଉପରକୁ ଉଠିଛନ୍ତି। ସଦ୍ୟ ମାନ୍ୟତାରେ ସେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କ ସହ ମିଳିତ ଭାବେ ୧୦ମ ସ୍ଥାନରେ ରହିଛନ୍ତି। ଟେଷ୍ଟ ବୋଲିଂ ମାନ୍ୟତାରେ ଯଶପ୍ରୀତ୍ ବୁମ୍‌ରା, ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଓ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଯଥାକ୍ରମେ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।



## ଅଗଷ୍ଟ ୧୦ରେ କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ୍ ଟୁର୍

# ବିଶ୍ୱସ୍ତରୀୟ ପଏଣ୍ଟ ଅର୍ଜନ ଲାଗି ଭଲ ସୁଯୋଗ: ସାଗୋ

ଭୁବନେଶ୍ୱର, ୬।୮ (ସମିସ):

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ରବିବାର ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ୍) ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଆଥ୍‌ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଏକଦିବସୀୟ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ୧୫ଟି ଦେଶର ୧୬୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଯେଉଁଥିରେ ଆୟୋଜକ ଭାରତର ୯୭ଜଣ ଓ ଅନ୍ୟ ୬୩ଜଣ ବିଦେଶୀ ରହିଛନ୍ତି। ଏହି ଇଭେଣ୍ଟ କ୍ରୀଡ଼ାବିତ୍‌ଙ୍କୁ ବିଶ୍ୱସ୍ତରୀୟ ପଏଣ୍ଟ ଅର୍ଜନ ଲାଗି ଏକ ଭଲ ସୁଯୋଗ ରହିଛି ବୋଲି ନୂଆଦିଲ୍ଲୀରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଏଫ୍‌ଆଇ ସଭାପତି ବାହାଦୂର ସିଂହ ସାଗୋ କହିଛନ୍ତି।



### ସିଲଭର କିମ୍ବା ଗୋଲ୍ଡ ଲେଭଲ୍ ଆୟୋଜନ ଆଗାମୀ ଲକ୍ଷ୍ୟ: ସଚିନ

ଭାରତରେ ପ୍ରଥମଥର ଲାଗି ୱାର୍ଲ୍ଡ ଆଥ୍‌ଲେଟିକ୍ସର କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତା ଆୟୋଜନ ହେବ। ଏହାର ମୋଟ୍ ପୁରସ୍କାର ରାଶି ୨୫ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୪ ଲକ୍ଷ ଟଙ୍କା) ରଖାଯାଇଛି। ଅଢ଼େଇ ଘଣ୍ଟାର ସମୟ ଅବଧି ମଧ୍ୟରେ ୧୯ ଗୋଟି ଇଭେଣ୍ଟ ଆୟୋଜିତ ହେବ। ଭାରତ ପରେ ନେପାଳରୁ ସର୍ବାଧିକ ୧୩ଜଣ, ଶ୍ରୀଲଙ୍କାର ୧୦ଜଣ, ମାଲେସିଆର ୯ଜଣ, ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନରୁ ୪ଜଣ ଲେଖାଏ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିବେ। 'ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ଲାଗି ଓଡ଼ିଶାରେ ଭଲ ଭିତ୍ତିଭୂମି ରହିଛି। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରି ଆଗାମୀ ଦିନରେ ସିଲଭର କିମ୍ବା ଗୋଲ୍ଡ ଲେଭଲ୍ ଆୟୋଜନ ପାଇଁ ଲକ୍ଷ୍ୟ ରଖିଛୁ' ବୋଲି ଓଡ଼ିଶା କ୍ରୀଡ଼ା ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଦବ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଦୁଇଥରର ଅଲିମ୍ପିକ ପଦକ ବିଜେତା ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଟୋକିଓରେ ହେବାକୁ ଥିବା ଆଗାମୀ ୱାର୍ଲ୍ଡ ଚାମ୍ପିଅନସିପ୍ ଲାଗି ୟୁରୋପରେ ପ୍ରସ୍ତୁତି ଚଳାଇଛନ୍ତି। ତେଣୁ ସେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଏହି ଏକଦିବସୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବେ ନାହିଁ। ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଜାତୀୟ ରେକର୍ଡଧାରୀ ଧାବକ ଅନିମେଶ କୁଜୁର, ଶ୍ରାବଣୀ ନନ୍ଦ, ଲାଲୁ ପ୍ରସାଦ ଭୋଇ ପ୍ରମୁଖ ଟ୍ରାକ୍‌କୁ ଓହ୍ଲାଇବେ।

# ରଶିଦଙ୍କ ୬୫୦ ୱିକେଟ୍ କୀର୍ତ୍ତିମାନ



ଲଣ୍ଡନ, ୬।୮ (ଏଜେନ୍ସି): ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ଇତିହାସ ରଚିଛନ୍ତି। ବିଶ୍ୱର ପ୍ରଥମ ବୋଲର ଭାବେ ରଶିଦ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୬୫୦ ୱିକେଟ୍ ନେବାର ସୌଭାଗ୍ୟ ହାସଲ କରିଛନ୍ତି। ଇଂଲଣ୍ଡରେ ଆରମ୍ଭ ହୋଇଥିବା ୧୦୦ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ଦି ହଣ୍ଡ୍ରେଡ୍'ରେ ରଶିଦ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଲଣ୍ଡନ ସ୍ପିରିଟ୍ ସହ ଓଭାଲ୍ ଇନଭିସିବଲ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୨୬ ବର୍ଷୀୟ ରଶିଦ ଓଭାଲ୍ ପକ୍ଷରୁ ଖେଳୁଥିଲେ। ମ୍ୟାଚରେ ରଶିଦଙ୍କ ରିଷ୍ଟ ସ୍ପିନକୁ ବୁଝି ନ ପାରି ଲଣ୍ଡନ ସ୍ପିରିଟ୍‌ର ୩ଜଣ ବ୍ୟାଟର୍ ଆଉଟ୍ ହୋଇଥିଲେ। ରଶିଦ ୨୦ ବଲ୍ ପକାଇ ୧୧ ରନ ବ୍ୟୟରେ ୩ଜଣଙ୍କୁ ଆଉଟ୍ କରିଥିଲେ। ଲିଆମ୍ ଡଓସନଙ୍କୁ ଆଉଟ୍ କରି ସେ ଟି-୨୦ କ୍ୟାରିୟରରେ ୬୫୦ ୱିକେଟ୍ ପୂରଣ କରିଥିଲେ। ରଶିଦ ବର୍ତ୍ତମାନ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୪୮୨ ମ୍ୟାଚ୍ ଖେଳି ୧୬.୯ ଷ୍ଟ୍ରାଇକରେଟ୍‌ରେ ୬୫୧ ୱିକେଟ ନେଇଛନ୍ତି। ସେ ୧୭ଥର ୪ ୱିକେଟ୍ ଓ ୪ଥର ପାଞ୍ଚ ୱିକେଟ୍ ସଫଳତା ପାଇଛନ୍ତି। ଏହି ତାଲିକାରେ ରଶିଦଙ୍କ ପଛକୁ ୱେଷ୍ଟଇଣ୍ଡିଜର ଡ୍ୱେନ ବ୍ରାଭୋ ରହିଛନ୍ତି। ବ୍ରାଭୋ ୫୮୨ ଟି-୨୦ ମ୍ୟାଚ୍ ଖେଳି ୬୩୧ଟି ୱିକେଟ୍ ନେଇଛନ୍ତି। ଭାରତୀୟ ଭାବେ ଯୁଜବେନ୍ଦ୍ର ଚହଲ ୩୨୬ ମ୍ୟାଚରୁ ୩୮୦ ୱିକେଟ୍ ନେଇ ତାଲିକାର ୧୪ତମ ସ୍ଥାନରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ରଶିଦ ଟି-୨୦ କ୍ରିକେଟ୍‌ରେ ଜାତୀୟ ଦଳ ଆଫଗାନିସ୍ତାନ ସମେତ ବିଭିନ୍ନ ଦେଶରେ ଅନୁଷ୍ଠିତ ଲିଗ୍‌ରେ ମଧ୍ୟ ଖେଳିଥାନ୍ତି। ଆଇପିଏଲ୍‌ରେ ସେ ବର୍ତ୍ତମାନ ଗୁଜରାଟ ଟାଇଟନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

**ଓଭରଅଲ୍ ଟି-୨୦ରେ ସର୍ବାଧିକ ୱିକେଟ୍**

| ଖେଳାଳି | ଅବଧି | ମ୍ୟାଚ୍ | ବଲ୍ | ୱିକେଟ୍ |
|---|---|---|---|---|
| ରଶିଦ ଖାନ | ୨୦୧୫-୨୦୨୫ | ୪୮୨ | ୧୧୦୨୨ | ୬୫୧ |
| ଡ୍ୱେନ ବ୍ରାଭୋ | ୨୦୦୬-୨୦୨୪ | ୫୮୨ | ୧୧୧୮୩ | ୬୩୧ |
| ସୁନିଲ ନାରାୟଣ | ୨୦୧୧-୨୦୨୫ | ୫୫୪ | ୧୨୫୬୩ | ୫୮୯ |
| ଇମ୍ରାନ ତାହିର | ୨୦୦୬-୨୦୨୫ | ୪୩୪ | ୯୨୭୩ | ୫୪୭ |
| ଶାକିବ ଅଲ୍ ହାସାନ | ୨୦୦୬-୨୦୨୫ | ୪୫୧ | ୯୪୬୫ | ୪୯୮ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS